ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୩୧
୨୮ ଡିସେମ୍ବର, ୨୦୨୫ ରବିବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

ODISHA EXPRESS — SIGHTS TRUTH WRITES TRUTH — ଠିକ୍ ଦେଖେ ଠିକ୍ ଲେଖେ

Pages-8
Price ₹ 5.00
Vol. 17, Issue No. : 231
28th December, 2025 Sunday
Kendrapara

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ


## କଇଁଛଙ୍କ ପିଠିରେ ସାଟେଲାଇଟ ଟ୍ରାନ୍ସମିଟର

**ରାଜନଗର,୨୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ବିଶ୍ୱ ପ୍ରସିଦ୍ଧ ଅଲିଭରିଡଲେ କଇଁଛଙ୍କ ଏନ୍ତୁଡିଶାଳ ଗହୀରମଥା ଏବେ ଚଳଚଂଚଳ । ନଭେମ୍ବର ପହିଲାଠାରୁ ଯୋଜନ ଯୋଜନ ସାମୁଦ୍ରିକ ପଥ ଅତିକ୍ରମ କରି ଲକ୍ଷ ଲକ୍ଷ ମା ଓ ପୁରୁଷ କଇଁଛ ଗହୀରମଥାର ନୀଳ ଜଳରାଶି ଭିତରେ ମିଳନ ପର୍ବରେ ନିମଗ୍ନ । ଏହି ରହସ୍ୟମୟ ଜୀବ ଅଲିଭରିଡଲେ କଇଁଛଙ୍କ ଜୀବନଶୈଳୀ ଏବଂ ସେମାନଙ୍କର ପ୍ରକୃତ ଠିକଣା ଜାଣିବା ପାଇଁ ୯୦ଦଶକଠାରୁ କଇଁଛ ବିଶାରଦ ତଥା ଗବେଷକ ସ୍ୱର୍ଗତ ଡଃ ଚନ୍ଦ୍ରଶେଖର କରଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଡେରାଡୁନସ୍ଥିତ ୱାଇଲ୍ଡ ଲାଇଫ୍ ଇନଷ୍ଟିଟ୍ୟୁଟ କାର୍ଯ୍ୟରତ ବୈଜ୍ଞାନିକମାନଙ୍କ ଦ୍ୱାରା ଗହୀରମଥାକୁ ଅଣ୍ଡାଦାନ କରିବାକୁ ଆସିଥିବା ମା କଇଁଛ ଦେବୀ, ଚନ୍ଦ୍ର ଓ ସରସ୍ୱତୀଙ୍କ ନାମରେ ନାମିତ କରାଯାଇ ସାଟେଲାଇଟ୍ ଟ୍ରନ୍ସମିଟର ଖିଥିଲେ । ମା କଇଁଛ ଅଣ୍ଡା ଦେବା ପରେ ସେମାନଙ୍କ କର୍ମଭୂମିକୁ ଫେରି ଯାଉଥିଲେ । କିନ୍ତୁ ଖାଯାଇଥିବା ଏହି ୩ଟି କଇଁଛ ଶ୍ରୀଲଙ୍କାର ଜାଫନା ଉପକୂଳ ପର୍ଯ୍ୟନ୍ତ ଉପଗ୍ରହ ଜରିଆରେ ଜାଣିବାକୁ ପାଇଥିଲେ । ନିଷିଦ୍ଧ ଇଲାକାରୁ ଆସୁଥିବା ଏହି ରହସ୍ୟମୟୀ ଅଲିଭରିଡଲେଙ୍କ ପ୍ରକୃତ ଠିକଣା ଏଯାଏ ମିଳି ପାରିନାହିଁ । ଚଳିତବର୍ଷ ଡିସେମ୍ବର ମାସ ୨୫ତାରିଖ ଦିନ ଡେରାଡୁନସ୍ଥିତ ୱାଇଲ୍ଡ ଲାଇଫ୍ ଇନଷ୍ଟିଟ୍ୟୁଟ କାର୍ଯ୍ୟରତ ଜୀବ ବିଜ୍ଞାନୀ ସୁରେଶ କୁମାରଙ୍କ ନେତୃତ୍ୱରେ ଗହୀରମଥା ବାବୁବାଲି ଦୀପରେ ଛଅଟି କଇଁଛଙ୍କ ପିଠିରେ ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମିତ ସାଟେଲାଇଟ ଟ୍ରାନ୍ସମିଟର ଖିଛନ୍ତି । ଗହୀରମଥା ସମେତ ଋଷିକୂଲ୍ୟା ଉପକୂଳରେ ୩ଟି କଇଁଛଙ୍କ ପିଠିରେ ମଧ ଟ୍ରନ୍ସମିଟର ଝାଯାଇଛି । ଏଠାରେ ସୂଚନା ଯୋଗ୍ୟ ତିନିବର୍ଷ ପୂର୍ବେ ଗହୀରମଥାକୁ ଅଣ୍ଡା ଦେବାକୁ ଆସିଥିବା ମା କଇଁଛଙ୍କ ପିଠିରେ ଟ୍ରାନ୍ସମିଟର ଲଗାଯାଇଥିଲା । ଏଥିରୁ ଗୋଟିଏ କଇଁଛ ମହାରାଷ୍ଟ୍ରର ରତ୍ନଗିରି ଉପକୂଳରେ ଦେଖିବାକୁ ମିଳିଥିଲା । ଏସଂପର୍କରେ ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକରଙ୍କୁ ପଚାରିବାରୁ ଅଲିଭରିଡଲେ କଇଁଛଙ୍କ ଆଗମନ ସାମୁଦ୍ରିକ ପରିବେଶ ସନ୍ତୁଳନ କ୍ଷେତ୍ରରେ ପ୍ରମୁଖ ଭୂମିକା ଲିଭାଉଛନ୍ତି । ଏହାର ଆଗନ୍ତୁକ ଅତିଥି କଇଁଛଙ୍କ ଗତିବିଧି ଜାଣିବା ପାଇଁ ଏହି ପ୍ରକ୍ରିୟା ଜାରୀ ରଖିଛୁ ବୋଲି କହିଛନ୍ତି ।

## ନୀତି ବାଣୀ

**ସତ୍ୟଂ ତପୋ ଜ୍ଞାନମହିଂସତା ଚ ବିଦ୍ୱତ୍ ପ୍ରଣାମଂ ଚ ସୁଶୀଳତା ଚ
ଏତାନି ଯୋ ଧାରୟତେ ସ ବିଦ୍ୱାନ୍ ନ କେବଳଂଯଃ ପଠତେ ସ ବିଦ୍ୱାନ୍।**

ସତ୍ୟ, ସାଧନା, ଜ୍ଞାନ, ଅହିଂସା, ନମ୍ରତା ଓ ଉତ୍ତମ ବ୍ୟବହାର ପ୍ରଭୃତି ଗୁଣ ଦ୍ୱାରା ଯେ ଅଳଂକୃତ ସେ ପ୍ରକୃତରେ ବିଦ୍ୱାନ୍ । ଯେ ଏ ସବୁ ଗୁଣର ଅଧିକାରୀ ହୋଇନଥାଏ ସେ ଯେତେବଡ଼ ପଣ୍ଡିତ ହୋଇଥିଲେ ବି ବିଦ୍ୱାନ୍ ନୁହେଁ ।

# କେନ୍ଦ୍ର ବିରୋଧରେ କଂଗ୍ରେସର ରଣହୁଙ୍କାର




**ନୂଆଦିଲ୍ଲୀ,୨୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ମହାତ୍ମା ଗାନ୍ଧୀ ଗ୍ରାମୀଣ କର୍ମ ନିଯୁକ୍ତ ଯୋଜନା (ମନରେଗା)ର ନାଁ ବଦଳଇ କେନ୍ଦ୍ର ସରକାର ଆରମ୍ଭ କରିଥିବା ଗ୍ରାମୀଣ ରୋଜଗାର ଯୋଜନା ଏମଜିଏନଆରଇଜିଏକୁ ଭିବିଜି-ଆରଏଏମ-ଜି ବିରୋଧରେ ରଣହୁଙ୍କାର ଦେଇଛି କଂଗ୍ରେସ । ଶନିବାର ଦିନ କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକରେ ମନରେଗାକୁ ବନ୍ଦ କରି କେନ୍ଦ୍ର ଏହା ବିରୋଧରେ ପ୍ରଣୟନ କରିଥିବା ନୂଆ ନାଁ ଓ କାର୍ଯ୍ୟକ୍ରମକୁ ନେଇ ଜୋରଦାର ଚର୍ଚ୍ଚା ହୋଇଥିଲା । ନାଁ ବଦଳାଇବା ବିରୋଧରେ କଂଗ୍ରେସ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରିବ । ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଯେ ମହାତ୍ମା ଗାନ୍ଧିଙ୍କ ନାମରେ କରାଯାଇଥିବା ଯୋଜନାକୁ ବଦଳାଇବା ରାଷ୍ଟ୍ରପିତାଙ୍କ ପ୍ରତି ଅପମାନ ।

ସେ କହିଛନ୍ତି ଯେ ଆମେ ଏମଜିଏନଆରଇଜିଏ ଯୋଜନା ଲାଗି ଦେଶବ୍ୟାପୀ ବ୍ୟାପକ ଆନ୍ଦୋଳନ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛୁ । ଏହି ନିଷ୍ପତ୍ତି ଅନୁସାରେ ଜାନୁୟାରୀ ୫ ତାରିଖରୁ ସାରା ଦେଶରେ ଏମଜିଏନଆରଇଜିଏ ବଚ଼ାଓ ଅଭିଯାନ ଆରମ୍ଭ କରିବୁ । ଖଡଗେ କହିଛନ୍ତି ଆମେ ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ରୋଜଗାର ଯୋଜନା ଗ୍ୟାରେଣ୍ଟି ଅଧିନିୟମ (ଏମଜିଏନଆରଇଜିଏ)କୁ ଯେ କୌଣସି ମୂଲ୍ୟରେ ରକ୍ଷା କରିବୁ । କାରଣ ଏହା କେବଳ ଏକ ଯୋଜନା ନୁହେଁ ବରଂ ଭାରତର ସମ୍ବିଧାନ ଦ୍ୱାରା ପ୍ରଦତ୍ତ ରୋଜଗାରର ଅଧିକାର । ଏଣୁ ଆମେ ଗାନ୍ଧିଜୀଙ୍କ ନାମକୁ ଯୋଜନାରୁ ହଟାଇବା ଲାଗି ସବୁ ଷଡ଼ଯନ୍ତ୍ରକୁ ଗଣତାନ୍ତ୍ରିକ ଉପାୟରେ ବିରୋଧ କରିବାକୁ ସଂକଳ୍ପ କରିଛୁ ।

ଖଡଗେ କହିଛନ୍ତି ଯେ ଦେଶରେ ମନରେଗାକୁ ରଦ୍ଦ କରାଯିବା ଯୋଗୁ ଲୋକେ ଅସନ୍ତୁଷ୍ଟ ଅଛନ୍ତି ଓ ସରକାରଙ୍କୁ ଏହାର ପରିଣାମ ଭୋଗ କରିବାକୁ ପଡିବ । ଏଥିମଧ୍ୟରେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍ତ୍ରୀ ଅଥବା କେନ୍ଦ୍ର ମନ୍ତ୍ରୀମଣ୍ଡଳ ସହ କୌଣସି ପରାମର୍ଶ ବିନା ଏମଜିଏନଆରଇଜିଏକୁ ବଦଳାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି । ରାହୁଲ ଗାନ୍ଧି କହିଛନ୍ତି ଯେ ଏହା ବର୍ତ୍ତମାନର ସ୍ଥିତିକୁ ପ୍ରଦର୍ଶିତ କରୁଛି । ଏଥିରେ ଶାସନ ଏବେ ଜଣେ ବ୍ୟକ୍ତିଙ୍କ ହାତକୁ ଚ଼ାଲି ଯାଇଛି ଓ ନରେନ୍ଦ୍ର ମୋଦି ଯାହା ଚ଼ାହୁଁଛନ୍ତି ତାହା କରାଯାଉଛି ।

ରାହୁଲ କହିଛନ୍ତି ଯେ ଯେପରି ଖଡଗେ କହିଲେ ଆମେ ଏହାକୁ ବିରୋଧ କରିବୁ, ଆମେ ଏହା ବିରୋଧରେ ଲଢ଼ିବୁ ଓ ମୋର ପୁରା ବିଶ୍ୱାସ ସମଗ୍ର ବିପକ୍ଷ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଶ୍ରୀମନ୍ଦିରରେ ମହିଳା ଭକ୍ତଙ୍କୁ ଅସଦାଚ଼ରଣ

## ସେବକଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ




**ପୁରୀ,୨୭।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଶ୍ରୀମନ୍ଦିରରେ ମହିଳା ଭକ୍ତଙ୍କ ପ୍ରତି ଅସଦାଚ଼ରଣ ଅଭିଯୋଗ ହୋଇଛି । ଗତ ୨୪ ତାରିଖରେ ଘଟିଛି ଏହି ଘଟଣା । ଶ୍ରୀମନ୍ଦିର ଭିତରେ ପଶ୍ଚିମ ଦ୍ୱାର ପଟେ ଥିବା ନିଶା ନୃସିଂହ ମନ୍ଦିରରେ ଭକ୍ତଙ୍କ ସହ ଅସଦାଚ଼ରଣ କରାଯାଇଥିଲା । ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଘଟଣାକୁ ନେଇ ମଧ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଆଧାର କରି ଏବେ ଆକ୍ସନ ମୋଡରେ ଶ୍ରୀମନ୍ଦିର ପ୍ରଶାସନ । ସ୍ଥାନୀୟ ଥାନାରେ ତୁରନ୍ତ ଏତଲା ଦେବା ପାଇଁ ସୁପରାଭାଇଜରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହା ଏକ ଘୃଣ୍ୟ ଏବଂ ନିନ୍ଦନୀୟ କାର୍ଯ୍ୟ । ଏଭଳି ଘଟଣାକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସାମାଜିକ ଗଣମାଧ୍ୟମରେ ସୂଚ଼ନା ଦେଇଛନ୍ତି ।

ସେ କହିଛନ୍ତି, ନିଶା ନୃସିଂହ ମନ୍ଦିରରେ ସେବକଙ୍କ ଦ୍ୱାରା ନିୟୋଜିତ ଜଣେ କିଶୋର ଦ୍ୱାରା ଗତ ୨୪ ଡିସେମ୍ବର ସନ୍ଧ୍ୟାବେଳେ ଜଣେ ମହିଳା ଭକ୍ତଙ୍କ ପ୍ରତି ଅସଦାଚ଼ରଣ କରାଯାଇଥିବା ସଂପର୍କରେ ଅଭିଯୋଗ ଆମକୁ ମିଳିଛି । ଏପରି ଘୃଣ୍ୟ ଓ ନିନ୍ଦନୀୟ କାର୍ଯ୍ୟକୁ କୌଣସି ପରିସ୍ଥିତିରେ ବରଦାସ୍ତ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଓମ୍‌ସାର ଆନ୍ଦୋଳନ ଜାରି
# ଆଉଟ୍‌ଡୋରରେ ଘଣ୍ଟାଏ ରୋଗୀସେବା ବନ୍ଦ

**ଛତ୍ରପୁର,୨୭।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ସାରା ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ପଦ ଅପେକ୍ଷା ପାଖାପାଖି ଅଧାରୁ ଅଧିକ ଡାକ୍ତର ପଦବୀ ଖାଲି ରହିଛି । ଏହି ପଦବୀ ସବୁ ପୂରଣ କରିବା ସହ ସୁରକ୍ଷା, ମୂଳ ଦରମା ବୃଦ୍ଧି ଭଳି ଅନ୍ୟାନ୍ୟ ଦାବି ପୂରଣ କ୍ଷେତ୍ରରେ ସରକାରଙ୍କ ଅଣଦେଖା ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇଛି ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏଶନ (ଓମ୍‌ସା) । ଶୁକ୍ରବାରଠାରୁ ୧ ଘଣ୍ଟା ଆଉଟ୍‌ଡୋର (ବହିର୍ବିଭାଗ)ରେ ରୋଗୀସେବା ବନ୍ଦ କରଯାଇଛି । ଏହାକୁ ସମର୍ଥନ ଜଣାଇ ଗଞ୍ଜାମ ଜିଲ୍ଲାର ଛତ୍ରପୁର ଉପଖଣ୍ଡ ଚ଼ିକିତ୍ସାଳୟ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରମାନେ ମଧ୍ୟ ସାମିଲ ହୋଇଛନ୍ତି । ଆନ୍ଦୋଳନର ଦ୍ୱିତୀୟ ଦିନରେ ଉପଖଣ୍ଡ ଚ଼ିକିତ୍ସାଳୟରେ ସକାଳ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ବହିର୍ବିଭାଗ ରୋଗୀସେବା ବନ୍ଦ ରହିଥିଲା । ଯାହାଫଳରେ ରୋଗୀମାନେ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହୋଇଛନ୍ତି । ରୋଗୀମାନେ ଲମ୍ବା ଧାଡ଼ିରେ ଜଗି ରହିଥିବା ବେଳେ ଡାକ୍ତରମାନେ ଅନୁପସ୍ଥିତ ରହିଥିବା ଦେଖିବାକୁ ମିଳିଛି । ଏହି ଚ଼ିକିତ୍ସାଳୟ ଉପରେ ଛତ୍ରପୁର ନିର୍ବାଚ଼ନ ମଣ୍ଡଳୀ ସହିତ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ଲୋକମାନେ ନିର୍ଭର କରୁଥିବା ବେଳେ ଏପରି ସମସ୍ୟା ଯୋଗୁ ବହୁତ ହଇରାଣ ହରକତ ହେଉଥିବା ଦେଖିବାକୁ ମିଳିଛି । ଅନ୍ୟପଟେ ସରକାର ଡାକ୍ତରଙ୍କ ଦାବିଗୁଡିକ ଯଥା ପୂରଣ କରିବା ସହିତ ରୋଗୀଙ୍କୁ ଉଚ଼ିତ ସେବା ଯୋଗାଇବା ନିମନ୍ତେ ସାଧାରଣରେ ଦାବି ହୋଇଛି । ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଏହିପରି ପ୍ରତ୍ୟେକ ଦିନ ୧ ଘଣ୍ଟା ସେବା ବନ୍ଦ ରହିବ ବୋଲି ଛତ୍ରପୁର ଉପଖଣ୍ଡ ଚ଼ିକିତ୍ସାଳୟର ଭାରପ୍ରାପ୍ତ ଅଧୀକ୍ଷକ ଡାକ୍ତର ସୁଦର୍ଶନ ସାହୁ ସୂଚ଼ନା ଦେଇଛନ୍ତି ।

# ଓମ୍‌ସା ଦାବିକୁ ନେଇ ଗଢାହେଲା କମିଟି

**ଭୁବନେଶ୍ୱର,୨୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟର ସାଧାରଣ ଲୋକଙ୍କ ହିତକୁ ଦୃଷ୍ଟିରେ ରଖି ଓ ଚ଼ିକିତ୍ସା ସେବାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ, ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ (ଓମ୍‌ସା) ଦ୍ୱାରା କରାଯାଇଥିବା ବିଭିନ୍ନ ଦାବିଗୁଡ଼ିକର ଅନୁଧାନ କରିବା ନିମନ୍ତେ ଏକ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଜଳିଗଲେ ଦୋକାନୀ

**କେନ୍ଦ୍ରାପଡା,୨୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ଶୁକ୍ରବାର ରାତି ପାହାନ୍ତା ପ୍ରହରରେ କୁଦାନଗରୀ ଥାନା ଅନ୍ତର୍ଗତ କଳାବୁଦା ବାରୁଣୀ ଦୁର୍ଗମଣ୍ଡପ ସଂଲଗ୍ନ ପରିବା ଦୋକାନଟି ରହସ୍ୟଜନକ ଭାବେ ସଂପୂର୍ଣ୍ଣ ଜଳି ଯାଇଛି । ଏହି ଦୋକାନରେ ଶୋଇଥିବା ସ୍ଥାନୀୟ ଗୋବିନ୍ଦପୁର ଗ୍ରାମର ସୁବାସ ଚନ୍ଦ୍ର ମଲ୍ଲିକ(୪୮) ଜୀବନ୍ତ ପୋଡ଼ି ହୋଇ ବିଭତ୍ସଭାବେ ମୃତ୍ୟୁ ବରଣ କରିଛନ୍ତି । ଏହି ଅଭାବନୀୟ ତଥା ଲୋମଟାଙ୍କୁରା ଘଟଣାଟି ସମଗ୍ର ଅଂଚଳରେ ଚାଂଚଲ୍ୟ ଖେଳାଇ ଦେଇଛି । ସୁବାସଙ୍କୁ କେହି ଦୁର୍ବୃତ୍ତ କବାଟବାହାରୁ ବନ୍ଦ କରି ନିଆଁ ଲଗାଇ ମାରି ଦେଇଛି ବୋଲି ସୁବାସଙ୍କ ପୁଅ ଓଁ ପ୍ରକାଶ ମଲ୍ଲିକ କୁଦାନଗରୀ ଥାନାରେ ଲିଖିତ ଆଭିଯୋଗ କରିଛନ୍ତି । କୁଦାନଗରୀ ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା (କେଶ ନମ୍ବର ୩୪୯/୨୫)ରୁଜୁ କରିଛନ୍ତି । ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ସାଇଣ୍ଟିଫିକ ଟିମ ଅଗ୍ନିକାଣ୍ଡ ଘଟିଥିବା ସ୍ଥାନରେ ପହଂଚି ଘଟଣାର ବିଭିନ୍ନ ଦିଗରୁ ଅନୁଧାନ କରୁଛନ୍ତି । ମୃତ ସୁବାସଙ୍କ ଶବକୁ ପୋଲିସ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି । ସୁବାସଙ୍କ ମୃତ୍ୟୁରେ କଳାବୁଦା ବଜାର ବଜାର ବନ୍ଦ ରହିଛି । ବଜାରର ସମସ୍ତ ବ୍ୟବସାୟୀଙ୍କ ସମେତ କଳାବୁଦା ଓ ଗୋବିନ୍ଦପୁର ଗ୍ରାମର ଜନସାଧାରଣ ନିରପେକ୍ଷ ତଦନ୍ତ ପାଇଁ ଦାବିକରି ରାସ୍ତାରେ ଟାୟାର ଜାଳି ଦୀର୍ଘ ସମୟ ଧରି ଆଜି ରାସ୍ତାରୋକ କରିଥିଲେ । ଏପରିକି ଏହି ଘଟଣାକୁ କେନ୍ଦ୍ର କରି ପୋଲିସ ସହିତ ସ୍ଥାନୀୟ ଉତ୍ତେଜିତ ଲୋକଙ୍କର ଧସ୍ତାଧସ୍ତି ହୋଇଥିଲା । ତେବେ ବୁଝାସୁଝା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଛି । ଖବର ନେବାରେ ଜଣାଯାଇଛିଯେ, ସୁବାସ ଚନ୍ଦ୍ର ମଲ୍ଲିକ କଳାବୁଦା ବାରୁଣୀ ଦୁର୍ଗମଣ୍ଡପ ସଂଲଗ୍ନ ଘରକୁ ଭଡାରେ ନେଇ ସେଥିରେ କପଡା,ଡ୍ରେସ ଓ ପନିପରିବା ଆଦି ବ୍ୟବସାୟ କରୁଥିଲେ । ଗତକାଲି ରାତିରେ ସେ ସାଙ୍ଗ ମାନଙ୍କ ସହ ମିଶି ଭୋଜି କରିଥିଲେ । ପ୍ରାୟ ରାତି ଏଗାରଟା ସମୟରେ ସୁବାସ ତାଙ୍କ ବାପାଙ୍କ ପାଇଁ ମାଂସ ତରକାରୀ ନେଇ ଘରକୁ ଯାଇଥିଲେ । ଘରେ ବାପା ଅରକ୍ଷିତ ମଲ୍ଲିକ ତରକାରୀ ରଖିଥିଲେ । *(ଶେଷ ପୃଷ୍ଠା ଦେଖନ୍ତୁ)*

# ଦୁର୍ନୀତି ମାମଲା: ଫଇସଲା ହାର କମ୍

**ଭୁବନେଶ୍ୱର,୨୭।୧୨: ତଥ୍ୟ**

ଓଡିଶାର ବିଭିନ୍ନ ଆଇନ୍ ଅଦାଲତରେ ଏବେ ପ୍ରାୟ ୫ ହଜାର ଭିଜିଲାନ୍ସ ମାମଲା ବିଚାର ପ୍ରତୀକ୍ଷାରେ ରହିଛି । ଦୁର୍ନୀତି ନିବାରଣ ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱାରୋପ କରୁଥିବାବେଳେ ବହୁ ସଂଖ୍ୟକ ଭିଜିଲାନ୍ସ କୋର୍ଟ ପ୍ରତିଷ୍ଠା କରାଯାଇଛି ଏବଂ ଭିଜିଲାନ୍ସ ସଂସ୍ଥାର ମଧ୍ୟ ନବୀକରଣ ହୋଇଛି । ଏହା ସତ୍ତ୍ୱେ ବି ଦୁର୍ନୀତି କମିବାର କୌଣସି ସୂଚନା ଦେଖାଯାଉନାହିଁ ।

ଗତ ସେପ୍ଟେମ୍ବର ମାସରେ କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ପ୍ରକାଶ କରିଥିବା କ୍ରାଇମ୍ ଇନ୍ ଇଣ୍ଡିଆ ରିପୋର୍ଟର ତଥ୍ୟ ମୁତାବକ ସାରା ଦେଶରେ ବର୍ଷକୁ ପ୍ରାୟ ୭.୮ ପ୍ରତିଶତ ଭିଜିଲାନ୍ସ ମାମଲା ଫଇସଲା ହେଉଥିବାବେଳେ ଏଥିରେ ଦଣ୍ଡବିଧାନ ହାର ୪୬.୨ ପ୍ରତିଶତ ରହୁଛି । ଅନ୍ୟ ପକ୍ଷରେ ଓଡିଶାରେ ବର୍ଷକୁ ୭.୨ ପ୍ରତିଶତ ଭିଜିଲାନ୍ସ ମାମଲା ଫଇସଲା ହେଉଥିବାସ୍ଥଳେ ଦଣ୍ଡବିଧାନ ହାର ୪୯.୬ ପ୍ରତିଶତ ରେକର୍ଡ କରାଯାଇଛି । ଅର୍ଥାତ୍ ଜାତୀୟ ହାର ତୁଳନାରେ ଓଡିଶାରେ ଭିଜିଲାନ୍ସ ମାମଲାରେ ଦଣ୍ଡବିଧାନ ହାର ଅଧିକ ଥିବା ଦର୍ଶାଯାଉଛି ।

ଏହି ରିପୋର୍ଟର ତଥ୍ୟ ମୁତାବକ ୨୦୨୩ ବର୍ଷରେ ୩୯୯୪ଟି ଭିଜିଲାନ୍ସ ମାମଲା ବିଚାର ପ୍ରତୀକ୍ଷାରେ ଥିଲା । ଏଥିରୁ ମାତ୍ର ୨୮୯ଟି ମାମଲା ଉକ୍ତ ବର୍ଷରେ ଫଇସଲା ହୋଇଥିବାବେଳେ ସେଥିରୁ ୧୨୪ଟିରେ ଦଣ୍ଡବିଧାନ ହୋଇଥିବାବେଳେ ୧୨୬ଟିରେ କିନ୍ତୁ ଅଭିଯୁକ୍ତମାନେ ଖସିଯାଇଥିଲେ । ଅବଶିଷ୍ଟ ୩୯ଟି ମାମଲା ବନ୍ଦହୋଇ ଯାଇଥିଲା । ସେହିଭଳି ଏହି ରିପୋର୍ଟର ତଥ୍ୟ ମୁତାବକ ୨୦୨୩ ବର୍ଷରେ ସମଗ୍ର ଦେଶରେ ୩୧,୯୭୯ଟି ଭିଜିଲାନ୍ସ ମାମଲା ବିଚାର ପାଇଁ ରହିଥିବାବେଳେ ଉକ୍ତ ବର୍ଷରେ ମାତ୍ର ୨୪୯୫ ଟି ମାମଲା ଫଇସଲା ହୋଇଥିଲା । ଏଥି ମଧ୍ୟରୁ ୧୦୫୨ଟିରେ ଦଣ୍ଡବିଧାନ ହୋଇଥିବାସ୍ଥଳେ ୧୧୭୬ଟିରେ ଅଭିଯୁକ୍ତମାନେ ଖଲାସ ହୋଇଯାଇଥିଲେ।

ଆମ ରାଜ୍ୟ ଓ ଦେଶରେ ଦୁର୍ନୀତି ମାମଲାରେ ଯେତିକିଟି ବି କ୍ଷେତ୍ରରେ ଦଣ୍ଡବିଧାନ ହେଉଛି ସେଥିରୁ ଅଧିକାଂଶରେ ଅଭିଯୁକ୍ତମାନେ ହାଇକୋର୍ଟ ଓ ସୁପ୍ରିମକୋର୍ଟ ଆଦିଙ୍କ ଦ୍ୱାରସ୍ଥ ହୋଇ ମାମଲାକୁ ପ୍ରଲମ୍ବିତ କରୁଛନ୍ତି । ଆମ ରାଜ୍ୟରେ ବି ଏଭଳି ଅନେକ ଭିଜିଲାନ୍ସ ମାମଲା ରହିଛି ଯାହାସବୁ ୨୦/୩୦ ବର୍ଷ ଧରି ଗଡୁଛି ।

ଚାକିରି କାଳରେ ଭିଜିଲାନ୍ସ ମାମଲାରେ ଛନ୍ଦିହୋଇ ଅନେକ ସରକାରୀ ଅଧିକାରୀ ଅବସରଗ୍ରହଣ କରିବାପରେ ମଧ ମାମଲା ଛିଡୁନାହିଁ । ଏମିତିକି ୭୦/୮୦ ବର୍ଷରେ ସେମାନେ ପହଞ୍ଚି ମୃତ୍ୟୁବରଣ କରିବାପରେ ବହୁ ମାମଲା ଅକାମୀ ହୋଇଯାଉଛି । ଭିଜିଲାନ୍ସ ମାମଲାଗୁଡିକରେ ତ୍ୱରିତ ଦଣ୍ଡବିଧାନ କରାଯାଇ ପାରିଲେ ଦୁର୍ନୀତି କରିବାକୁ ସରକାରୀ କର୍ମଚାରୀମାନେ ଭୟ କରନ୍ତେ । ଅନ୍ୟ ପକ୍ଷରେ ଦୁର୍ନୀତି ମାମଲାଗୁଡିକର ତଦନ୍ତ ସହିତ ଅଭିଯୋଗପତ୍ର ଦାଖଲରେ ବିଳମ୍ବ, ଠିକଣା ସମୟରେ ସରକାରଙ୍କ ପକ୍ଷରୁ ଅଦାଲତଙ୍କ ନିକଟରେ ସାକ୍ଷ୍ୟ ପ୍ରମାଣ ଆଦି ଦିଆଯାଇ ନପାରିବା, କେତେକ କ୍ଷେତ୍ରରେ ତଦନ୍ତରେ ତ୍ରୁଟି ଓ ଆଉ କେତେକ କ୍ଷେତ୍ରରେ ମାମଲା ପରିଚାଳନାରେ ସ୍ଥାଣୁତା ଯୋଗୁଁ ଆମ ଦେଶରେ ଭିଜିଲାନ୍ସ ମାମଲାର ଫଇସଲା ଓ ଦଣ୍ଡବିଧାନ ହାର ଢେର କମ୍ ରହୁଛି ବୋଲି ଅଭିଜ୍ଞ ଆଇନଜୀବୀମାନେ ମତବ୍ୟକ୍ତ କରୁଛନ୍ତି ।

ଦୁର୍ନୀତି ରାକ୍ଷାସ ଆମ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଆକ୍ରମଣ କରୁଥିବାବେଳେ ବିଭିନ୍ନ ଉନ୍ନୟନମୂଳକ ଓ ସାମାଜିକ ନିରାପତ୍ତା କାର୍ଯ୍ୟକ୍ରମ ପାଇଁ ରାଜକୋଷରୁ ବରାଦ ହେଉଥିବା ବିପୁଳ ଅର୍ଥରାଶିର କିଛି ଅଂଶ ଦୁର୍ନୀତିଗ୍ରସ୍ତମାନେ ଲୁଟି ନେଉଥିବାରୁ ପ୍ରଗତି ବାଧାପ୍ରାପ୍ତ ହେଉଥିବା ମଧ ସ୍ୱୀକାର କରାଯାଉଛି । (ତଥ୍ୟ)




## ଶିକାରୀ ଫାଶରେ କଲରାପତରିଆ, ୭ ଦିନ ପରେ ଉଦ୍ଧାର

**ନୂଆପଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ଶିକାରୀ ଫାଶରେ ଫସିଗଲା ବାଘ। ୭ ଦିନ ପରେ ଉଦ୍ଧାର କଲା ବନ ବିଭାଗ। ଏଭଳି ଘଟଣା ଘଟିଛି ଓଡ଼ିଶା-ଛତିଶଗଡ ସୀମାନ୍ତବର୍ତ୍ତୀ ଗାରିଆବନ୍ଧ ଜିଲ୍ଲା ଉଦନ୍ତୀ ସୀତାନଦୀ ଜଙ୍ଗଲ ଭିତରେ ଥିବା ତୌରେଙ୍ଗା ବଫର ଜୋନର କୋକୋଡି ଗାଁରେ।

ସୂଚନାଯୋଗ୍ୟ ଯେ, ଶିକାର ଆଶାରେ ଜଣେ ଶିକାରୀ ବାଇକ୍ର କ୍ଲଚ୍ ଓ୍ୟାରରେ ଫାଶ କରି ଜଙ୍ଗଲ ଭିତରେ ରଖିଥିଲେ। ଶିକାର ଲୋଭରେ ସେହି ବାଟ ଦେଇ ଯାଉଥିବା ବାଘଟି ଫାଶରେ ପଡିଯାଇଥିଲା। ଫଳରେ ବାଘଟି ଆଉ କେଉଁଆଡ଼େ ଯାଇପାରି ନଥିଲା। ଗାଁ ଲୋକେ ଦେଖିବା ପରେ ବନ ବିଭାଗକୁ ଏନେଇ ଖବର ଦେଇଥିଲେ। ଖବର ପାଇବା ପରେ ବନ ବିଭାଗ ଡ୍ରୋନ୍ ସାହାଯ୍ୟରେ ବାଘର ସ୍ଥିତି ଅନୁଧ୍ୟାନ କରିଥିଲେ। ବନ ବିଭାଗର ଏସଡିଓ ଗୋପାଳ କଶ୍ୟପଙ୍କ ତତ୍ତ୍ୱାବଧାନରେ ସୁରକ୍ଷିତ ଉଦ୍ଧାର କରିବା ସହ ପ୍ରାଥମିକ ଚିକିତ୍ସା ପରେ ଏବେ ଜଙ୍ଗଲ ସଫାରୀ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା କରାଯାଉଛି। ବର୍ତ୍ତମାନ କଲରାପତରିଆ ବାଘର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡିଛି।

ସେପଟେ ଶିକାରୀଙ୍କୁ ଧରାଇଦେଲେ ୧୦ ହଜାର ଟଙ୍କାର ପୁରସ୍କାର ରାଶି ମଧ ଘୋଷଣା କରିଛି ଛତିଶଗଡ଼ ବନ ବିଭାଗ। ତେବେ ଜଙ୍ଗଲ ଭିତରେ ସ୍ୱାଏ କ୍ୟାମେରା ଲଗାଯାଇଥିବା ବେଳେ ଗତ ୭ ଦିନ ଭିତରେ ୧୯ ଶିକାରୀଙ୍କୁ ଆଣ୍ଟି ପୋଚିଂ ଟିମ୍ ଗିରଫ କରିଥିବା ଜଣାପଡିଛି। ତେବେ ଫାଶରେ ପଡ଼ିଥିବା ବାଘ ପାଇଁ କିଏ ଦାୟୀ ତାହା ଏବେ ତଦନ୍ତ ଜାରି ରହିଛି।

## ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ




**ଯାଜପୁର: ଏକ୍ସପ୍ରେସ ନ୍ୟୁଜ୍**

ଯାଜପୁର ବିଦ୍ୟୁତ୍ ବିଭାଗ ନିର୍ବାହୀ ଅଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଟାଟା କମ୍ପାନୀ ଅଗ୍ରୀମ ସିକ୍ୟୁରିଟି ଆଦାୟକୁ ବିରୋଧ କରି ଜିଲା କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଟାଟା କମ୍ପାନୀ ସମସ୍ତ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ୨୦୨୫ ଡିସେମ୍ବର ୩୦ ସୁଦ୍ଧା ପୂର୍ବରୁ ଅଗ୍ରୀମ ସୁରକ୍ଷା ଧନ ଜମା କରିବାକୁ ନିର୍ଦ୍ଦେଶ ଦେଇଛି। ବର୍ତ୍ତମାନ ମହଙ୍ଗା ପରିସ୍ଥିତିରେ ଏହା ଗରିବ ଏବଂ ମଧ୍ୟବିତ୍ତ ଲୋକଙ୍କ ପାଇଁ ଆର୍ଥିକ ଭାର ସୃଷ୍ଟି କରିବ। ଏହି ନିଷ୍ପତ୍ତିକୁ ଏକ ପାଖିଆ ଏବଂ ଇଚ୍ଛାଧିନ କାର୍ଯ୍ୟକଳାପ ବୋଲି କଂଗ୍ରେସ ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ମହିଳା ନେତ୍ରୀ କନକଲତା ମଲ୍ଲିକ, ଅଧିର କୁମାର ଜେନା, ହରେକୃଷ୍ଣ ସାହୁ, ଦେବେନ୍ଦ୍ର ପ୍ରଧାନ, ଦୁର୍ଯ୍ୟୋଧନ ବେହେରା, ମଧୁସ୍ମିତା ଆଚାର୍ଯ୍ୟ, ନାରାୟଣ ସାମନ୍ତ, ପ୍ରଫୁଲ୍ଲ ରାୟ, ମିହିର ମିଶ୍ର, ଗଦାଧର ଦାସ, ସୁଶାନ୍ତ ମିଶ୍ର, ଉମାକାନ୍ତ ବେହେରା, ଅନୁପମ ମଲ୍ଲିକ, କୁମାର ଆଶୁତୋଷ, ରମେଶ ଚନ୍ଦ୍ର ମଲ୍ଲିକ ସମେତ ଶତାଧିକ କଂଗ୍ରେସ କର୍ମୀ ବିଦ୍ୟୁତ୍ ବିଭାଗ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ଋଣ ପରିଶୋଧ ହେଲାନି, ଘର ଜମି ନିଲାମ

**ଝାରସୁଗୁଡ଼ା: ଏକ୍ସପ୍ରେସ ନ୍ୟୁଜ୍**



ବ୍ୟାଙ୍କରୁ ଲୋନ ଆଣି ପରିଶୋଧ କରିନଥିବା କାରଣରୁ ବେହେରାମାଲରେ ଥିବା ୨ଟି ଘର ଏବଂ ଜମିକୁ ନିଲାମ କରାଯାଇଛି। ୫୪ ଡିସିମିଲ ଜମି ଏହା ଉପରେ ନିର୍ମାଣ ହୋଇଥିବା ୫ ମହଲା ବିଶିଷ୍ଟ ଘରକୁ ବ୍ରଜରାଜନଗରର ବିକାଶ ଗନେରୀୱାଲ ୩ କୋଟି ୪୩ ଲକ୍ଷ ଟଙ୍କା ଦେଇ ଦଖଲକୁ ନେଇଥିବା ବେଳେ ୨୩ ଡିସିମିଲ ଆଉ ଏକ ଜମିକୁ ବେହେରାମାଲର ମାନସ ଜେନା ସରକାରୀ ହିସାବରେ ୪୪ ଲକ୍ଷ ଏବଂ ଅନ୍‌ଲାଇନ୍ ନିଲାମ ହିସାବରେ ୮୪ ଲକ୍ଷ ଟଙ୍କା ଦେଇ ହାସଲ କରିଛନ୍ତି। ଶନିବାର ପୋଲିସ ମୁତୟନ ହୋଇ ଦୁଇଟି ଘରକୁ ଖାଲି କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଝାରସୁଗୁଡ଼ାର ମୁନୁ ଓରଫ ମନଜିତ୍ ସିଂହ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ଋଣ ଆଣିଥିଲେ। କିଛି ବର୍ଷ ସୁଧ ପୈଠ କରିଥିବା ବେଳେ ୨୦୨୧ ମସିହାରୁ ଆଉ ସୁଧ ଟଙ୍କା ଦେଇନଥିଲେ। ବାରମ୍ବାର ବ୍ୟାଙ୍କ କର୍ମଚାରୀଙ୍କୁ ଦୌଡ଼ିବା ପରେ ମଧ ଟଙ୍କା ମିଳିନଥିଲା। ଏମିତିକି ବ୍ୟାଙ୍କ ପକ୍ଷରୁ ବାରମ୍ବାର ନୋଟିସ କରାଯିବା ସତ୍ତ୍ୱେ କୌଣସି ଉତ୍ତର ରଖୁନଥିଲେ। ଋଣ ଏବଂ ସୁଧକୁ ମିଶାଇ ମୋଟ ୫ କୋଟି ୮୫ ଲକ୍ଷ ଟଙ୍କା ହୋଇଥିଲା। ଏହି ଟଙ୍କାକୁ ନେଇ ବ୍ୟାଙ୍କ ପକ୍ଷରୁ କୋର୍ଟର ଆଶ୍ରୟ ନିଆଯାଇ ନିଲାମ କରାଯାଇଥିଲା। ଅନ୍‌ଲାଇନ୍ ନିଲାମ ମାଧ୍ୟମରେ ବ୍ରଜରାଜନଗର ବିକାଶ ଗିନେରୀୱାଲ ବେହେରାମାଲରେ ଥିବା ୫୪ ଡିସିମିଲ ଜମି ଉପରେ ନିର୍ମାଣ ହୋଇଥିବା ୨ଟି ଘରକୁ ଦଖଲରେ ନେଇଥିବାବେଳେ ଅନ୍ୟ ଏକ ୨୩ ଡିସିମିଲ ଜମିକୁ ବେହେରାମାଲର ମାନସ ଜେନା ୮୪(୪୪ ଲକ୍ଷ ସରକାରୀ) ଲକ୍ଷ ଟଙ୍କାରେ ଦଖଲରେ ନେଇଥିଲେ। ଶନିବାର ନିଲାମ ଓ ଦଖଲ କରିବା ବେଳେ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଘର ଖାଲି ସହିତ ଦଖଲ ନେବା ସମୟରେ ତହସିଲଦାର ସଦାକର କୁମ୍ଭାର, ଅତିରିକ୍ତ ତହସିଲଦାର, ପ୍ରାୟ ଏକ ପ୍ଲାଟୁନ ପୋଲିସ ମୁତୟନ କରାଯାଇଥିବା ବେଳେ ଏସଡ଼ିପିଓ ଉମାଶାଙ୍କର ସିଂହ, ବଡ଼ମାଲ ଥାନାଧିକାରୀ ରାଜେନ୍ଦ୍ର ସିଆଲଙ୍କ ସମେତ ବହୁ ପୋଲିସ ଅଧିକାରୀ ସାମିଲ ହୋଇଥିଲେ। କୋର୍ଟ ପକ୍ଷରୁ ସରକାରୀ ଆଇନଜୀବୀ ଏବଂ ବ୍ୟାଙ୍କ କର୍ମଚାରୀ ଉପସ୍ଥିତ ଥିଲେ। ତେବେ ଏ ନେଇ ମନଜିତ୍ ସିଂହ ଜିଲା ଉପନିବନ୍ଧକଙ୍କ ନିକଟରେ ଏକ ଅଭିଯୋଗ କରିବା ସହିତ କିଛି ଦିନର ସମୟ ମାଗିଛନ୍ତି। ପରବର୍ତ୍ତୀ ସମୟରେ ଜମି ପଞ୍ଜିକୃତ ହେବ କି ନାହିଁ, ତାହା ଆସନ୍ତା ଶୁଣାଣିରେ ଜଣାପଡ଼ିବ ବୋଲି ସୂଚନା ମିଳିଛି।

## ହୋଟେଲ ରୁମରୁ ମୃତଦେହ ଉଦ୍ଧାର

**ବାଲେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ବାଲେଶ୍ୱର ଭାସ୍କରଗଞ୍ଜ ଅଞ୍ଚଳର ଏକ ହୋଟେଲରେ ହତ୍ୟା କାଣ୍ଡ। ହୋଟେଲ ଭିତରେ ଜଣେ ପୁରୁଷଙ୍କୁ କେହି ହତ୍ୟା କରି ଫେରାର ହୋଇଯାଇଛି। ହୋଟେଲ୍ ରୁମରେ ପଡି ରହିଛି ମୃତଦେହ। ସୂଚନା ଅନୁସାରେ ଶୁକ୍ରବାର ସନ୍ଧ୍ୟାରେ ଦୁଇ ପୁରୁଷ ଓ ଜଣେ ମହିଳା ହୋଟେଲକୁ ଆସି ରୁମ ନେଇଥିଲେ। ପରୀକ୍ଷା ଦେବାକୁ ଆସିଥିବା କହି ୫୦୨ ନମ୍ବର ରୁମ ବୁକ କରିଥିଲେ।

ଶୁକ୍ରବାର ଅପରାହ୍ଣ ୩ଟାରେ ୫୦୨ ରୁମର କବାଟ ଅଧାଖୋଲା ହୋଇଥିଲେ। ହୋଟେଲ କର୍ମଚାରୀ ଦରଜ ଖୋଲି ଦେଖିବା ବେଳକୁ ଜଣେ ପୁରୁଷଙ୍କ ମୃତଦେହ ପଡି ରହିଥିଲା। ଅନ୍ୟ ଜଣେ ପୁରୁଷ ଓ ମହିଳା ହୋଟେଲରୁ ଫେରାର ହୋଇଯାଇଥିଲେ। ତୁରନ୍ତ ପୋଲିସ ଖବର ଦେବାରୁ ପୋଲିସ ଆସି



ରୁମ କବାଟ ଲକ କରି ହୋଟେଲର ଏଣ୍ଟ୍ରି ରେକର୍ଡ ଖାତା ନେଇଛି। ଏଯାଏଁ ହୋଟଲରୁ ମୃତଦେହକୁ ଜବତ କରାଯାଇଛି। ମୃତକ ଜଣକ ବେତନଟି ଅଞ୍ଚଳ ବୋଲି ଜଣାପଡିଛି। ତାଙ୍କ ବାଇକ ହୋଟେଲ ପାର୍କିଂରେ ଥିବା ବେଳେ ମୃତକଙ୍କ ସହ ଆସିଥିବା ପୁରୁଷ ଓ ମହିଳା ଫେରାର ହୋଇଯାଇଥିବା ଜଣାପଡିଛି।

## ଜିଲ୍ଲାରେ ଖୋଲିଲା ଧାନମଣ୍ଡି

**ମୋରଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ୍ ଅଧୀନ ଚିତ୍ରଡ଼ା ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି ପରିସରରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଜିଲ୍ଲାସ୍ତରୀୟ ଖରିଫ ଧାନମଣ୍ଡି ଜିଲାପାଳ ହେମକାନ୍ତ ସୟଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଜିଲ୍ଲା ମୁଖ୍ୟ ଖାଦ୍ୟ ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲୋକନାଥ ମିଶ୍ର, ଇନ୍ସପେକ୍ଟର ଅଜିତ କୁମାର ବିଶ୍ୱାଳ, ଉପ ନିବନ୍ଧକ ଅଶୋକ କୁମାର ପାଣି, ସହକାରୀ ନିବନ୍ଧକ ତୁଷାରକାନ୍ତି ମହାନ୍ତି, ଚିତ୍ରଡ଼ା ଲ୍ୟାମ୍ପସ ଏମ୍‌ଡି ବୀରପ୍ରସାଦ ଶମ୍ଭୁନାରାୟଣ ରାଠୋର, ତହସିଲଦାର ବିଦ୍ୟାଧର ଦଣ୍ଡପାଟ, ମାର୍କେଟିଂ ଇନ୍ସପେକ୍ଟର ପ୍ରବୀର ପାତ୍ର ଏବଂ ବ୍ଲକ୍ ଅଧକ୍ଷ ପୀଥନାଥ ସୋରେନ ଯୋଗ ଦେଇଥିଲେ। ପ୍ରଥମେ ପୂଜାର୍ଚ୍ଚନା କରାଯାଇ ଜିଲାପାଳ ସୟ ଫିତାକାଟି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଚଳିତବର୍ଷ ଧାନ କିଣାରେ ସ୍ୱଚ୍ଛତା ଆଣିବା ପାଇଁ ମଡେଲ୍ ଲ୍ୟାମ୍ପସ କରାଯାଇ ସମସ୍ତ ସ୍ଥାନରେ ସିସିଟିଭି ଲଗାଯାଇଥିବା ବେଳେ ତଦାରଖ ପାଇଁ ନୋଡାଲ ଅଫିସର ଭାବେ ଅତିରିକ୍ତ ଜିଲାପାଳ ଏବଂ ଉପଜିଲ୍ଲାପାଳ ଦାୟିତ୍ୱରେ ଅଛନ୍ତି ବୋଲି ଜିଲ୍ଲାପାଳ ସୟ କହିଥିଲେ। ପ୍ରଥମ ଦିନ ଚିତ୍ରଡ଼ା ଲ୍ୟାମ୍ପସ ମଣ୍ଡିରେ ଚାଷୀ ଚିତ୍ତରଞ୍ଜନ ମହାନ୍ତଙ୍କଠାରୁ ୭୫ କୁଇଣ୍ଟାଲ ଏବଂ ନଳିନିକାନ୍ତ ମହାନ୍ତଙ୍କଠାରୁ ୭୪ କୁଇଣ୍ଟାଲ ଧାନ କିଣା ଯାଇଥିଲା।

## ମାଙ୍ଗାନିଜ ଚୋରା ଚାଲାଣ ବେଳେ ବନ ବିଭାଗର ଚଢାଉ

**କୋଇଡା: ଏକ୍ସପ୍ରେସ ନ୍ୟୁଜ୍**




ସୁନ୍ଦରଗଡ ଜିଲ୍ଲା କୋଇଡା ଖଣି ଉପରେ ସାରା ବିଶ୍ୱର ନଜର, କିନ୍ତୁ ଏଠିକାର ଜଙ୍ଗଲରେ ଥିବା ମାଙ୍ଗାନିଜ ଖଣି ଏବଂ ଉତ୍ତୋଳିତ ହୋଇ ଗଚ୍ଛିତ ଥିବା ମାଙ୍ଗାନିଜ ପଥର ଉପରେ ରାଜ୍ୟ ଏବଂ ରାଜ୍ୟ ବାହାର ଖଣି ମାଫିଆଙ୍କ ନଜର। ଚୋରାଗାଡି ଲୋଡିଂ ପାଇଁ ଲେବର ନ ମିଳିଲେ ବି ଦିନ ଦ୍ୱିପହରରେ ବି ମେସିନ୍ ଲଗାଇ ଚୋରି ହେଉଛି ମାଙ୍ଗାନିଜ ଖଣି। ହେଲେ ଏ ସବୁ ଚୋରି ସମ୍ଭବପର ହେଇ ପାରୁଛି କେମିତି ତାହା ବଡ ପ୍ରଶ୍ନ! କାରଣ ଜିଲ୍ଲା କିମ୍ବା ରାଜ୍ୟ ବାହାରୁ ମାଫିଆ ନିଜେ ଆସିକି ଗାଡି ଲୋଡ୍ କରିବ ନାହିଁ କି ଲେବର ଆଣିବ ନାହିଁ, ତଥାପି ଚୋରି ଘଟୁଛି ହେଲେ କିଛି ଦିଗହରା ସ୍ଥାନୀୟ ଯୁବକ ଯିଏ ସାମାନ୍ୟ କେଇ ଅର୍ଥ ପାଇଁ ରାତି ଅଧିଆ ଗାଡି ଲୋଡ୍ କରାଉଛନ୍ତି ଏବଂ କିଛି ନେତୃତ୍ୱ ଲୋକ ଯିଏ ସବୁବେଳେ ଚୋରମାନଙ୍କୁ ସାଥ୍ ଦେଉଛନ୍ତି। ହେଲେ କେବେ ଏମାନେ ଧରା ପଡୁ ନାହାନ୍ତି କାରଣ ସର୍ବ ପରି ଏମାନେ ସାହାସ ପାଉଛନ୍ତି କିଛି ଦାୟିତ୍ୱରେ ଥିବା ସରକାରୀ ଅଧିକାରୀମାନଙ୍କ ଠାରୁ ବୋଲି ସାଧାରଣ ରେ ଚର୍ଚ୍ଚା ହେଉଛି। ଗାଡ଼ି ବ୍ରେକ୍ ଡାଉନ କିମ୍ବା ଗ୍ରାମ ବାସୀ ଚୋରା ଗାଡି ନ ଧରିବା ଯାଏଁ କେବେ ଚୋରା ଗାଡି ଧରା ପଡେନି, ହେଲେ ଚୋର କିମ୍ବା ଲିପ୍ତ ଚାଳକକୁ ଧରିବାରେ ଅସମର୍ଥ ବନ ବିଭାଗ କିମ୍ବା ଅନ୍ୟ ବିଭାଗୀୟ ଅଧିକାରୀ। ହେଲେ ଶନିବାର ମଧ ରାତ୍ରୀରେ କୋଇଡା ବ୍ଲକ୍ ମାଲଦା ଜଙ୍ଗଲ ମଧ୍ୟରୁ ମାଙ୍ଗାନିଜ ଚୋରି କରୁଥିବା ଏକ ଓଡ଼ି୦୯ଟି୯୩୨୯ ନମ୍ବର ୧୬ ଚକିଆ ଟ୍ରକ ଓ ଜେସିବିକୁ ରାତ୍ରିକାଳୀନ ପେଟ୍ରୋଲିଙ୍ଗ କରୁଥିବା ସମୟରେ ବନ ବିଭାଗ ଘଟଣାସ୍ଥଳରେ ଫରେଷ୍ଟର ପ୍ରତାପ କୁମାର୍ ସାହୁ ଓ ଟିମ୍ ପହଞ୍ଚି ଟ୍ରକ୍‌କୁ ଜବତ କରିବା ସହିତ ଘଟଣାସ୍ଥଳରୁ ଡ୍ରାଇଭରକୁ ମଧ୍ୟ ଖଣି ଚାରି ସ୍ଥଳରୁ ଆରେଷ୍ଟ କରିଛନ୍ତି।

## ଗଞ୍ଜେଇ ଜବତ, ଜଣେ ଗିରଫ



**ବାଲେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ବାଲେଶ୍ୱରରୁ ବିପୁଳ ପରିମାଣର ଗଞ୍ଜେଇ ଜବତ, ଜଣେ ଗିରଫ। ଅବକାରୀ ଅଧିକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଓ ନୀଳଗିରି ଅବକାରୀ ନିରୀକ୍ଷକ କେଶବ ଚନ୍ଦ୍ର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖଇରା ଥାନା ଅନ୍ତର୍ଗତ ବଣପାରିଆ ଗାଁରେ ଚଢଉ କରାଯାଇଛି ଏବଂ ୨୦ କିଲୋ ୩୦୦ ଗ୍ରାମ୍ ଗଞ୍ଜେଇ ଜବତ କରାଯିବା ସହ ବଣପାରିଆ ଗାଁର ଅର୍ଜୁନ ଚରଣ ପଲେଇଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨ ଲକ୍ଷ ୧୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି।

ଉକ୍ତ ଚଢ଼ାଉରେ ନୀଳଗିରି ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ମନୋଜ କୁମାର ସାହୁ, ସୋର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଜ୍ଞାପ୍ରିୟା ନାୟକ, ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା, ମାନସ କୁମାର ମିଶ୍ର, ବସନ୍ତ ବାରିକ, କ୍ଷୀରୋଦ କୁମାର ସାହୁ ଓ କନେଷ୍ଟବଳ ଦେବାଶିଷ ମଲ୍ଲିକ, ତପନ ମଲ୍ଲିକ, ଶଶୀକାନ୍ତ ସାହୁ, ସନ୍ତୋଷ ବେହେରା ପ୍ରମୁଖ ସାମିଲ ଥିଲେ। ଏନେଇ ଖଇରା ଅବକାରୀ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି।

## ପୋଲସରା କୋର୍ଟରେ ୪ ସରକାରୀ ଓକିଲ ନିଯୁକ୍ତି

**ପୋଲସରା: ଏକ୍ସପ୍ରେସ ନ୍ୟୁଜ୍**

ବିଜେପି କ୍ଷମତାକୁ ଆସିବା ପରେ ଗଞ୍ଜାମ ଜିଲ୍ଲାରେ ସରକାରୀ ଓକିଲ ତାଲିକା ବଦଳିବ ବୋଲି ଆଶା କରାଯାଇଥିଲା। କିନ୍ତୁ ବିଭିନ୍ନ କାରଣ ଯୋଗୁଁ ବିଳମ୍ବ ହୋଇଥିଲା। ଶେଷରେ ଗୁରୁବାର ଜିଲ୍ଲାର ନୂଆଁ ସରକାର ଓକିଲ ତାଲିକାକୁ ଆଇନ ବିଭାଗ ପକ୍ଷରୁ ଅନୁମୋଦନ ଦିଆଯାଇଛି। ସେହିପରି ଭାବେ ପୋଲସରା ଆଇନଜୀବୀମାନଙ୍କ ମଧ୍ୟରୁ ପୋଲସରା କୋର୍ଟ ପାଇଁ ରମେଶ ଚନ୍ଦ୍ର ପ୍ରଧାନ ଓ ବ୍ରଜବନ୍ଧୁ ଦଳବେହେରା ଏବଂ ପୋଲସରା ତହସିଲ ପାଇଁ ସଚ୍ଚିଦାନନ୍ଦ ପାଣିଗ୍ରାହୀ ଓ ସୁଧାଂଶୁ ଶେଖର ପ୍ରଧାନ ହୋଇଥିବା ଆଇନ ବିଭାଗ ୧୮/୧୨/୨୫ ତାରିଖ ଚିଠି ସଂଖ୍ୟା ୨୧୩୨୧ ହୋଇଥିବା ବେଳେ ୨୪/୧୨/୨୫ ତାରିଖରେ ଘୋଷଣା ପରେ ପୋଲସରା ଜେଏମଏଫସିଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ନିଯୁକ୍ତି ମିଳିଥିବା ଜଣାପଡିଛି। ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଶୁଭେଚ୍ଛା ଜଣାଇବା ସହିତ ପୋଲସରା ଓକିଲ ସଂଘ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ଶୁଭେଚ୍ଛା, କୃତଜ୍ଞତା ଜଣାଇଥିଲେ।

### ବାଣିଜ୍ୟ

## ଚୀନରୁ ଭାରତ ଆସିବ ରେୟାର ଆର୍ଥ ମ୍ୟାଗ୍ନେଟ୍

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**



ଚୀନ୍‌ରୁ ପୁଣି ଥରେ ଭାରତ ଆସିବ ରେୟାର୍ ଆର୍ଥ ମ୍ୟାଗ୍ନେଟ୍। ଭାରତୀୟ କମ୍ପାନି ଏବଂ ଭାରତରେ କାର୍ଯ୍ୟ କରୁଥିବା ବିଦେଶୀ କମ୍ପାନିଗୁଡିକୁ ରେୟାର୍ ଆର୍ଥ ମ୍ୟାଗ୍ନେଟ୍ ରପ୍ତାନି ପାଇଁ ଲାଇସେନ୍ସ ପ୍ରଦାନ ଆରମ୍ଭ କରିଛି ଡ୍ରାଗନ୍। ସରକାରୀ ଅଧିକାରୀମାନଙ୍କ କହିବାନୁସାରେ, ଚୀନର ବାଣିଜ୍ୟ ମନ୍ତ୍ରାଳୟ ଲାଇସେନ୍ସ ଆବେଦନଗୁଡିକର ପ୍ରୋସେସିଂ ଏବଂ ମଞ୍ଜୁରି ଦେବା ଆରମ୍ଭ କରିଛି।

ଗତ କିଛି ସମୟ ହେବ ଏହି ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲର ଯୋଗାଣ ଅଟକାଇଥିଲା ଚୀନ୍। ଫଳରେ ଭାରତୀୟ ଅଟୋମୋବାଇଲ ଏବଂ ଇଲେକ୍ଟ୍ରୋନିକ୍ସ ଶିଳ୍ପ ଚିନ୍ତା ମଧକୁ ଆସିଯାଇଥିଲା, ଯାହା ଏବେ ଧୀରେ ଧୀରେ ଦୂର ହୋଇପାରେ। ଲାଇସେନ୍ସ ପାଇଥିବା କମ୍ପାନିଗୁଡିକ ମଧ୍ୟରେ ଜୟ ଉଶିନ୍, ଜର୍ମାନୀଭିତ୍ତିକ ଅଟୋ ଯନ୍ତ୍ରାଂଶ ନିର୍ମାତା କଣ୍ଟିନେଣ୍ଟାଲ ଏଜିର ଭାରତୀୟ ୟୁନିଟ୍, ମହିନ୍ଦ୍ରା ଏବଂ ମାରୁତି ସୁଜୁକିର ଭେଣ୍ଡର୍ମାନେ ସାମିଲ ଅଛନ୍ତି। ତେବେ ଅଧିକାରୀମାନଙ୍କ କହିବାନୁସାରେ, ଏହା ଏବେ ଏକ ମନ୍ଥର ଆରମ୍ଭ କିନ୍ତୁ ପ୍ରକ୍ରିୟା ଆରମ୍ଭ ହେବା ଦ୍ୱାରା ଶିଳ୍ପକୁ ଆଶ୍ୱସ୍ତି ମିଳିଛି।

ଅଟୋମୋବାଇଲ, ଇଲେକ୍ଟ୍ରୋନିକ୍ସ, ମେଡିକାଲ ଡିଭାଇସ୍ ଏବଂ ପ୍ରତିରକ୍ଷା ଶିଳ୍ପ ପାଇଁ ଅତ୍ୟନ୍ତ ଜରୁରୀ ହେଉଛି ରେୟାର୍ ଆର୍ଥ ମାଗ୍ନେଟ୍। ଇଲେକ୍ଟ୍ରିକ୍ ଯାନ(ଇଭି)ର ମୋଟର୍ସରେ ଏହାର ସବୁଠାରୁ ଅଧିକ ବ୍ୟବହାର ହୋଇଥାଏ। ବିଶ୍ୱରେ ରେୟାର୍ ଆର୍ଥ ମାଗ୍ନେଟ୍ ଉତ୍ପାଦନ ଏବଂ କ୍ଷମତାରେ ଚୀନ୍ ବର୍ତ୍ତମାନ ସବୁଠାରୁ ଆଗରେ ରହିଛି। ଏପ୍ରିଲ ୪ରୁ ଏହା ଏହି ମ୍ୟାଗ୍ନେଟଗୁଡିକର ରପ୍ତାନି ଉପରେ କଟକଣା ଲଗାଇଥିଲା, ଯାହାଦ୍ୱାରା ସମଗ୍ର ବିଶ୍ୱରେ ଯୋଗାଣ ଶୃଙ୍ଖଳ ପ୍ରଭାବିତ ହୋଇଥିଲା।

ରେୟାର୍ ଆର୍ଥ ମାଟେରିଆଲ୍ସର ବ୍ୟବହାର ବିଶେଷକରି ଇ-ଯାନରେ କରାଯାଇଥାଏ। ଏହାର ଉପଯୋଗ ପର୍ମାମେଣ୍ଟ ମ୍ୟାଗ୍ନେଟ୍ ଇଲେକ୍ଟ୍ରିକ୍ ମୋଟର୍ସ ପାଇଁ କମ୍ପାକ୍ଟ ଏବଂ ହାଇ ପର୍ଫମାନ୍ସ ମ୍ୟାଗ୍ନେଟ୍ ବନାଇବା ପାଇଁ କରାଯାଇଥାଏ। ନିୟୋଡିମିୟମ, ଡିସ୍ପ୍ରୋସିୟମ ଏବଂ ଟେର୍ବିୟମ ଭଳି ତତ୍ତ୍ୱରେ ପ୍ରସ୍ତୁତ ଏହି ଚୁମ୍ବକ ମୋଟରର ଛୋଟ, ହାଲୁକା ଏବଂ ଅନ୍ୟ ବିକଳ୍ପ ତୁଳନାରେ ଅଧିକ ପ୍ରଭାବୀ, ଯାହା ଇଭିର ରେଞ୍ଜ୍ ଏବଂ ପ୍ରଦର୍ଶନକୁ ଉନ୍ନତ କରିବାରେ ଜରୁରୀ।

ଏଗୁଡିକର ବ୍ୟବହାର ଆଇସିଇଯୁକ୍ତ ଗାଡିରେ ଲାଗୁଥିବା କେଟେଲିକ୍ କନଭର୍ଟର ଭଳି ଅଟୋ ଉପକରଣରେ ବି କରାଯାଇଥାଏ। ଏହାବ୍ୟତୀତ ଇଭି ଏବଂ ଆଇସିଇ ଉଭୟ ପ୍ରକାର ଗାଡିରେ ଲାଗୁଥିବା ଅନେକ ସିଷ୍ଟମରେ ସେନ୍ସରରୁ ନେଇ ଡିସ୍ପ୍ଲେ ପର୍ଯ୍ୟନ୍ତ ଯନ୍ତ୍ରାଂଶରେ ଏହାର ବ୍ୟବହାର କରାଯାଇଥାଏ।

ବିଶ୍ୱସ୍ତରରେ ରେୟାର୍ ଆର୍ଥ ଉପାଦାନର ଉତ୍ତୋଳନରେ ଚୀନ୍ର ଅଂଶ ପ୍ରାୟ ୭୦% ଏବଂ ଉତ୍ପାଦନରେ ୯୦% ରହିଛି। ନିକଟରେ ଆମେରିକା ସହ ବାଣିଜ୍ୟ ଯୁଦ୍ଧ ମଧ୍ୟରେ ଚୀନ୍ ୭ଟି ରେୟାର୍ ଆର୍ଥ ଧାତୁର ରପ୍ତାନି ଉପରେ ରୋକ୍ ଲଗାଇଥିଲା।

### ସହରରେ ଦିନ ଦ୍ୱିପ୍ରହରରେ ମର୍ଡ଼ର ଘଟଣା

## ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ ସହ ୧ଲକ୍ଷ ଟଙ୍କା ଜରିମାନା

**ଯାଜପୁର: ଏକ୍ସପ୍ରେସ ନ୍ୟୁଜ୍**

ଗତ ୨୦୨୪ ମସିହା ଏପ୍ରିଲ ମାସ ୨୪ ତାରିଖ ଦିନ ଦ୍ୱିପ୍ରହରରେ ଜନୈକ ବ୍ୟକ୍ତିକୁ ମର୍ଡ଼ର କରିବା ଘଟଣାର ଗୁରୁବାର ଦିନ ଯାଜପୁର ଜିଲ୍ଲା ଜଜ୍ ଏକ ରାୟ ପ୍ରକାଶ କରିଛନ୍ତି। ଏହି ରାୟରେ ୨୬ଜଣଙ୍କ ସାକ୍ଷୀ ଓ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ ସହ ୧ଲକ୍ଷ ଟଙ୍କା ଜରିମାନା କରି ରାୟ ପ୍ରକାଶ କରାଯାଇଛି। ୧ଲକ୍ଷ ଟଙ୍କା ଜରିମାନା ଅନାଦେୟରେ ଅଧିକ ୬ ମାସ କାରାଦଣ୍ଡ ଭୋଗିବ ବୋଲି ରାୟରେ ନିର୍ଦ୍ଦେଶ ରହିଛି। ବିବରଣୀରୁ ପ୍ରକାଶ, ଯାଜପୁର ସହରର ସାନବଜାର ଅଂଚଳରେ ରହୁଥିବା ଜୟଦେବ ମହାଳିକ ଓରଫ ଚିନୁ (୨୮)କୁ ବଡବଜାର ଅଞ୍ଚଳର ଜନୈକ ବ୍ୟକ୍ତି ୨୦୨୪ ମସିହା ଏପ୍ରିଲ ମାସ ୨୪ ତାରିଖ ଦିନ ଦ୍ୱିପ୍ରହରରେ ଘରେ ପଶି ଏକ ଧାରୁଆ ଅସ୍ତ୍ରରେ ଚିନୁର ବେକକୁ କାଟି ପକାଇବା ଫଳରେ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଚିନୁର ପରିବାର ଲୋକେ ତାକୁ ମୁଖ୍ୟ ଚିକିତ୍ସାଳୟକୁ ଅଟୋଯୋଗେ ଆଣିବା ସମୟରେ ତାର ମୃତ୍ୟୁ ଘଟିଥିଲା। ଅପରପକ୍ଷରେ ଚିନୁକୁ ମର୍ଡର କରିଥିବା ବ୍ୟକ୍ତି ତା'ର ସ୍ତ୍ରୀକୁ ବାରମ୍ବାର ହଇରାଣ ହରକତ କରିବା ଫଳରେ ତାକୁ ମାରିଦେଇଛି ବୋଲି କହି ଥାନାରେ ଆତ୍ମସମର୍ପଣ କରିଥିଲା। ସାନବଜାର ଅଞ୍ଚଳର ଜୟଦେବ ମହାଳିକ ଓରଫ ଚିନୁ ଦୀର୍ଘବର୍ଷ ଧରି ଅଭିଯୁକ୍ତଙ୍କ ସ୍ତ୍ରୀ ସହ ଅନୈତିକ ସଂପର୍କ ରଖିଆସୁଥିଲା। ୨ବର୍ଷ ପୂର୍ବରୁ ଚିନୁ ଅଭିଯୁକ୍ତଙ୍କ ସ୍ତ୍ରୀକୁ ତାଙ୍କ ଘରେ ପଶି ବାରମ୍ବାର ବଳାତ୍କାର କରୁଥିଲେ ବୋଲି ଅଭିଯୁକ୍ତ ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ କେନ୍ଦ୍ରକରି ଚିନୁକୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲେ। ପରେ କିଛି ସ୍ଥାନୀୟ ଭଦ୍ରଲୋକଙ୍କ ମାଧ୍ୟମରେ ଉଭୟଙ୍କ ମଧ୍ୟରେ ଆପୋଷ ବୁଝାମଣା ହୋଇଥିଲା। କିଛିଦିନ ପରେ ଚିନୁ ପୁନର୍ବାର ଅଭିଯୁକ୍ତଙ୍କ ସ୍ତ୍ରୀ ସହ ସଂପର୍କ ରଖିଥିଲେ ବୋଲି ଶୁଣିବାକୁ ମିଳିଥିଲା। ଚିନୁ ଅଭିଯୁକ୍ତଙ୍କ ସ୍ତ୍ରୀର କିଛି ଅଶ୍ଳୀଳ ଫଟୋକୁ ରଖି ବ୍ଲାକ୍‌ମେଲିଂ କରୁଥିବା କଥା ଅଭିଯୁକ୍ତଙ୍କ ପରିବାର ପକ୍ଷରୁ କୁହାଯାଉଥିବା ବେଳେ ଚିନୁ ସହ ସଂପର୍କ ରଖି ଅଭିଯୁକ୍ତର ସ୍ତ୍ରୀ ୪ଲକ୍ଷ ଟଙ୍କା ନେଇଯାଇଥିବାରୁ ଉକ୍ତ ଅର୍ଥକୁ ମାଗିବାରୁ ଅଭିଯୁକ୍ତ କ୍ରୋଧାନ୍ୱିତ ହୋଇ ମାରିଦେଇଛି ବୋଲି ଚିନୁର ପରିବାର ପକ୍ଷରୁ କୁହାଯାଇଛି। ତେବେ ୨୦୨୪ ମସିହା ଏପ୍ରିଲ ୨୪ ତାରିଖ ଦିନ ଅଭିଯୁକ୍ତ ଯାଜପୁରରୋଡରେ କାର୍ଯ୍ୟରେ ଥିବାବେଳେ ଦିବା ୧୨ଘଟିକା ସମୟରେ ଚିନୁ ଅଭିଯୁକ୍ତଙ୍କ ଘରେ ପଶି ଅଭଦ୍ରୋଚିତ ବ୍ୟବହାର କରିବାରୁ ଘରେ ଥିବା ଅଭିଯୁକ୍ତର ମାମୁଁ ଏହାକୁ ବିରୋଧ କରିଥିଲେ। ଫଳରେ ଚିନୁ ଅଭିଯୁକ୍ତର ମାମୁଁକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା। ଏହି ଘଟଣାକୁ ଅଭିଯୁକ୍ତର ମାମୁଁ ତାକୁ ଜଣାଇବାରୁ ଅଭିଯୁକ୍ତ ଯାଜପୁରରୋଡରୁ ଆସି ସିଧା ସାନବଜାରସ୍ଥିତ ଚିନୁ ଘରେ ପହଂଚି ଏକ ଧାରୁଆ ଅସ୍ତ୍ର ଯୋଗେ ଚିନୁର ବେକକୁ କାଟିଦେଇଥିଲେ। ଫଳରେ ପ୍ରବଳ ରକ୍ତସ୍ରାବ ହେବାରୁ ଚିନୁକୁ ମୁଖ୍ୟଚିକିତ୍ସାଳୟକୁ ଆଣୁଥିବା ସମୟରେ ରାସ୍ତାରେ ଚିନୁର ମୃତ୍ୟୁ ଘଟିଥିଲା। ଏହି ମାମଲାଟିକୁ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ମୋନାଲି ରାଇସା ପରିଚାଳନା କରୁଥିଲେ।

## ୬୦ ବର୍ଷରେ ପାଦ ଥାପିଲେ ଭାଇଜାନ୍

### ସିନେମାଫିନେମା ଟିଭିଫିବି



ବଲିଉଡ୍‌ର ସୁଲତାନ୍, ଫ୍ରାନ୍ସଙ୍କ ଭାଇଜାନ୍। ଆଜି ୬୦ ବର୍ଷରେ ପାଦ ଥାପିଛନ୍ତି ସବୁଠୁ ହ୍ୟାଣ୍ଡସମ୍ ବ୍ୟାଚ୍‌ଲର୍ ଷ୍ଟାର। ସଲମାନ୍‌ଙ୍କ ଗୋଟିଏ ଝଲକ ପାଇଁ ମୁମ୍ବାଇ ବାନ୍ଦ୍ରା ଘର ଆଗରେ ପ୍ରଶଂସକଙ୍କର ପ୍ରବଳ ଭିଡ ଜମିଛି। ଗଲା ୪ ଦଶନ୍ଧି ଧରି ସେ ଭାରତୀୟ ସିନେମାରେ ରାଜ୍ କରିଆସୁଛନ୍ତି। ୯୦ ଦଶକରେ ବଚ୍ଚନ ଓ ଖାନ୍ନା ଯୁଗରେ ସିନେମା ଜଗତରେ ପାଦ ଥାପିଥିଲେ ଇନ୍ଦୋରରେ ଜନ୍ମିତ ୨୦ ବର୍ଷିୟ ସଲମାନ୍। ବାପା ସଲିମ୍ ଖାନ୍ ଜଣେ ବଡ ଲେଖକ। ବଲିଉଡ୍‌ର ଷ୍ଟ୍ରଗଲ ଗଳିରେ ଓହ୍ଲାଇ ସେ ନୂଆ ନୂଆ ପ୍ରେମ ଶିଖିଥିଲେ। ୯୦ ଦଶକର ସବୁଠୁ ବଡ ଡେବ୍ୟୁ ହିଟ୍ ମୈନେ ପ୍ୟାର୍ କିୟା ଭାବେ ମିଳିଥିଲା ବଲିଉଡ୍ ଜଗତକୁ ନୂଆ ହିରୋ। ସେବେଠୁ ଆଉ ପଛକୁ ବୁଲି ଦେଖିନାହାନ୍ତି ସଲମାନ୍। ହମ୍ ଆପକେ ହୈ କୌନ୍, କରନ୍ ଅର୍ଜୁନ୍ , ଜୁଡ଼ୱା, ହମ୍ ସାଥ୍ ସାଥ୍ ହୈ ଭଳି ଏକାଧିକ ସିନେମାରେ ଲାଜବାବ୍ ଅଭିନୟ ତାଙ୍କୁ ପରିଚିତ କରାଇଥିଲା।

ତେବେ ଚଳିତଥର ଭାଇଜାନ୍ ଏକ ନୂଆ ଅନ୍ଦାଜ୍‌ରେ ନିଜ ଜନ୍ମଦିନ ପାଳନ କରିଛନ୍ତି। ସଲମାନ୍ ତାଙ୍କ ପାନଭେଲ ଫାର୍ମହାଉସରୁ ବାହାରକୁ ବାହାରି ଏକାଠି ହୋଇଥିବା ଗଣମାଧ୍ୟମ ପ୍ରତିନିଧି ଏବଂ ପାପାରାଜିମାନଙ୍କ ସହ କେକ୍ କାଟିଥିଲେ ଏବଂ ଫଟୋ ଉଠାଇବା ପୂର୍ବରୁ ସେମାନଙ୍କୁ କେକ୍ ଏବଂ ଫଟୋ ଉଠାଇବା ପୂର୍ବରୁ ସେମାନଙ୍କୁ କେକ୍ ଖୁଆଇଥିଲେ। ଏହି ଭିଡିଓଟି ଭାଇରାଲ୍ ହେବାରେ ଲାଗିଛି। ପ୍ରଶଂସକମାନେ ମିଡିଆ ସହିତ ସଲମାନଙ୍କ ଦୀର୍ଘକାଳୀନ ସମ୍ପର୍କକୁ ପ୍ରଶଂସା କରିଥିଲେ। ଭାଇଜାନ୍‌ଙ୍କ ଜନ୍ମଦିନଟି ବ୍ୟକ୍ତିଗତ ହୋଇଥିଲେ ବି ଜନ୍ମଦିନ ପାର୍ଟିରେ ତାଙ୍କର କିଛି ଖାସ୍ ପରିବାର ସଦସ୍ୟ, କିଛି ବଲିଉଡ୍ ସେଲିବ୍ରିଟି, କିଛି ଘନିଷ୍ଠ ବ୍ୟକ୍ତିବିଶେଷ ଯୋଗଦେଇଥିଲେ।

ସଲମାନଙ୍କ ଜନ୍ମଦିନ ଉତ୍ସବରେ ଆଦିତ୍ୟ ରୟ କପୁର, ରାକୁଲ ପ୍ରୀତ ସିଂହ, ହୁମା କୁରେଶୀ, ଭାଇ ଅରବାଜ ଖାନ, ପତ୍ନୀ ଶଶୁରା ଖାନ ଦେଖିବାକୁ ମିଳିଥିଲ। ଭଣଜା ଅରହାନ ଖାନ ଏବଂ ନିର୍ବାଣ ଖାନଙ୍କୁ ମଧ ଫାର୍ମହାଉସ ବାହାରେ ଦେଖିବାକୁ ମିଳିଥିଲା। ଭଉଣୀ ଅର୍ପିତା ଖାନ, ସ୍ୱାମୀ ଆୟୁଷ ଶର୍ମାଙ୍କ ସହିତ ଉତ୍ସବରେ ଯୋଗ ଦେଇଥିଲେ। ଏପରିକି ପୂର୍ବତନ ଭାରତୀୟ କ୍ରିକେଟ୍ ଅଧିନାୟକ ଏମ୍‌ଏସ୍ ଧୋନି ପତ୍ନୀ ସାକ୍ଷୀ ଏବଂ ଝିଅ ଜିଭା ମଧ ଥିଲେ। ସଲମାନଙ୍କ ପିତାମାତା, ସଲିମ୍ ଖାନ ଏବଂ ସଲମା ଖାନ ମଧ ଉପସ୍ଥିତ ଥିଲେ। ୨୭ ଡିସେମ୍ବର ସଲମାନ ତାଙ୍କ ଜନ୍ମଦିନ ପାଳନ କରୁଥିବାରୁ, ସେ ପ୍ରଶଂସକମାନଙ୍କୁ ତାଙ୍କର ଆଗାମୀ ଫିଲ୍ମ ଗାଲୱାନ ସହିତ ଜଡିତ ଏକ ବଡ଼ ଅପଡେଟ୍ ପ୍ରଦାନ କରିବା ନେଇ ସୂଚନା ମିଳିଛି।

# ଅସ୍ତିତ୍ୱ ହରାଉଛି କେଲୋ ନଦୀ



**୨୭।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା-ଛତିଶଗଡ଼ ମଧ୍ୟରେ ମହାନଦୀ ଜଳବିବାଦର ସମାଧାନ ହେଉନି । ମହାନଦୀରେ ଛତିଶଗଡ଼ର ଶେଷ ବ୍ୟାରେଜ୍ କଲମାର ଉଛୁଳା ପାଣିକୁ ବି ସେଠାକାର ସରକାର ବାଲିବନ୍ଧ ଦେଇ ଟାଣି ନେଉଛନ୍ତି । ଏବେ ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଲଖନପୁର ବ୍ଲକ୍ ଅଧୀନ ୧୯ ଖଣ୍ଡ ମେଜାର ଜୀବନରେଖା କୁହାଯାଉଥିବା କେଲୋ ନଦୀର ଅବସ୍ଥା ମଧ୍ୟ ଅନୁରୂପ । ଛତିଶଗଡ଼ ସରକାର ମହାନଦୀର ପାଣି ଶୋଷି ନେଉଥିବା ବେଳେ କେଲୋ ନଦୀକୁ ଡ୍ରେନେଜ୍ ପ୍ରକଳ୍ପ ଭାବେ ବ୍ୟବହାର କରୁଛନ୍ତି । ଫଳସ୍ୱରୂପ ଓଡ଼ିଶା ପାର୍ଶ୍ୱକୁ ଉକ୍ତ ନଦୀର ପାଣି ଆସିବା ବେଳକୁ ସେଥିରୁ କେବଳ ଆବର୍ଜନା ଓ ଦୁର୍ଗନ୍ଧ ବାହାରୁଛି । ଉକ୍ତ ପାଣିକୁ କେବଳ ଚାଷ କାମ ବ୍ୟତୀତ ଅନ୍ୟ କୌଣସି କାମରେ ବ୍ୟବହାର କରାଯାଇ ପାରୁନାହିଁ ।

ଛତିଶଗଡ଼ର ରାୟଗଡ଼ ସହର ଦେଇ ପ୍ରବାହିତ ହେଉଥିବା କେଲୋ ନଦୀ ଏକଦା ରାୟଗଡ଼ ସହରବାସୀଙ୍କ ପାଇଁ ପାନୀୟ ଜଳର ଏକମାତ୍ର ମାଧ୍ୟମ ଥିଲା । କିନ୍ତୁ ବର୍ଦ୍ଧିତ ଔଦ୍ୟୋଗୀକରଣ ଯୋଗୁ ଶିଳ୍ପାନୁଷ୍ଠାନଗୁଡ଼ିକ ଏହି ନଦୀକୁ ସୁଲଭ ଡ୍ରେନ୍ ଭାବେ ବିବେଚନା କରୁଛନ୍ତି । ଖାଲି ସେତିକି ନୁହେଁ, ରାୟଗଡ଼ ସହରର ସ୍ୱେରେଜ୍ ପାଣି ବି ଏହି ନଦୀକୁ ବିନା ବିଶୋଧନରେ ଛାଡ଼ି ଦିଆଯାଉଛି । ଫଳରେ ସେଠାକାର ଲୋକେ ନଦୀ ପାଣିକୁ ପିଇବା ତ' ଦୂରର କଥା, ଗାଧୋଇବା ସଂପର୍କରେ ଦୁଇଥର ଚିନ୍ତା କରୁଛନ୍ତି । ଏ ନେଇ ଖୋଦ୍ ଛତିଶଗଡ଼ର ଗଣମାଧ୍ୟମରେ ବର୍ଷତମାମ୍ ମାଳମାଳ ଖବର ପ୍ରକାଶ ପାଉଛି । ମାତ୍ର ଛତିଶଗଡ଼ ସରକାର ଏହି ନଦୀର ସଫେଇ ପାଇଁ କେଣସି ବ୍ୟବସ୍ଥା କରୁନଥିବା ବେଳେ ନଦୀକୁ ଦୂଷିତ ଜଳ ଛାଡ଼ିବା ଦିଗରେ ବି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁନାହାନ୍ତି । ଯାହାର ସବୁଠୁ ଅଧିକ ପ୍ରଭାବ ପଡୁଛି ତଳମୁଣ୍ଡରେ ଥିବା ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲାର ୫ଟି ପଞ୍ଚାୟତରେ । ସେପଟେ,ଏହି ନଦୀ ଛତିଶଗଡ଼ର ପୁସେର ବ୍ଲକ୍‌ର ବଡ଼ମାଳ ଦେଇ ଓଡ଼ିଶାରେ ପ୍ରବେଶ କରିଥିବା ବେଳେ କନକତୋରା, ବାଦିମାଲ, ପିଥିଣ୍ଡା ପଞ୍ଚାୟତ ଦେଇ ମହାନଦୀରେ ମିଶିଛି । ଏବେ କେଲୋ ନଦୀର ଓଡ଼ିଶା ପଟରେ ହୀରାକୁଦ ଜଳଭଣ୍ଡାରର ପଛୁଆ ପାଣି ରହିଥିବାରୁ ନଦୀର ଜଳସ୍ତର ଭଲ ରହିଛି ।

ଆଉ ମାସକ ପରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ହ୍ରାସ ପାଇଲେ କେଲୋ ନଦୀରୁ ବି ପାଣି କମିବାକୁ ଲାଗିବ । ଲୁହାବଗାର ଚାଷୀ କାଳୀଚରଣ ମେହେରଙ୍କ ଅଭିଯୋଗ ଅନୁସାରେ, ନଦୀରୁ ପାଣି କମିଗଲେ ଉପର ମୁଣ୍ଡରୁ କେବଳ ଆବର୍ଜନା ମିଶା ପାଣି ଆସୁଛି । ଯେଉଁ ପାଣି ଆଦେ ବ୍ୟବହାରଯୋଗ୍ୟ ନୁହେଁ ।

ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାରଙ୍କ ଆଖିରେ ଧୂଳି ଦେଇ ଛତିଶଗଡ଼ ସରକାର ଓଡ଼ିଶା ସୀମାରୁ ଅଳ୍ପ ଦୂରରେ କେଲୋ ନଦୀରେ ଦୁଇଟି ପ୍ରକଳ୍ପ ନିର୍ମାଣ କରିସାରିଛନ୍ତି । ଯେଉଁଥିରୁ ସେଠାକାର ଶିଳ୍ପାନୁଷ୍ଠାନ ଓ ଚାଷ ଜମିକୁ ପାଣି ଯାଉଥିବା ବେଳେ ଖରାଦିନେ ଓଡ଼ିଶା ପାର୍ଶ୍ୱ ଶୁଖିଲା ପଡୁଛି ।

## ଆଜିର ରାଶିଫଳ

| ତାରିଖ | ରବିବାର-ଅଷ୍ଟମୀ |
|---|---|
| ୨୮.୧୨.୨୦୨୫ | ନକ୍ଷତ୍ର- ଉତ୍ତରଭାଦ୍ର, ମୀନଚନ୍ଦ୍ର |

| | |
|---|---|
| ମେଷ | : ପାରିବାରିକ କଳହକୁ ନେଇ ମନସ୍ତାପରେ ରହିବେ । |
| ବୃଷ | : ଉଚ୍ଚ ଅଧିକାରୀ ସମ୍ମାନିତ କରିବେ । |
| ମିଥୁନ | : ଦିନଟି ସୌଖ୍ୟପ୍ରଦ ହେବ । |
| କର୍କଟ | : ବନ୍ଧୁଙ୍କ ସହଯୋଗ ପାଇବେ । |
| ସିଂହ | : ଚୋରୀ ଭୟ ରହିଛି । |
| କନ୍ୟା | : ଦ୍ରବ୍ୟ ଲାଭ ହେବ । |
| ତୁଳା | : ଚୁକ୍ତି ସମ୍ପାଦନା କରିବେ । |
| ବିଛା | : ଶ୍ୱାସ ପୀଡ଼ା କଷ୍ଟ ଦେବ । |
| ଧନୁ | : ଶାରୀରିକ ଅସୁସ୍ଥତା ଭୋଗିବେ । |
| ମକର | : ପରାକ୍ରମ ବୃଦ୍ଧି ପାଇବ । |
| କୁମ୍ଭ | : ଶୁଭ ସମ୍ବାଦ ମିଳିବ । |
| ମୀନ | : ସମ୍ମାନ ବୃଦ୍ଧି ହେବ । |

## ମାଙ୍କଡ କାମୁଡ଼ାରେ ପ୍ରାଣୀଧନ ନିରୀକ୍ଷିକା ଗୁରୁତର

**ମାହାଙ୍ଗା, ୨୭।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପ୍ରାଣୀଧନ ସହାୟକ କେନ୍ଦ୍ରର ନିରୀକ୍ଷିକା ଚୌଧୁରୀ ସୁଚିତ୍ରା କୁମାରୀ ପ୍ରହରାଜ ମାଙ୍କଡ ଆକ୍ରମଣରେ ଗୁରୁତର ହୋଇଥିବା ଜଣାପଡିଛି। ସୂଚନା ମୁତାବକ ପ୍ରାଣୀଧନ ନିରୀକ୍ଷିକା ଶ୍ରୀମତୀ ପ୍ରହରାଜ ଗତ ୨୪ ତାରିଖରେ ସରକାରୀ କାର୍ଯ୍ୟରେ ମାହାଙ୍ଗା ପ୍ରାଣୀ ଚିକିତ୍ସାଳୟକୁ ସ୍କୁଟି ଯୋଗେ ଯାଉଥିବା ସମୟରେ ମେଡିକାଲ ରାସ୍ତା ନିକଟରେ ଏକ ବଣୁଆ ମାଙ୍କଡ ତାଙ୍କୁ ଆକ୍ରମଣ କରିଥିଲା । ଯାହା ଫଳରେ ସେ ତଳେ ପଡି ଯାଇ ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକେ ପ୍ରଥମେ ତାଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କ ଚିକିତ୍ସାରେ ଉନ୍ନତି ନ ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ନିଆଯାଇ ମସ୍ତିଷ୍କ କ୍ଷତିର ଚିକିତ୍ସା କରାଯାଇଥିଲେ ମଧ୍ୟ ଚେତାଶୂନ୍ୟ ଅବସ୍ଥାରେ ରହିଛନ୍ତି ।

ଏଠାରେ ସୂଚନା ଥାଉ କି ଏହି ମାଙ୍କଡଟି ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ସମୟରେ ଲୋକଙ୍କୁ ଆକ୍ରମଣ କରି ଆହତ କରୁଥିବା ବେଳେ ବନବିଭାଗ ପକ୍ଷରୁ ଆହତ ଘରେ ପହଞ୍ଚି ମାଙ୍କଡ ଏହି ଅଞ୍ଚଳକୁ ଆସିଲେ ଆମକୁ ଖବର ଜଣାଇବାକୁ କହି ନିଜ କାର୍ଯ୍ୟ ସାରି ଦେଇ ଚୁପ ହୋଇ ବସିଛନ୍ତି । ଏହି ମାଙ୍ଗଡଟିର ଉତ୍ପାତ ଦିନକୁ ଦିନ ବଢିବାରେ ଲାଗିଥିବାବେଳେ ସ୍ଥାନୀୟ ଅଂଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେଇ ତୁରନ୍ତ ଏହି ମାଙ୍କଡଟିକୁ ଧରିବା ପାଇଁ ସାଧାରଣରେ ଦାବୀ ହୋଇଛି ।

## ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଖସିଲା କାର୍

**ବୌଦ୍ଧ, ୨୭।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବୌଦ୍ଧ ଥାନା ଜହ୍ନାପଙ୍କ-ଖମାରୀ ପଡା ରାସ୍ତାରେ ସଡ଼କ ଦୁର୍ଘଟଣା ଘଟିଛି । ଜହ୍ନାପଙ୍କ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ କାର ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇ ପଡିଥିବା ଦେଖିବାକୁ ମିଳିଛି । ସୌଭାଗ୍ୟବସତଃ ଚାଳକ ଜଣକ ବର୍ତ୍ତିଯାଇଛନ୍ତି । ଅଘଟଣ ଟଳିଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ଖମାରୀ ପଡା ପଟୁ ଏକ କାର୍ ଜହ୍ନାପଙ୍କ ଛକ ଆଡକୁ ଆସୁଥିଲା । ଏହି ସମୟରେ ଓଡ଼ି୦୨ ବିଏଲ୍ ୦୫୧୯ ନମ୍ବର ବିଶିଷ୍ଟ କାରଟି ଜହ୍ନାପଙ୍କ ନିକଟରେ ଭାରସାମ୍ୟ ହରାଇ ଡାହାଣ ପାର୍ଶ୍ୱରେ ଥିବା ଏକ ତାଳ ଗଛକୁ ଧକ୍କା ଦେଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । କାରର ଆଗ ଅଂଶ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ କାରରେ ଥିବା ଯାତ୍ରୀମାନଙ୍କ ସମ୍ପର୍କରେ କୌଣସି ସୂଚନା ମିଳି ପାରିନାହିଁ । ଖବର ପାଇ ଜହ୍ନାପଙ୍କ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ସର୍ଟ ସର୍କିଟ୍‌ରୁ ଜଳିଗଲା ଘର

**ଗଜପତି, ୨୭।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ପାରଳାଖେମୁଣ୍ଡି ପୌରପରିଷଦ ୬ ନଂ.ୱାର୍ଡ ଅନ୍ତର୍ଗତ ରେଲିସେରି ସାହିର ଜଣେ ବ୍ୟକ୍ତିଙ୍କ ଘରେ ସର୍ଟସର୍କିଟ ଯୋଗୁଁ ନିଆଁଲାଗି ଘରର ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଛି । ଶୁକ୍ରବାର ମଧ୍ୟାହ୍ନରେ କେ. ପ୍ରଶାନ୍ତିଙ୍କ ଘରେ ଅଗ୍ନିକାଣ୍ଡ ଘଟିଥିଲା । ଏହା ସଙ୍ଗେସଙ୍ଗେ ଘରର ସମସ୍ତ ଆସବାବପତ୍ରକୁ ବ୍ୟାପିଯାଇଥିଲା । ଏ ସମ୍ପର୍କରେ ଖବର ପାଇ ପାରଳାଖେମୁଣ୍ଡି ଅଗ୍ନିଶମ ବାହିନୀ ତୁରନ୍ତ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ତେବେ ସେତେବେଳକୁ ପ୍ରଶାନ୍ତିଙ୍କ ଘରର ସମସ୍ତ ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଥିଲା । ପ୍ରଶାନ୍ତି ଜଣେ ଗରିବ ଶ୍ରେଣୀର ମହିଳା। ତାଙ୍କର ଦୁଇଝିଅ ଅଛନ୍ତି । ତାଙ୍କ ସ୍ୱାମୀ ଆନ୍ଧ୍ରପ୍ରଦେଶରେ ଦାଦନ ଭାବେ କାର୍ଯ୍ୟ କରୁଛନ୍ତି ।

## ନେଳିଆବନ୍ଧ କାର୍ଯ୍ୟରେ ସୂଚନାଫଳକ ଅଦୃଶ୍ୟ : ଲୋକେ ଅନ୍ଧାରରେ

**ଛତ୍ରପୁର/ହିଞ୍ଜିଳିକାଟୁ, ୨୭।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**



ଗଞ୍ଜାମ ଜିଲ୍ଲା ହିଞ୍ଜିଳି ବ୍ଲକ ଅନ୍ତର୍ଗତ କଞ୍ଚୁରୁ ଗ୍ରାମପଞ୍ଚାୟତର କଣ୍ଟେଇକୋଳି ଗ୍ରାମର ନେଳିଆବନ୍ଧ ନିର୍ମାଣ କାର୍ଯ୍ୟ ହୋଇଆସୁଥିବା ବେଳେ ସୁଚନାଫଳକ ଅଦୃଶ୍ୟ ରହିଛି । ତେବେ ପଞ୍ଚାୟତସ୍ତରରେ ହେଉଥିବା କାର୍ଯ୍ୟକୁ ବିଭାଗୀୟ ଯନ୍ତ୍ରୀ ଏବଂ ପଞ୍ଚାୟତ ଅଧିକାରୀଙ୍କ ଅଗୋଚରରେ ଚାଲୁଥିବା ସମ୍ଭାବନା ରହିଛି । ଏଭଳି ଦୃଶ୍ୟ ବିନା ସୂଚନାଫଳକରେ ଚାଲୁଥିବା ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କଞ୍ଚୁରୁ ପଞ୍ଚାୟତର କଣ୍ଟେଇକୋଳି ଗ୍ରାମରେ ଦେଖିବା ମିଳୁଛି । ସୂଚନାମୁତାବକ କଣ୍ଟେଇକୋଳି ଗ୍ରାମରେ ଥିବା ନେଳିଆ ବନ୍ଧର ଉନ୍ନିତକରଣ ନେଇ କାର୍ଯ୍ୟ ଚାଲିଛି । ବନ୍ଧ ଚତୁପାର୍ଶ୍ୱରେ ପୂର୍ବରୁ ନିର୍ମାଣ କରାଯାଇଥିବା ଗାର୍ଡୱାଲ ଉପରେ ସିମେଣ୍ଟ ଇଟା ଯୋଡିବା କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ହେଲେ କେତେ ଟଙ୍କାର ଅଟକଳ ମୂଲ୍ୟ ରହିଛି, କେଉଁ ଯୋଜନାରୁ ଅର୍ଥ ଆସିଛି, କେଉଁ କାର୍ଯ୍ୟନିର୍ବାହୀ ସଂସ୍ଥା କିମ୍ବା ଠିକାଦାରଙ୍କ ନାମ କଣ ଏବଂ କେଉଁ କାର୍ଯ୍ୟ ହେଉଥିବା ବିବରଣୀ ଲିଖିତ ଭାବେ ନିର୍ମାଣ କାର୍ଯ୍ୟ ଆରମ୍ଭ ପୂର୍ବରୁ ନାଗରିକ ମାନଙ୍କ ନେଇ ପ୍ରଦର୍ଶନୀଫଳକ ରହିବା କଥା । କିନ୍ତୁ ସରକାରୀ ନିୟମର ଧଜିଆ ଉଡାଇ ତରବରିଆ ଭାବେ କାର୍ଯ୍ୟ ଚାଲୁଛି । ଏପରି କିଛି ନିର୍ମାଣ କାର୍ଯ୍ୟ କଣ୍ଟେଇକୋଳି ଗ୍ରାମରେ ଦେଖିବା ମିଳିଛି । ଗୁଣାତ୍ମକ ଓ ସ୍ଥାୟୀତ୍ୱ ଉପରେ ମଧ୍ୟ ସନ୍ଦେହ ସୃଷ୍ଟି ନେଇ ଗ୍ରାମବାସୀଙ୍କ ଠାରୁ ଶୁଣିବାରେ ମିଳୁଛି । ଏନେଇ ଆମ ପ୍ରତିନିଧି ସ୍ଥାନୀୟ ଯନ୍ତ୍ରୀଙ୍କ ସହିତ ଫୋନରେ ଯୋଗାଯୋଗ କରିଥିଲେ । କିନ୍ତୁ ତାହା ସମ୍ଭବ ପର ହୋଇନାହିଁ । କିନ୍ତୁ ଉନ୍ନୟନ କାର୍ଯ୍ୟ ଏବଂ ସୁଚନାଫଳକ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ ନେଇ ସୂଚନା ମିଳିଥିବା ତଥ୍ୟ ଅନୁସାରେ ସୁଚନାଫଳକ ନଥିବା ଏବଂ ଡିପାର୍ଟମେଣ୍ଟାଲ କାର୍ଯ୍ୟ ହେଉଥିବା ଶୁଣିବାକୁ ମିଳିଥିଲା । ତେବେ ଡିପାର୍ଟମେଣ୍ଟାଲ କାର୍ଯ୍ୟ ହେଉଥିଲେ ମଧ୍ୟ ସରକାରୀ ସ୍ତରରେ କେମିତି ନାଗରିକମାନଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଦର୍ଶନୀଫଳକକୁ ଭୁଲିଯିବା ଏବଂ ସୁଚନାଫଳକ ନିର୍ମାଣ ପାଇଁ ଆସୁଥିବା ଅର୍ଥ ବାଟମାରଣା ପରି ଦେଖାଯାଉଥିବା ବେଳେ ନେଳିଆ ବନ୍ଧ ଉନ୍ନତ କରଣ ନିର୍ମାଣ କାର୍ଯ୍ୟର ସ୍ଥାୟିତ୍ୱ ଏବଂ ଗୁଣାତ୍ମକକୁ ନେଇ ଅର୍ଥ ବାଟମାରଣା କଥାକୁ ଏଡେଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ତେଣୁ ଲୋକଙ୍କ ଟିକସ ଅର୍ଥ ଠିକ ଭାବରେ ସଦୁପଯୋଗ ହୋଇ ନିର୍ମାଣ କାର୍ଯ୍ୟ ସୁନିଶ୍ଚିତ ଏବଂ ଦୀର୍ଘସ୍ଥାୟୀ ନେଇ କଞ୍ଚୁରୁ ପଞ୍ଚାୟତର କଣ୍ଟେଇକୋଳିର ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକୁ ଉଚ୍ଚକର୍ତ୍ତୃପକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହେଉଛି ।

## ହୋଟେଲରୁ ମିଳିଲା ଗଞ୍ଜେଇ

**ଝାରସୁଗୁଡ଼ା, ୨୭।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଝାରସୁଗୁଡ଼ା ଥାନା ଅନ୍ତର୍ଗତ ରେଳ ଷ୍ଟେସନ ନିକଟସ୍ଥ ଏକ ହୋଟେଲରେ ୨ ଜଣ ବ୍ୟକ୍ତି ସନ୍ଦିଗ୍ଧ ସାମଗ୍ରୀ ଧରି ଡିଲିଂ କରୁଥିବା ସୂଚନା ପାଇ ପୁଲିସ୍ ଚଢ଼ାଉ କରିଥିଲା । ଏହି ଘଟଣାରେ ପୁଲିସ୍ ୨ ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ୧୩.୧୩୭ କେଜି ଗଞ୍ଜେଇ, ୨ଟି ମୋବାଇଲ୍, ନଗଦ ୨୮୦୦ଟଙ୍କା ଓ ଗୋଟିଏ ଏହାର ବ୍ୟାଗ ଜବତ କରିଛି । ଅଭିଯୁକ୍ତମାନେ ହେଲେ ମଧ୍ୟପ୍ରଦେଶ ଛତ୍ରପୁରର ଭୂମଣି ଦିନ୍ ବିହୁଆ(୨୭) ଓ ସଚିନ୍ କୁମାର ରାଇକ୍ୱାଲ୍(୨୬) । ଏହି ମାମଲାରେ ହୋଟେଲ ମାଲିକ ଓ କର୍ମଚାରୀଙ୍କ ସମ୍ପୃକ୍ତି ନେଇ ତଦନ୍ତ ଜାରି ରହିଥିବା ପୁଲିସ୍ ପକ୍ଷରୁ ଏକ ପ୍ରେସ୍ ବିବୃତିରେ ସୂଚନା ପ୍ରଦାନ କରାଯାଇଛି ।

## ଗୋପୀନାଥପୁରରେ ବୋମା ମାଡ଼

**କଣାସ, ୨୭।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କଣାସ ବ୍ଲକ ଗଡିଶାଗୋଦାଥାନା ପରିସରଭୁକ୍ତ ଗୋପୀନାଥପୁର ଗ୍ରାମରେ ଜମିରେ ପାଣିମଡାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ବଚସା ହୋଇଥିଲା । ସକାଳୁ ଦିଲ୍ଲୀପ ପ୍ରଧାନ ଚା' ପିଇବାକୁ ଯାଉଥିବାବେଳେ ଅନ୍ୟ ପରିବାରର ଟୁଲୁ ପ୍ରଧାନ ତିନୋଟି ବୋମା ମାଡ କରିଥିଲେ । ଯାହାଦ୍ୱାରାକି ଦିଲ୍ଲୀପ ପ୍ରଧାନ ଓ ପ୍ରକାଶ ପ୍ରଧାନ ଦୁଇ ଭାଇ ସାମାନ୍ୟ ଆହତ ହୋଇଥିବାବେଳେ ସେହି ଗ୍ରାମର ସର୍ବେଶ୍ୱର ପ୍ରଧାନ ମଧ୍ୟ ବୋମା ମାଡରେ ଆହତ ହୋଇଥିଲେ । ତିନି ଆହତ ବ୍ୟକ୍ତି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ଖବର ପାଇ ଗଡିଶାଗୋଦା ଥାନା ଅଧିକାରୀ ସୁଧୀର କୁମାର ଦାସ ଘଟଣାସ୍ଥଳରେ ପହଁଚି ବୋମା ପକାଇଥିବା ଟୁଲୁ ପ୍ରଧାନକୁ ଧରି ଆଣି ଗଡିଶାଗୋଦା ଥାନାରେ ଅଟକ ରଖିଛନ୍ତି । ପ୍ରକାଶ ପ୍ରଧାନ ବୋମା ମାଡ ସଂପର୍କରେ ଗଡିଶାଗୋଦା ଥାନାରେ ଏତଲା ଦେବା ପରେ ଗଡିଶାଗୋଦାଥାନା ଆଇଆଇସି ଗଡିଶାଗୋଦା ଥାନା କେସ ନମ୍ବର ୨୦୮/୨୦୨୫ ଏକ ମକଦମା ରୁଜ କରି ତଦନ୍ତ ଚଳାଇଛନ୍ତି । ପୁରୀରୁ ସାଇଣ୍ଟିଫିକ ଟିମ ଆସି ପରୀକ୍ଷା ନିରୀକ୍ଷା କରି ଫେରି ଯାଇଛନ୍ତି ।

## ଟୁରିଷ୍ଟ ବସ୍ ଓଲଟଲା

**ସମ୍ବଲପୁର, ୨୭।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରେଢ଼ାଖୋଲ ରାସ୍ତାରେ ସଡ଼କ ଦୁର୍ଘଟଣା । ଭୁବନେଶ୍ୱରରୁ ସମ୍ବଲପୁର ଯିବା ବେଳେ ଦୁର୍ଘଟଣା ଘଟିଥିବା ସୂଚନା ରହିଛି । ପୋଲକୁ ଧକ୍କା ଦେଇ ଓଲଟିପଡିଲା ଟୁରିଷ୍ଟ ଗାଡ଼ି ଛରେଢ଼ାଖୋଲ ରାସ୍ତା କଁସର ନିକଟରେ ଦୁର୍ଘଟଣା ହୋଇଛି । ତେବେ ସଡ଼କ ଦୁର୍ଘଟଣାରେ ୧୫ଜଣ ଆହତ ହୋଇଛନ୍ତି ।ତେବେ ଆହତଙ୍କୁ ସଦର ଓ ବୁର୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

## ଅବକାରୀ ବିଭାଗ ପଞ୍ଝାରେ ନିଶାବେପାରୀ

**ଜଗତସିଂହପୁର, ୨୭।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ସମଗ୍ର ରାଜ୍ୟରେ ଅବକାରୀ ବିଭାଗର ସ୍ପେଶାଲ ଡ୍ରାଇଭ ଚାଲିଥିବାବେଳେ ଶୁକ୍ରବାର ଦୁଇଟି ଭିନ୍ନଭିନ୍ନ ସ୍ଥାନରେ ଚଢାଉ କରି ଦୁଇଜଣ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ବିଭାଗ ।

ଜଗତସିଂହପୁର ଥାନା ଅନ୍ତର୍ଗତ ଗଉଡୁଣି ପଡିଆ ଠାରେ ଦୀର୍ଘ ଦିନ ହେବ ବ୍ରାଉନସୁଗାର କାରବାର ଲୁଚାଛପାରେ ଚାଲୁଥିବାର ଏକ ଅଭିଯୋଗକୁ ଭିତ୍ତି କରି ଜଗତସିଂହପୁର ଅବକାରୀ ରେଞ୍ଜର ଇନ୍ସପେକ୍ଟର ଶ୍ରୀକାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ ଚଢାଉ କରିଥିଲେ । ଅଭିଯୁକ୍ତ ଜଣଙ୍କ ଘଟଣାସ୍ଥଳରୁ ଖସି ପଳାଇବାକୁ ଚେଷ୍ଟା କରୁଥିବାବେଳେ ତାଙ୍କୁ କାବୁ କରିନେଇଥିଲେ । ଯାଞ୍ଚ ପରେ ତାଙ୍କ ନିକଟରୁ ୨୫ ଗ୍ରାମର ବେଆଇନ ହେରୋଇନ ଏବଂ ହେରୋଇନ ବ୍ୟବସାୟରେ ବ୍ୟବହୃତ ଏକ ଟିଭିଏସ୍ ଜୁପିଟର ସ୍କୁଟି ଜବତ କରାଯାଇଥିଲା ଯାହାର ଆନୁମାନିକ ମୂଲ୍ୟ ୩,୦୦,୦୦୦ ଟଙ୍କା ହେବ । ଗିରଫ ଅଭିଯୁକ୍ତ ଜଣକ ହେଲେ ଅଲଣା ଗ୍ରାମର ସ୍ୱର୍ଗତ ଅନନ୍ତ ଚରଣ ସାହୁଙ୍କ ପୁଅ ମୁନା ସାହୁ(୩୬) ।

ସେହିପରି ଅନ୍ୟ ଏକ ଘଟଣାକ୍ରମ ପାରାଦୀପ ଅବକାରୀ ରେଞ୍ଜର ଇନ୍ସପେକ୍ଟର ପ୍ରଶାନ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ ପାରାଦୀପ ଥାନା ଅନ୍ତର୍ଗତ ମଧୁବନ ଜଗନ୍ନାଥ କଲୋନିରେ ଚଢାଉ କରି ୧କେଜି ୨୫୦ ଗ୍ରାମର ଗଞ୍ଜେଇ ଜବତ କରିବା ସହ ଗଞ୍ଜେଇ ବେପାରରେ ଜଡିତ ଥିବା ଜଗନ୍ନାଥ କଲୋନିର ସ୍ୱର୍ଗତ ଗୌରହରି କରଣଙ୍କ ପୁଅ ଝାଡେଶ୍ୱର କରଣ(୩୬)ଙ୍କୁ ଗିରଫ କରିଛି । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦,୨୫୦ ଟଙ୍କା ହେବ । ଆଜିର ଏହି ଚଢାଉରେ ଜଗତସିଂହପୁର ଅବକାରୀ ରେଞ୍ଜ ର କନଷ୍ଟେବଲ ଜୟଦେବ ପାତ୍ର, ବର୍ଷାରାଣୀ ଖୁଣ୍ଟିଆ, ଦୀନବନ୍ଧୁ ସେଠୀ, ଅନୁରାଗ ସୂର୍ଯ୍ୟବଂଶୀ, ପାରାଦୀପ ଅବକାରୀ ରେଞ୍ଜର ଏଏସ୍ଆଇ ଗୟାଧର ସେଠୀ, କନଷ୍ଟେବଳ ନବଘନ ମାରାଣ୍ଡି, ସନ୍ତୋଷୀ ସାହୁ, ମନୋରଞ୍ଜନ ଦାସ ପ୍ରମୁଖ ସାମିଲ ଥିଲେ । ପ୍ରକାଶ ଥାଉ କି ଗିରଫ ଅଭିଯୁକ୍ତ ମୁନା ସାହୁ ଜଣେ ପେଶାଦାର ହେରୋଇନ ବ୍ୟବସାୟୀ । ତାଙ୍କ ନାମରେ ପୂର୍ବରୁ ଅନେକ ମାମଲା ରହିଛି । ଗିରଫ ଦୁଇ ଅଭିଯୁକ୍ତଙ୍କୁ ଦୁଇଟି ଅଲଗା ଅଲଗା ମାମଲାରେ କୋର୍ଟ ଚାଲାଣ କରାଯାଇଥିବାବେଳେ ଅଭିଯୁକ୍ତ ଦ୍ୱୟଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି । ନାର୍କୋଟିକ୍ସ ବ୍ୟବସାୟ ବିରୋଧରେ ଚଢାଉକୁ ଅଧିକ ତୀବ୍ରତର କରାଯିବ ସହ ଶୂନ୍ୟସହନଶୀଳ ନୀତିରେ ସମସ୍ତ ଅଭିଯୁକ୍ତଙ୍କୁ ଦମନ କରିବା ପାଇଁ ଆଗାମୀ ଦିନରେ ଅବକାରୀ ବିଭାଗ ତାର ପ୍ରୟାସ ଜାରି ରଖିବ ବୋଲି ଅବକାରୀ ଅଧିକ୍ଷିକା ଶ୍ରୀମତି ଅନିତା ପ୍ରଧାନ ପ୍ରକାଶ କରିଛନ୍ତି ।

## ମୋରମ ମାଫିଆକୁ ସାବଡ କରିପାରୁନି ପ୍ରଶାସନ

**ଘଟଗାଁ, ୨୭।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**



କେନ୍ଦୁଝର ଜିଲ୍ଲା ଘଟଗାଁ ତହସିଲ ଅଧିନସ୍ଥ ବିଭିନ୍ନ ରାଜସ୍ୱ ନିରୀକ୍ଷିକ କାର୍ଯ୍ୟାଳୟଗୁଡ଼ିକରୁ ବେଧଡକ ଭାବରେ ଚାଲିଛି ବେଆଇନ ମୋରମ ପରିବହନ । ଏହି ବେଆଇନ ମୋରମ ପରିବହନ ଉପରେ ସମ୍ପୂର୍ଣ୍ଣ ଅଙ୍କୁଶ ପ୍ରଶାସନ ଲଗାଇବାରେ ବିଫଳ ହେଉଥିବା ଦେଖାଯାଉଛି । ଏଭଳି ମୋରମ ବେଆଇନ ପରିବହନ ପ୍ରଶାସନ ଜାଣତରେ ହେଉଥିବା ସାଧାରଣ ରେ ଆଲୋଚନା ହେଉଛି । ରାଜ୍ୟ ସରକାର ମାଫିଆ ମାନଙ୍କୁ ସାବାଡ କରିବାକୁ ପ୍ରଶାସନକୁ ନର୍ଦ୍ଦେଶ ଦେଇଥିବା ବେଳେ ଘଟଗାଁ ତହସିଲ ଅଞ୍ଚଳରେ ରାଜ୍ୟ ସରକାରଙ୍କ ନିୟମକୁ ଫୁଁ' କରି ନିଘୋଡ଼ ନିଦ୍ରାରେ ପ୍ରଶାସନଛ ପ୍ରଶାସନ ନିରବତାର ଫାଇଦା ନେଇ ମୋରମ ମାଫିଆମାନେ ଜେସିପି, ଟ୍ରାକ୍ଟର ସାହାଯ୍ୟରେ ଦିବା ଆଲୋକରେ ନିର୍ଭୟରେ ମାଫିଆମାନେ କରୁଛନ୍ତି ରାଜସ୍ୱ ହରିଲୁଟ । ଏହାର ଜଳନ୍ତା ଉଦାହରଣ ଦେଖିବାକୁ ମିଳୁଛି ସାନ୍ତରାପୁର ଓ ଖଣ୍ଡଘର ପଞ୍ଚାୟତରେ । ଦିବାର ସୂର୍ଯ୍ୟାଲୋକରେ ହେଉ ଅଥବା ରାତ୍ରିରେ ହେଉ ନିର୍ଭୟ ଭାବରେ ରାଜସ୍ୱ ହରିଲୁଟ କରି ଖାଉଛନ୍ତି ମାଫିଆ । ବେନିୟମ ଭାବରେ ବଡ ମେସିନ ଲଗାଇ ମୋରମ ଉତ୍ତୋଳନ କରି ଅନ୍ୟତ୍ର ହେଉଛି ପରିବହନ ।

ସୂଚନା ଥାଉକି ଘଟଗାଁ ତହସିଲ ଢେଂକିକୋଟ ରାଜସ୍ୱ ନିରୀକ୍ଷକ ଅଧୀନରେ ଯାଉଥିବା ସରକାରୀ ଖାତା ନଂ ୧୧୯ ଏବଂ ପ୍ଲଟ ନଂ ୭୯୮ ରୁ ମେସିନ ସାହାଯ୍ୟରେ ମୋରମ ଉତ୍ତୋଳନ କରି ସାନ୍ତରାପୁର ଠାରୁ ଭାୟା ବଡ଼ସାହି, ଫୁଲପଡା, ଛତିଆ ଦେଇ ରଘୁବେଡା ସଂଯୋଗ କରିଥିବା ରାସ୍ତାକୁ ପରିବହନ କରିଛନ୍ତି । ମାଫିଆମାନେ ମୋରମ ପରିବହନ କରି କଣ୍ଟ୍ରାକ୍ଟର ପାଖରୁ ମୋଟା ରକମ ପାଉଣା ନେଇ ପକେଟ ଗରମ କରୁଛନ୍ତି । ଅନ୍ୟପକ୍ଷରେ ସହଜ ଓ ସୁବିଧାରେ ମୋରମ ପାଇ ନିମ୍ନମାନର କାର୍ଯ୍ୟକରୀ ଠିକା ଦାର ହେଉଛି ମାଲେମାଲ । ଗୋଚର, ଗୋଦାଣ୍ଡି ଇତ୍ୟାଦି ସରକାରୀ ଖାତାରୁ ମୋରମ ପରିବହନ ହେଉଥିବା ଯୋଗୁଁ ଗାଈ, ଗୋରୁ, ମଇଁଷି, ଛେଳି ଚରିବାରେ ଅସୁବିଧା ହେଉଛି । ଯେଉଁ ବଡ଼ ବଡ଼ ଖାତ କରି ମୋରମ ଉତ୍ତୋଳନ କରିଛନ୍ତି ବର୍ଷା ଦିନରେ ଗୃହପାଳିତ ପଶୁ ପଡିଯିବାର ଅନେକ ସମ୍ଭାବନା ରହୁଛି । ଆଗକୁ ସମୟ କହିବ ଖବର ପ୍ରସାରଣ ପରେ ପ୍ରଶାସନ କିଭଳି ପଦକ୍ଷେପ ଗ୍ରହଣ କରୁଛି ।

# ସମସ୍ୟା ଘେରରେ କଳିଙ୍ଗନଗର ଥାନା

**କଳିଙ୍ଗନଗର, ୨୭।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଶିଳ୍ପାଞ୍ଚଳ କଳିଙ୍ଗନଗର ଯେଉଁଠାରେ ରାଜ୍ୟର ଆର୍ଥିକ ବିକାଶ ଗତି ଦେଉଛି, ସେଠାରେ ଆଇନ ଶୃଙ୍ଖଳା ରକ୍ଷା କରୁଥିବା ପୋଲିସ ବ୍ୟବସ୍ଥା ଆଜି ଗୁରୁତର ସଂକଟ ଦେଖାଦେଇଛି । ଓଡ଼ିଶାର ମୁଖ୍ୟ ଶିଳ୍ପାଞ୍ଚଳ ମଧ୍ୟରୁ ଗଣ୍ୟ କଳିଙ୍ଗନଗର ପୋଲିସ ଷ୍ଟେସନ ବର୍ତ୍ତମାନ ଗଭୀର ସମସ୍ୟା ଘେରରେ ଗତି କରୁଛି । ଶିଳ୍ପ ବିକାଶ ସହିତ ସହିତ ଅଞ୍ଚଳରେ ଜନସଂଖ୍ୟା, ଟ୍ରାଫିକ, ଅପରାଧ ଓ ସାମାଜିକ ସମସ୍ୟା ଦ୍ରୁତଗତିରେ ବଢୁଥିବାବେଳେ, ଏହାକୁ ସମ୍ଭାଳିବାକୁ ଥିବା ପୋଲିସ ବ୍ୟବସ୍ଥା ନିଜେ ଅଭାବ ଓ ଚାପରେ ରହିଛି । କଳିଙ୍ଗନଗର ପୋଲିସ ଷ୍ଟେସନ ଅନ୍ତର୍ଗତ ମୋଟ ୯ଟି ଗ୍ରାମ ପଞ୍ଚାୟତ ରହିଛି । ଏହାର ମଧ୍ୟରୁ ସୁକିନ୍ଦା ବ୍ଲକ୍- ୫ଟି ଗ୍ରାମପଞ୍ଚାୟତ ଦାନଗଡି ବ୍ଲକ୍- ୪ଟି ପଞ୍ଚାୟତ ଅଞ୍ଚଳରେ ମୋଟ ଜନସଂଖ୍ୟା ପ୍ରାୟ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ଥିବାବେଳେ ଟାଟାଷ୍ଟିଲ, ନୀଳାଞ୍ଚଳ ଇସ୍ପାତ ବିଆର ପିଏଲ ଭଳି ବଡ଼ ବଡ଼ ଶିଳ୍ପ ଦ୍ୱାରା ଏକଲକ୍ଷ ଊର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀ ଅତ୍ୟଧିକ ବୃଦ୍ଧି ଦେଖା ଦେଇଛି । ଆହୁରି ମଧ୍ୟ ଦିନକୁ ଦିନ ଶିଳ୍ପାଞ୍ଚଳକୁ ବାହାର ରାଜ୍ୟରୁ ଆସୁଥିବା ଶ୍ରମିକ, ଟ୍ରାନ୍ସପୋର୍ଟ ଗାଡ଼ି, କର୍ମଚାରୀ ଓ ବ୍ୟବସାୟୀଙ୍କ ଭିଡ଼ ପୋଲିସ ପାଇଁ ଅତିରିକ୍ତ ଚାପ ସୃଷ୍ଟି କରୁଛି । ଥାନାରେ ସରକାରୀ ଭାବେ ସ୍ୱୀକୃତ ପଦବୀ ରହିଥିବା ସତ୍ତ୍ୱେ ବାସ୍ତବ ମଞ୍ଚରେ ଭୟାବହ କର୍ମଚାରୀ ଅଭାବ ଦେଖାଯାଉଛି, ଯାହା ଥାନାର ସାଧାରଣ କାର୍ଯ୍ୟପ୍ରଣାଳୀକୁ ଗଭୀର ଭାବେ ପ୍ରଭାବିତ କରୁଛି । କଳିଙ୍ଗନଗର ଥାନା ରେ କର୍ମଚାରୀଙ୍କ ଅଭାବ କାର୍ଯ୍ୟ କରିବାରେ ସମସ୍ୟାର ସମ୍ମୁଖୀନ ଭିତରେ ଥାନା ଅଧିକାରୀ (ଆଇଆଇସି) ପଦବୀ ୧ଟି ଥିବାବେଳେ ସେଠାରେ ଜଣେ ନିଯୁକ୍ତ ଅଛନ୍ତି, କିନ୍ତୁ ସବ୍-ଇନ୍ସପେକ୍ଟର (ଏସଆଇ) ୭ଟି ପଦବୀ ମଧ୍ୟରୁ କେବଳ ୨ଜଣ ନିଯୁକ୍ତ ରହିଥିବାରୁ ତଦନ୍ତ ଓ ଆଇନଗତ କାର୍ଯ୍ୟରେ ଗୁରୁତର ସମସ୍ୟା ସୃଷ୍ଟି ହେଉଛି । ଏଏସଆଇ ୪ଟି ପଦବୀ ମଧ୍ୟରୁ ୪ଜଣ ଥିଲେ ମଧ୍ୟ, ହେଡ଼ ହାବିଲଦାର ୨ଟି ପଦବୀ ଥିବା ସତ୍ତ୍ୱେ ଗୋଟିଏ ବି ପଦବୀ ପୂରଣ ହୋଇନଥିବାରୁ (ଶୂନ୍ୟ) ଦୈନନ୍ଦିନ ପୋଲିସ କାର୍ଯ୍ୟ ଅତ୍ୟନ୍ତ ବାଧାଗ୍ରସ୍ତ ହେଉଛି ।




ସେହିପରି କନଷ୍ଟେବଲ ୧୪ଟି ପଦବୀ ମଧ୍ୟରେ ମଧ୍ୟ ଗଭୀର ଅଭାବ ରହିଛି । ଓଡ଼ିଶା ସହାୟକ ପୋଲିସ ବଳ (ଓଏପିଏଫ୍) ୧୦ଜଣ ଆବଶ୍ୟକ ଥିବାବେଳେ କେବଳ ୭ଜଣ ମିଳୁଥିବା ସହ, ହୋମଗାର୍ଡ ୪୪ଜଣ ପଦବୀ ବଦଳରେ ଅଧା, ଅର୍ଥାତ୍ ୨୨ଜଣ ଦ୍ୱାରା କାର୍ଯ୍ୟ ସମ୍ପାଦନ କରାଯାଉଛି । ଏହା ସହ ସରକାରୀ ନିୟମାବଳୀ (ଜିଆର୍) ୨୧ଟି ଥିବା ସତ୍ତ୍ୱେ କେବଳ ୫ଟି କାର୍ଯ୍ୟକାରୀ ହେଉଥିବା ତଥ୍ୟ ପ୍ରଶାସନୀୟ ଅକ୍ଷମତାକୁ ପ୍ରକାଶ କରୁଛି । ଏପରି ମାନବଶକ୍ତି ଅଭାବ ମଧ୍ୟରେ ଆଇନଶୃଙ୍ଖଳା ରକ୍ଷା, ଅପରାଧ ନିୟନ୍ତ୍ରଣ ଓ ସାଧାରଣ ଲୋକଙ୍କ ସୁରକ୍ଷା ନିଶ୍ଚିତ କରିବା ଥାନା ପାଇଁ ଦିନକୁ ଦିନ ଅଧିକ ଚ୍ୟାଲେଞ୍ଜ ହୋଇଉଠୁଛି । ଅତ୍ୟନ୍ତ ସମ୍ବୋଧନ ଶିଳାଞ୍ଚଳ ହୋଇ ମଧ୍ୟ ଥାନାର ଏହି ତଥ୍ୟ ଦେଖାଉଛି ଯେ ସରକାରଙ୍କ ଗୃହ ବିଭାଗର ସ୍ୱୀକୃତ ପଦବୀ ଓ ବାସ୍ତବ ନିଯୁକ୍ତି ମଧ୍ୟରେ ବଡ଼ ତାରତମ୍ୟ ରହିଛି, ଯାହା ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ଚିନ୍ତାଜନକ । ଯଦିଓ ପୋଲିସ କର୍ମଚାରୀଙ୍କ ପାଇଁ ୮ ଘଣ୍ଟା ଡ୍ୟୁଟି ବ୍ୟବସ୍ଥା ରହିଛି, ବାସ୍ତବରେ ସେମାନେ ୨୪ ଘଣ୍ଟା ସକ୍ରିୟ ରହିବାକୁ ଅନେକ ସମୟରେ ପଡୁଛି । ଥାନା ପରିସରରେ ସବୁ କର୍ମଚାରୀଙ୍କ ପାଇଁ କ୍ୱାର୍ଟର୍ସ ସୁବିଧା ନଥିବାରୁ, ଆପାତକାଳୀନ ସମୟରେ କର୍ମଚାରୀମାନେ ଦୂରରୁ ଆସିବାକୁ ପଡୁଛି, ଯାହା ପରିବାରିକ ଓ କାର୍ଯ୍ୟଗତ ଦୁଇ ପକ୍ଷରେ ଅସୁବିଧା ସୃଷ୍ଟି କରୁଛି । ବହୁ ସମୟରେ ପୋଲିସ ଗାଡ଼ି ଅଭାବ ଥିବାରୁ ଅପରାଧ କରି ଅପରାଧୀମାନେ ସହଜରେ ଖସିଯିବାର ଅଭିଯୋଗ ଉଠୁଛି । ଶିଳ୍ପାଞ୍ଚଳରେ ଦୁର୍ଘଟଣା, ଟ୍ରାଫିକ ଜାମ୍, ନିଶାକରବାର ବୃଦ୍ଧି ପରି ସମସ୍ୟାକୁ ଦେଖିଲେ, ଏହି ଅଭାବ ଆହୁରି ଗମ୍ଭୀର ହୋଇଯାଉଛି । ଶିଳ୍ପାଞ୍ଚଳ ଥିବାରୁ ବାହାର ରାଜ୍ୟର ଶ୍ରମିକ ଓ କର୍ମଚାରୀଙ୍କ ଭିଡ଼, ସହିତେ ନିଶାକରବାର ବୃଦ୍ଧି, ପୋଲିସ ପାଇଁ ଅତିରିକ୍ତ ଚାଲେଞ୍ଜ ସୃଷ୍ଟି କରୁଛି । କମ କର୍ମଚାରୀ ନେଇ ଏତେ ବଡ଼ ଅଞ୍ଚଳକୁ ସମ୍ଭାଳିବା ସହଜ ନୁହେଁ । କଳିଙ୍ଗନଗର ପୋଲିସ ଷ୍ଟେସନର ଗୁରୁତ୍ୱ, ଶିଳ୍ପାଞ୍ଚଳ ଚରିତ୍ର ଓ ବଢୁଥିବା ଅପରାଧକୁ ଦୃଷ୍ଟିରେ ରଖି, ଗୃହ ବିଭାଗ ତୁରନ୍ତ ଖାଲି ପଡ଼ିଥିବା ପଦବୀ ପୂରଣ, ପୋଲିସ କ୍ୱାର୍ଟର୍ସ ଓ ଯାନବାହନ ସୁବିଧା ଯୋଗାଇବାକୁ ବୁଦ୍ଧିଜୀବୀ ମହଲ ଓ ସ୍ଥାନୀୟ ଲୋକମାନେ ଦାବି କରୁଛନ୍ତି । ପ୍ରଶାସନ ଯଦି ସମୟରେ ପଦକ୍ଷେପ ନେଇନାହିଁ, ତେବେ ଆସନ୍ତା ଦିନରେ ଏହି ଅଭାବ ସାଧାରଣ ଲୋକଙ୍କ ସୁରକ୍ଷା ଉପରେ ଗଭୀର ପ୍ରଭାବ ପକାଇପାରେ ବୁଦ୍ଧିଜୀବୀ ମହଲ ରେ ମତ ପ୍ରକାଶ ପାଉଛି ।

■ ଆମ ରାଜ୍ୟ ଆଜିଯାଏଁ ପରିବା ଚାଷରେ ଆତ୍ମନିର୍ଭରଶୀଳ ହୋଇପାରିନାହିଁ । ପଡ଼ୋଶୀ ରାଜ୍ୟରୁ ପନିପରିବା ନ ଆସିଲେ ଆମ ରାଜ୍ୟରେ ପନିପରିବାର ଅଭାବ ଦେଖାଦିଏ ଏବଂ ଦର ବୃଦ୍ଧି ଘଟେ। ଚଳିତବର୍ଷ ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ ଭଳି ପ୍ରମୁଖ ଉତ୍ପାଦକ ରାଜ୍ୟରୁ ଯୋଗାଣରେ ଗୁରୁତର ବାଧା ସୃଷ୍ଟି ହେବା ଫଳରେ ଓଡ଼ିଶା ବଜାରରେ ଟମାଟୋ ଦର ଆକାଶଛୁଆଁ ହୋଇଛି । ଟମାଟୋ ■ ରୋଷେଇଘରର ଏକ ମୁଖ୍ୟ ପରିବା ହୋଇଥିବାରୁ ଏହା ନିଅଣ୍ଟିଆ ଲୋକଙ୍କ ପାଇଁ ଖୁବ୍ ସମସ୍ୟା ସୃଷ୍ଟି କରିଛି ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୨୮ ଡିସେମ୍ବର ୨୦୨୫ | ରବିବାର


## ଓଡ଼ିଶା ଏକ୍ସପ୍ରେସ୍

### ପରିବା ଦରରେ ତାତି ଶୀତ କରୁଛି କଲବଲ

ପାଣିପାଗ ସୂତ୍ରରୁ ଜଣାଯାଇଛି ଆସନ୍ତା ୪ଦିନ ଅର୍ଥାତ୍ ନୂଆବର୍ଷ ପର୍ଯ୍ୟନ୍ତ ରାଜ୍ୟର ସର୍ବନିମ୍ନ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବନାହିଁ । ବର୍ତ୍ତମାନ ଜାରି ରହିଥିବା ଶୀତ ପ୍ରବାହ ବଳବତ୍ତର ରହିବ । ଏହାପରେ ୨ ରୁ ୪ ଡିଗ୍ରୀ ବୃଦ୍ଧି ପାଇପାରେ । ଏହି ସମୟ ମଧ୍ୟରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଘନ କୁହୁଡ଼ି ଲାଗି ରହିବ । ଆସନ୍ତା ୪୮ ଘଣ୍ଟା ମଧ୍ୟରେ କନ୍ଧମାଳ, ନୟାଗଡ଼, କଳାହାଣ୍ଡି, କୋରାପୁଟ, ଗଞ୍ଜାମ, ଜଗତସିଂହପୁର, କଟକ, ଅନୁଗୁଳ ଓ ଖୋର୍ଦ୍ଧା ଜିଲ୍ଲାର କେତେକ ସ୍ଥାନରେ ଘନ କୁହୁଡ଼ି ହେବାକୁ ଥିବାରୁ ଦୃଶ୍ୟମାନ ଦୂରତା ହ୍ରାସ ପାଇବ । ତେଣୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଗତ ୨୪ ଘଣ୍ଟାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକ ରହିଛି । ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ ଦୁଇଟି ସ୍ଥାନରେ ସ୍ୱାଭାବିକଠାରୁ କମ୍ ରହିଛି ତାପମାତ୍ରା । କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୪.୮ ଡିଗ୍ରୀ ରେକର୍ଡ କରାଯାଇଛି । ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକଙ୍କ ଆକଳନ ଅନୁଯାୟୀ ରାଜ୍ୟରେ ଚାଲୁ ରହିଥିବା ଥଣ୍ଡା ଅତି କମ୍‌ରେ ଜାନୁଆରୀ ୨୦୨୬ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଲାଗି ରହିବ ।

ଶୀତର ପ୍ରକୋପ ଗରିବଗୁରୁବାଙ୍କ ପାଇଁ ଅସହ୍ୟ ହେବାରେ ଲାଗିଛି । ଯେଉଁମାନେ ଖୋଲା ଆକାଶ ତଳେ ରାତି ବିତାନ୍ତି ସେମାନେ ଖୁବ୍ କଲବଲ ହେଉଛନ୍ତି ଏ ବେଳରେ । ଆଗକୁ ନିର୍ବାଚନ ନଥିବାରୁ କମ୍ବଳ ବାଣ୍ଟା ନେତାଙ୍କୁ ବିଶେଷ ଦେଖିବାକୁ ମିଳୁନି । ଖୋଲା ଆକାଶ ତଳେ ରାତି ବିତାଉଥିବା ଲୋକଙ୍କ ପାଇଁ କରାଯାଇଥିବା ଆଶ୍ରୟସ୍ଥଳଗୁଡ଼ିକରେ ମଧ୍ୟ ସ୍ଥାନର ଅଭାବ ଦେଖାଦେଉଛି । ବିଶେଷ କରି ସହରମାନଙ୍କରେ ଆବଶ୍ୟକ ସଂଖ୍ୟକ ରାତ୍ରୀ ଆଶ୍ରୟସ୍ଥଳୀ ନଥିବାରୁ ଅନେକ ବାସହରା ଲୋକଙ୍କୁ ଖୋଲା ଆକାଶ ତଳେ ରାତି ବିତାଇବାକୁ ପଡୁଛି ।

ଶୀତ ତା'ର ପ୍ରକୋପ ଜାରି ରଖିଥିବା ସମୟରେ ପରିବା ଦରରେ ତାତି ଦେଖାଦେଇଛି । ଏ ସମୟରେ ପନିପରିବା ଦର ତଳମୁହାଁ ହୋଇଥାଏ । କିନ୍ତୁ ଏବର୍ଷ ବିଳମ୍ବିତ ବର୍ଷା ପାଇଁ ଚାଷ ବିଳମ୍ବିତ ହେବା କାରଣରୁ ଅମଳ ଆଶାନୁରୂପକ ହୋଇନାହିଁ । ରାଜଧାନୀ ସମେତ ଅନ୍ୟାନ୍ୟ ସହରରେ ମଧ୍ୟ ଟମାଟୋ ମୂଲ୍ୟ କିଲୋ ପ୍ରତି ୮୦ ଟଙ୍କା ଛୁଇଁଛି, ଯାହା ଖାଉଟିଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ଗରିବ ଏବଂ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଲୋକେ ଏ ସମୟରେ ସବୁପ୍ରକାର ପନିପରିବା କିଣିବା ପାଇଁ ସକ୍ଷମ ହୋଇଥାନ୍ତି । କାରଣ ଏଇ ସମୟରେ ଶୀତଦିନିଆ ପନିପରିବା ଅମଳ ଅଧିକ ହେଉଥିବାରୁ ଦର ଖୁବ୍ କମ୍ ଥାଏ । ଏ ବେଳରେ ଟମାଟୋ ଏବଂ କୋବି ଗୋରୁଗାଈ ଚରିବା ଅବସ୍ଥାକୁ ଚାଲିଆସେ । ଏବର୍ଷ କିନ୍ତୁ ସେଭଳି ସ୍ଥିତି ଦେଖିବାକୁ ମିଳୁନାହିଁ । ବିଲାତି ବାଇଗଣକୁ ବାଦ୍ ଦେଇ ଅନ୍ୟାନ୍ୟ ପରିବା ଦର ମଧ୍ୟ ଖୁବ୍ ଚଢ଼ା ରହିଛି । ଶିମ୍ବ, କଲରା, ଭେଣ୍ଡି, ଜହ୍ନିର ଦର କିଲୋପ୍ରତି ୬୦ ଟଙ୍କା ଉପରେ ରହିଛି ।

ଆମ ରାଜ୍ୟ ଆଜିଯାଏଁ ପରିବା ଚାଷରେ ଆତ୍ମନିର୍ଭରଶୀଳ ହୋଇପାରିନାହିଁ । ପଡ଼ୋଶୀ ରାଜ୍ୟରୁ ପନିପରିବା ନ ଆସିଲେ ଆମ ରାଜ୍ୟରେ ପନିପରିବାର ଅଭାବ ଦେଖାଦିଏ ଏବଂ ଦର ବୃଦ୍ଧି ଘଟେ। ଚଳିତବର୍ଷ ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ ଭଳି ପ୍ରମୁଖ ଉତ୍ପାଦକ ରାଜ୍ୟରୁ ଯୋଗାଣରେ ଗୁରୁତର ବାଧା ସୃଷ୍ଟି ହେବା ଫଳରେ ଓଡ଼ିଶା ବଜାରରେ ଟମାଟୋ ଦର ଆକାଶଛୁଆଁ ହୋଇଛି । ଟମାଟୋ ରୋଷେଇଘରର ଏକ ମୁଖ୍ୟ ପରିବା ହୋଇଥିବାରୁ ଏହା ନିଅଣ୍ଟିଆ ଲୋକଙ୍କ ପାଇଁ ଖୁବ୍ ସମସ୍ୟା ସୃଷ୍ଟି କରିଛି ।

ବର୍ତ୍ତମାନର ମୂଲ୍ୟବୃଦ୍ଧି ସ୍ଥାନୀୟ ଏବଂ ଜାତୀୟ କାରଣ ପାଇଁ ହୋଇଛି ବୋଲି ଭୁବନେଶ୍ୱର ଏକନମ୍ବର ହାଟର ବ୍ୟବସାୟୀମାନେ କହିଛନ୍ତି । ଅକ୍ଟୋବର ଶେଷ ପର୍ଯ୍ୟନ୍ତ ବର୍ଷା ଲାଗିରହିବା କାରଣରୁ ରବି ଫସଲ ବିଳମ୍ବ ହୋଇଛି । ସେଇ କାରଣରୁ ବଜାରରେ ପରିବାର ଅଭାବ ଦେଖାଦେଇଛି ।

ଆମ ରାଜ୍ୟରେ ଆଜିଯାଏଁ ଶୀତଳ ଭଣ୍ଡାରର ଆବଶ୍ୟକତାକୁ ସରକାର ଉପଲବ୍ଧି କରିପାରିଲେ ନାହିଁ, ଫଳରେ ଚାଷୀମାନେ ଚାଷଆଡୁ ମୁହଁ ଫେରାଇ ନେଉଥିବାର ଦେଖାଯାଉଛି । ପ୍ରଚୁର ଅମଳ ସମୟରେ ଶାଗ ମାଛ ଦରରେ ଚାଷୀମାନେ ପନିପରିବା ବିକ୍ରି କରୁଛନ୍ତି, ଅନ୍ୟପଟେ ଅଭାବ ସମୟରେ ଆମକୁ ପଡ଼ୋଶୀ ରାଜ୍ୟ ପାଖରୁ ଚଢ଼ା ଦରରେ ପନିପରିବା କିଣିବାକୁ ପଡୁଛି । ଆଜିଯାଏଁ ଚାଷକୁ ବ୍ୟବସ୍ଥିତ ଢଙ୍ଗରେ କରାଯାଇପାରିନାହିଁ ଆମ ରାଜ୍ୟରେ ।

## କଷଣର ବିକଳ୍ପ ତୋଷଣ ନୁହେଁ



**ମୂଲ୍ୟବୋଧ**

**ଅରବିନ୍ଦ ରାଉତରାୟ**

‘ସାମାଜିକ ନ୍ୟାୟ’ ଅଭିଧାନର ଶବ୍ଦାବଳୀରେ ସୀମିତ ହୋଇଗଲାଣି । ଆର୍ଥିକ ସମାନତା ସତେ ଯେପରି ‘ଦୂର ପରବତ ଦିଶେ ସୁନ୍ଦର’ ଅବସ୍ଥା ଧାରଣ କରିସାରିଲାଣି । ସରକାରୀ ଓ ବେସରକାରୀ, ଏବେ ସବୁସ୍ତରରେ ବିକାଶ ମନ୍ତ୍ର ଜୋର ଧରିଛି । ବିକାଶ ଆଳରେ ସାଧାରଣ ଜନତାଙ୍କ ଶୋଷଣ ଓ ପୁଞ୍ଜିପତିଙ୍କୁ ତୋଷଣ ପ୍ରକ୍ରିୟା ମାନବୀୟ ଜୀବନଧାରାରେ କଷଣର କାରଣ ପାଲଟିଗଲାଣି । ଭଲଦିନର ଦ୍ୱାହି ଦେଇ ଜନତାଙ୍କ ମନ କିଣି ନେଇଥିବା ଦଳ ଓ ସରକାର ଭଲ ପରିବର୍ତ୍ତେ ପରୋକ୍ଷରେ ଭେଲ କରିଚାଲିଛନ୍ତି । ଦେଶ ଓ ଦଶକୁ ସରକାରୀ ନୀତି ନୈତିକତା ବେଶ୍ ଜଣାଥିଲେ ସୁଦ୍ଧା, କ୍ଷମତା ଦଖଲ ନିଶା ସେସବୁରେ ଅଜଣା ଅଶୁଣାର ପ୍ରଲେପ ଲଗାଇ ଦେଉଛି । ଦେଶର ବିକାଶଧାରା ଏତେ କ୍ଷୀପ୍ର ବେଗରେ ଗତିଶୀଳ ହୋଇଯାଇଛି ଯେ, ବିଶ୍ୱବ୍ୟାଙ୍କର ରଣ ତାଲିକାରେ ଭାରତ ଶୀର୍ଷରେ ପହଞ୍ଚି ସୁଦ୍ଧା ନିମ୍ନରେ ଥିବାର ଅଭିନୟ କରୁଛି । ଅର୍ଥ, କ୍ଷମତା ଓ ପରିବେଶ ପରିବର୍ତ୍ତନଶୀଳ ଜାଣି ମଧ୍ୟ କ୍ଷମତାକୁ ହାତେଇ ରଖିବା ନିଶାରେ ଦଳ ବାରହଜାର କୋଟି ଟଙ୍କାର ନଗଦ ରାଶିକୁ ଗୋଟିଏ ରାଜ୍ୟର କୋଟିଏରୁ ଉର୍ଦ୍ଧ୍ୱ ମହିଳାଙ୍କ ହାତକୁ ସମର୍ପି ଦେବାରେ ସଂକୋଚ ମଣୁ ନାହିଁ । ଖାଦ୍ୟ ସୁରକ୍ଷା ଆଳରେ ଅଶୀକୋଟି ଜନତାଙ୍କୁ ମାଗଣା ରାସନ ଯୋଗାଇ ଦେଇ ମାନବୀୟ ଉତ୍ପାଦିକତା ହ୍ରାସ କରୁଥିବା ରାଷ୍ଟ୍ରମୁଖ୍ୟ ଗର୍ବରେ ଛାତି ପିଟି ଶ୍ରେୟ ନେବାରେ ଏକପ୍ରକାର ସିଦ୍ଧହସ୍ତ ହୋଇପଡିବା ପରି ମନେହେଉଛି । ଭିତ୍ତିଭୂମି ବିକାଶ ପାଇଁ ଉନ୍ନତମାନର ସଡ଼କ ନିର୍ମାଣର ବିକଳ୍ପ ନାହିଁ । ଏ କ୍ଷେତ୍ରରେ ସରକାର ଅର୍ଥ ବିନିଯୋଗରେ ପଛକୁ ଚାହୁଁନାହାନ୍ତି ସତ, ହେଲେ ଉନ୍ନତ କାରୀଗରି କୌଶଳ ବିନିଯୋଗ କରି ସୁଦ୍ଧା କେତେକ କ୍ଷେତ୍ରରେ ବିଫଳ ହେବାର କାରଣ ଜଣାପଡୁନାହିଁ । ବିଗତ ଏଗାରବର୍ଷ ମଧ୍ୟରେ କେନ୍ଦ୍ର ସରକାର କେବଳ ରାସ୍ତା ନିର୍ମାଣ ବାବଦରେ ପଚାଶ ଲକ୍ଷ କୋଟିଟଙ୍କାର ଉର୍ଦ୍ଧ୍ୱ ରାଶି ବ୍ୟୟ କରିସାରିଥିବା ବିଭାଗୀୟ ମନ୍ତ୍ରୀ ନୀତିନ୍ ଗଡକରି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି । ଦେଶରେ ଭଲ କାମ କରିବାକୁ ପଇସାର ଅଭାବ ନାହିଁ, କେବଳ ଅଭାବ ରହିଛି, ଭଲ ଲୋକଙ୍କର । ତେବେ ଦେଶର ରଣଭାର ୨୫୦ କୋଟି ଟଙ୍କାରେ ପହଞ୍ଚିବାର କାରଣ କ'ଣ ? ଗଡ୍‌କରୀଙ୍କ ଦମ୍ଭୋକ୍ତି ଯଦି ସତ୍ୟ ହୁଏ, ତା'ହେଲେ ବଳକା ପୁଞ୍ଜି ସୃଷ୍ଟିକାରୀ ରାଷ୍ଟ୍ର ବିଶ୍ୱବ୍ୟାଙ୍କ ଆଗରେ ରଣ ପାଇବାକୁ ଧାଡ଼ି ଲଗାଇବାର ଆବଶ୍ୟକତା ଆସୁଛି କେଉଁଠୁ ? ରାସ୍ତା ନିର୍ମାଣ କ୍ଷେତ୍ରରେ ଗୁଣାତ୍ମକମାନର ଅଭାବ ଦେଖାଯିବାର କାରଣ କ'ଣ ହୋଇପାରେ । ସେବା ଓ ଦ୍ରବ୍ୟ ଟିକସ ବା ଜିଏସ୍‌ଟି ମାଧ୍ୟମରେ ଦେଶବାସୀଙ୍କ କ୍ରୟଶକ୍ତି ହ୍ରାସ କରାଯିବାର ଯୌକ୍ତିକତା ମଧ୍ୟ ବୁଝାପଡୁନାହିଁ । ହଁ ବିକାଶ ପ୍ରକ୍ରିୟାକୁ ନିରବଚ୍ଛିନ୍ନ ରଖାଯିବା ପାଇଁ ରାଜସ୍ୱ ସଂଗ୍ରହ ବୃଦ୍ଧିର ଆବଶ୍ୟକତା ରହିଛି । ମାତ୍ର ସେହି ସଂଗୃହୀତ ରାଜସ୍ୱ ଯଦି ରାଜ୍ୟ ନିର୍ବାଚନରେ କ୍ଷମତା ଆପଣେଇବାରେ ବ୍ୟୟ କରାଯାଏ, ତେବେ ବାହ୍ୟ ରଣ ନ ବଢିବାରେ ବାଟ କାହିଁ? ଯେକୌଣସି ଉପାୟରେ ନିଜସ୍ୱକୃତ ମାପଦଣ୍ଡ ମାଧ୍ୟମରେ ଜିଡିପି ବଢାଇ ବିଶ୍ୱସ୍ତରରେ ଦେଶର ଅର୍ଥନୈତିକ ଶକ୍ତିର ବିକାଶ ଘଟିଛି ବୋଲି ପ୍ରଚାର କରାଗଲେ, ସେ ପ୍ରଗତିର ସୁଫଳ ଦେଶବାସୀଙ୍କ ନିକଟରେ ପହଞ୍ଚିବାରେ ଅସମର୍ଥ ହେବା ସୁନିଶ୍ଚିତ । ବିକାଶ ପ୍ରକ୍ରିୟାର ଉପଯୋଗିତା ଦେଶବାସୀଙ୍କୁ କେତେ ମାତ୍ରାରେ ଉପଲବ୍ଧ ତାହାହିଁ ବର୍ତ୍ତମାନ ମୁଖ୍ୟ ପ୍ରସଙ୍ଗ ।

ସରକାରୀ କ୍ଷେତ୍ରକୁ ଘରୋଇ ହାତକୁ ଟେକି ଦେବା ଲକ୍ଷ୍ୟରେ ବାହ୍ୟ ରଣ ବଢିଚାଲିଲେ, ବିକାଶ ଧାରା ଉପଲବ୍ଧ ହେବ ଦେଶର ବୃହତ ପୁଞ୍ଜିପତି ଓ ସେମାନଙ୍କ ବ୍ୟବସାୟ କ୍ଷେତ୍ରକୁ । ନହେଲେ ଦୁଇ ବୃହତ ଶିଳ୍ପ ଗୋଷ୍ଠୀର ବିକାଶ ଧାରା ଯଥାକ୍ରମେ ୬୫ ଶତାଂଶ ଅତିକ୍ରମ କରିନଥାନ୍ତା । ବ୍ୟାଙ୍କ ଶିଳ୍ପରୁ ରଣ ମଞ୍ଜୁରୀ କ୍ଷେତ୍ରରେ ଘରୋଇ କ୍ଷେତ୍ରକୁ ଅଗ୍ରାଧିକାର, ଅନାଦେୟ ପୁଞ୍ଜି ବୃଦ୍ଧି ଦିଗରେ ସହାୟକ ହେବାରେ ବାଧାବନ୍ଧନ ରହୁନାହିଁ । ବ୍ୟାଙ୍କ୍ ଶିଳ୍ପର ସୁସ୍ଥାବସ୍ଥା ଫେରାଇ ଆଣିବା ଲାଗି ପନ୍ଦର ଲକ୍ଷ କୋଟିଟଙ୍କାର ରଣଛାଡ଼ ଯୋଜନା ସରକାରଙ୍କୁ ଆପଣେଇବାର ଆବଶ୍ୟକତା ଆସିଲା କେଉଁଠୁ ? ଯେଉଁ ବେସରକାରୀ ଶିଳ୍ପ ରଣ ପରିଶୋଧ କରି ନପାରି ଦେବାଳିଆ ଅବସ୍ଥାରେ ପହଞ୍ଚିଗଲେ, ସେଗୁଡ଼ିକୁ ଏକ ବୃହତ ଘରୋଇ ସଂସ୍ଥାକୁ ଶାଗ ମାଛ ଦରରେ ହାତେଇ ଦେଇ ପୁନର୍ବାର ରଣ ମଂଜୁରୀ ଆବଶ୍ୟକତା ପୂରଣ କରାଯିବା କେତେଦୂର ଗ୍ରହଣୀୟ ତାହା ସରକାରଙ୍କୁ ହିଁ ଜଣା । ସାଧାରଣ ଜନତା କେଇ ଲକ୍ଷ ଟଙ୍କାର ବ୍ୟାଙ୍କ ରଣ ସୁଝି ନପାରିଲେ, ପୈତୃକ ସମ୍ପତ୍ତି ହରାଇବାରେ ସମୟ ଲାଗୁ ନଥିବା ସ୍ଥଳେ କଷ୍ଟ ଅର୍ଜିତ ଆୟରୁ ଟିକସ ପୈଠ କରି ସରକାରୀ ରାଜସ୍ୱ ବୃଦ୍ଧି ଘଟାଇବାକୁ ବାଧ ହେଉଛି । ସେହି ସଂଗୃହୀତ ରାଜସ୍ୱ ବୃହତ ଶିଳ୍ପପତିଙ୍କୁ ତୋଷ କରିବାରେ ବ୍ୟୟ ହେବାର ନଜିର ଏ ଦେଶରେ ରହିଛି । ଆର୍ଥିକ କ୍ଷମତା ନଥାଇ ସୁଦ୍ଧା ଟିକସ ପୈଠ ମାଧ୍ୟମରେ ଏକପ୍ରକାର ଶୋଷିତ ହେଉଥିବା ଜନତାଙ୍କ କଷଣ ହୃଦୟଙ୍ଗମ କରିବାକୁ ସରକାରଙ୍କୁ ଏଥି ମଧ୍ୟରେ ଆଠବର୍ଷ ଲାଗିଗଲା । ସରକାର ଦୀପାବଳି ଭେଟି ଆଳରେ ଜିଏସ୍‌ଟି ବ୍ୟବସ୍ଥାରେ ସଂସ୍କାର ଆଣିଲେ । ଦେଶବାସୀଙ୍କୁ ତୋଷଣ କରିବା ଆଳରେ ସରକାରଙ୍କ ଏହି ପଦକ୍ଷେପ ପୂର୍ବ ଆଠ ବର୍ଷରେ ଯେ କେତେ କଷ୍ଟ ଦେଇଛି, ତାହା ଅନୁଭବୀଙ୍କୁ ହିଁ ବେଶ୍ ଜଣା ।

ଏବେ ଦେଖିବା ସରକାରଙ୍କ ତ୍ରୁଟିପୂର୍ଣ୍ଣ ବୈଦେଶିକ ନୀତି ଯୋଗୁ କିଏ କଷଣ ଭୋଗିବାକୁ ଯାଉଛି, ଆଉ କିଏ ତୋଷଣର ଫାଇଦାରେ ନିଜସ୍ୱ ଆୟକୁ ୬୭ ପ୍ରତିଶତ ବଢାଇବାରେ ସମର୍ଥ ହେଉଛି । ରୁଷ-ୟୁକ୍ରେନ୍ ଯୁଦ୍ଧରେ ଆମେରିକୀୟ କଟକଣା ରୁଷର ତୈଳ ରପ୍ତାନୀକୁ ଏକପ୍ରକାର ଠପ୍ କରି ଦେଇଥିଲା । ବଳକା ଅଶୋଧିତ ତୈଳକୁ ଶସ୍ତାରେ କିଣି ଭାରତ ଆର୍ଥିକ ଫାଇଦା ହାସଲ କରିବାର ପଥ ଉନ୍ମୁକ୍ତ କରିଦେବା ଘଟଣାକୁ ହ୍ୱାଇଟ୍ ହାଉସ୍ ସହଜରେ ଗ୍ରହଣ କରିପାରୁନାହିଁ । ଦେଶର ରାଷ୍ଟ୍ରୀୟ ତୈଳ କମ୍ପାନୀ ସେଥିରୁ ସୁବିଧା ପାଇବା ପରିବର୍ତ୍ତେ ଫାଇଦା ଯାଉଛି ଘରୋଇ ରିଲାଏନ୍‌ସ ପେଟ୍ରୋଲିୟମ୍‌କୁ । ଶସ୍ତାରେ ତେଲ ଆମଦାନୀ କରି ବିଶୋଧନ ପରେ ଚଢା ଦରରେ ବିକ୍ରି କରାଯାଉଛି ୟୁରୋପର ବିଦେଶୀ କମ୍ପାନୀମାନଙ୍କୁ । ହେଲେ ଭାରତରେ ପେଟ୍ରୋଲ ଲିଟର ଶହେ ଟଙ୍କା ତଳକୁ ଖସିବାର ନା ଧରୁନାହିଁ । ସରକାରଙ୍କ ଏପ୍ରକାର ଘରୋଇ କମ୍ପାନୀ ତୋଷଣ ନୀତିରେ କ୍ଷୁବ୍ଧ ଟ୍ରମ୍ପ୍ ଭାରତୀୟ ରପ୍ତାନୀ ସାମଗ୍ରୀ ଉପରେ ପଚାଶ ପ୍ରତିଶତ ଟିକସ ବସାଇଦେଇଛନ୍ତି । ଆମେରିକା ମାଟିରେ ଭାରତୀୟ ସାମଗ୍ରୀର ଦର ଅହେତୁକ ବୃଦ୍ଧି ପାଇବାରୁ ସାନି ଆମଦାନୀ ଉପରେ କଟକଣା ଲାଗିବା ସ୍ୱାଭାବିକ । ହଠାତ୍ ନୂତନ ବଜାର ନପାଇ ଭାରତର କେତେକ ଉତ୍ପାଦନକାରୀ ଶିଳ୍ପ ଉତ୍ପାଦନ ବନ୍ଦ କରିବାକୁ ବାଧ ହୋଇଛନ୍ତି ଓ ଦେଶରେ ବେକାରୀ ସମସ୍ୟା ବୃଦ୍ଧି ସ୍ପଷ୍ଟ ହୋଇଯାଇଛି । ତାହା ନହେଲେ ରାଜସ୍ଥାନରେ ୨୩ ହଜାର ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତି ପାଇଁ ପ୍ରାୟ ପଚିଶ ଲକ୍ଷ ଆବେଦନକାରୀ ଆବେଦନ କରି ନ ଥାନ୍ତେ । ସେମାନଙ୍କ ମଧ୍ୟରୁ ଷାଠିଏରୁ ସତୁରୀ ପ୍ରତିଶତ ଆବେଦନକାରୀ ସ୍ନାତକୋତ୍ତର ଧାରୀ ତ ଆଉ କେତେକ ଏମ୍‌ବିଏ. ଡିଗ୍ରୀଧାରୀ। ଏବେ ଘରୋଇ ଶିଳ୍ପକୁ ତୋଷଣରୁ କଷଣ କିଏ ପାଇଛି, ତାହା ସ୍ପଷ୍ଟ ଅନୁମେୟ ।

ଭଲ ଦିନ ପରିବର୍ତ୍ତେ ଭେଲ ଦିନକୁ ସ୍ୱାଗତ କରୁଥିବା କେନ୍ଦ୍ର ସରକାରଙ୍କ ଆଉ ଏକ ଦିଗ ପ୍ରତି ବିଚାର କରାଯାଇପାରେ । ଆମେରିକୀୟ ରାଷ୍ଟ୍ରପତି ଟ୍ରମ୍ପ୍ ଏବେ ଦେଶରେ କାର୍ଯ୍ୟରତ ଏଓ୍ୱାନ୍ ବି ଭିସାଧାରୀ ଭାରତୀୟଙ୍କ ଉପରେ କଟକଣା ଜାରି କରିଛନ୍ତି । ଏହି ଭିସାରେ ନିଯୁକ୍ତି ପାଇ ବାର୍ଷିକ ପ୍ରାୟ ୫୫ ହଜାର ଡଲାର ଆୟ କରୁଥିବା ପାଞ୍ଚଲକ୍ଷ ଭାରତୀୟଙ୍କ ଭବିଷ୍ୟତ ଅନ୍ଧକାର ହେବାକୁ ଯାଉଛି । କାରଣ ନିଯୁକ୍ତିଦାତା କମ୍ପାନୀକୁ ପ୍ରତି ଏଓ୍ୱାନ୍-ବି ଭିସାଧାରୀ ଭାରତୀୟଙ୍କ ପାଇଁ ଆମେରିକୀୟ ତହବିଲରେ ଏକଲକ୍ଷ ଡଲାର ଜମା ଦେବାକୁ କଟକଣାରେ ସ୍ପଷ୍ଟ କରିଦିଆଯାଇଛି । ଟ୍ରମ୍ପଙ୍କ ଏହି ଭାରତ ବିରୋଧୀ ନୀତିରେ ପ୍ରାୟ ଅଢେଇ ଲକ୍ଷ ଭାରତୀୟ କର୍ମସଂସ୍ଥାନ ହରାଇବାର ଆଶଙ୍କା ସୃଷ୍ଟି ହୋଇଛି । ଦେଶରେ ବେକାର ଯୁବକ ଯୁବତୀଙ୍କୁ କର୍ମନିଯୁକ୍ତି ଯୋଗାଇବାରେ ଅସଫଳ ଭାରତ ସରକାର ଆମେରିକା ଫେରନ୍ତା ଦେଶବାସୀଙ୍କୁ କେମିତି ତୋଷଣ କରିବେ ତାହା ସଂପୂର୍ଣ୍ଣ ଅସ୍ପଷ୍ଟ । ସେମାନଙ୍କୁ ଯେ ଆମେରିକୀୟ ଅପରିବର୍ତ୍ତିତ ନୀତିରେ ଶୋଷଣ ଓ କଷଣର ସମ୍ମୁଖୀନ ହେବାକୁ ନ ପଡିବ, ସେ ଗ୍ୟାରେଣ୍ଟି କିଏ ଦେବ ?

ଶୋଷଣ କଷଣ ଓ ଅହେତୁକ ତୋଷଣଜନିତ ପ୍ରଭାବରୁ ମୁକ୍ତ ହେବା ଲାଗି ଭାରତୀୟ ରଣ ବଜାରରେ ଚାହିଦା ଦିନୁଦିନ ବଢିବାରେ ଲାଗିଛି । ପରିସ୍ଥିତି ଏତେ ଜଟିଳ ହେଲାଣି ଯେ ସଂକୁଚିତ ଟିକସ ପରବର୍ତ୍ତୀ ଆୟରେ ଭରଣପୋଷଣ ଖର୍ଚ୍ଚ ମେଣ୍ଟୁ ନାହିଁ । ନିଜସ୍ୱ କ୍ରୟ ଶକ୍ତି ବଢାଇବା ଲାଗି ଦେଶବାସୀ ଅଧିକରୁ ଅଧିକ ରଣ ନେବାକୁ ପସନ୍ଦ କରୁଛନ୍ତି । ପ୍ରତି ଭାରତୀୟ ମୁଣ୍ଡପିଛା ରଣ ପ୍ରାୟ ପାଞ୍ଚଲକ୍ଷ ଟଙ୍କାରେ ପହଞ୍ଚିଗଲାଣି । ସାମଗ୍ରୀକ ଜାତୀୟ ଉତ୍ପାଦନର ପ୍ରାୟ ୪୨ ପ୍ରତିଶତ ହେଉଛି କେବଳ ରଣ । ଏଣେ ଆମେ ବିଶ୍ୱସ୍ତରରେ ଜିଡିପି ବୃଦ୍ଧି ମାଧ୍ୟମରେ ଚତୁର୍ଥ ବୃହତ ଅର୍ଥନୈତିକ ଶକ୍ତିର ଦାବି କରିବାକୁ ପଛକୁ ଚାହୁଁନାହାନ୍ତି । ତାହା ଏବେ ପଞ୍ଚମକୁ ଖସି ଆସିଲାଣି । ଦେଖିବାକୁ ଗଲେ ବିଗତ ବର୍ଷେ ଦୁଇବର୍ଷ ମଧ୍ୟରେ ମୁଣ୍ଡପିଛା ରଣଭାର ପ୍ରାୟ ୨୩ ପ୍ରତିଶତ ବୃଦ୍ଧିପାଇଛି । ପୂର୍ବରୁ ବ୍ୟାଙ୍କ ରଣ କରି ସଂପୂର୍ଣ୍ଣ ବା ଆଂଶିକ ପରିଶୋଧ କରିଥିବା ରଣ ଗ୍ରହିତା ପୁନର୍ବାର ରଣ ନେବାକୁ ବାଧ ହେଉଛି । ଅନ୍ୟପକ୍ଷରେ ସରକାରଙ୍କ ରଣ ବୋଝ ସମୟାନୁକ୍ରମେ ବଢିବାରେ ଲାଗିଛି । ଆଭ୍ୟନ୍ତରୀଣ ଓ ବାହ୍ୟ ରଣକୁ ଯୋଡ଼ି ଦେଲେ ତାହା ଜିଡିପିର ସତୁରୀ ପ୍ରତିଶତକୁ ଛୁଇଁଯିବା କେଉଁ ଶକ୍ତି ଅର୍ଥନୀତିରେ ଯାଏ, ସେ ସମ୍ପର୍କରେ କେବଳ ସରକାର ହିଁ ଭଲଭାବେ ଅବଗତ । ତେବେ ଶୋଷଣ ଓ ତୋଷଣରୁ ସୃଷ୍ଟ କଷଣ କେବଳ ଯେ ଦେଶବାସୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୁର୍ବଳ କରୁଛି ତାହା ନୁହେଁ, ଅର୍ଥନୈତିକ ପ୍ରଗତିରେ ଗତିରୋଧକ ସାଜୁଛି ମଧ୍ୟ । ସେସବୁର ମୂଳପିଣ୍ଡ ହେଲା ତ୍ରୁଟିପୂର୍ଣ୍ଣ ଅର୍ଥନୈତିକ ପରିଚାଳନା ଓ ଅଣଉତ୍ପାଦନଭିତ୍ତିକ ପୁଞ୍ଜି ନିବେଶ । ଦେଶର ରଣବୋଝ ଲାଘବ କରିବାକୁ ହେଲେ ବୈଦେଶିକ ବିନିମୟ ମୁଦ୍ରା ଆଗମନକୁ ପ୍ରୋତ୍ସାହନ ନିହାତି ଜରୁରୀ । ଆନ୍ତର୍ଜାତିକ ବାଣିଜ୍ୟ କ୍ଷେତ୍ରରେ ଆମଦାନୀକୁ ନିୟନ୍ତ୍ରିତ ପରିସରକୁ ଅଣାଯାଇ ରପ୍ତାନୀ କ୍ଷେତ୍ରକୁ ଉର୍ଦ୍ଧ୍ୱମୁଖୀ କରାଯିବା ପ୍ରକ୍ରିୟାର ବିକଳ୍ପ ନାହିଁ । ମାତ୍ର ଏସବୁ ସମ୍ଭବ ଦେଶର ସୁସ୍ଥ ବୈଦେଶିକ ନୀତିର ଗ୍ରହଣୀୟତା ଉପରେ । ଆମେରିକାର ଭାରତ ବିରୋଧୀ ମନୋଭାବ ଯେ ଦେଶର ରପ୍ତାନୀ ବାଣିଜ୍ୟକୁ ପ୍ରଭାବିତ ନ କରିଛି ତାହା କହିହେବ ନାହିଁ । ରପ୍ତାନୀଭିତ୍ତିକ ଶିଳ୍ପ ଉତ୍ପାଦନ ନିମ୍ନମୁଖୀ ହୋଇଛି ଓ ନିଯୁକ୍ତି ସୁଯୋଗ ସଂକୁଚିତ ହୋଇଛି । ନ ହେଲେ ବିଗତ ଦଶନ୍ଧିରେ ଦେଶରେ ଦୁଇଲକ୍ଷରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବନ୍ଦ ହୋଇଥିବା ରିପୋର୍ଟ ସଂସଦରେ ଉପସ୍ଥାପିତ ହୋଇନଥାନ୍ତା । କୋଟି କୋଟି ନିଯୁକ୍ତି ସୁଯୋଗ ପ୍ରଭାବିତ ହେବାର କଷଣ କର୍ମନିଯୁକ୍ତି ପାଇ ହରାଇଥିବା ଶ୍ରମଶକ୍ତି ପାଇଁ ଯେତିକି କ୍ଷତିକାରକ ଦେଶର ଅର୍ଥନୈତିକ ପ୍ରଗତିକୁ ସେତିକି ଗତିରୋଧ କରିଛି ମଧ୍ୟ । ସେହି ଇଚ୍ଛାକୃତ କଷଣରୁ ଦେଶ ଓ ଦଶକୁ ମୁକ୍ତ କରିବା ପାଇଁ ସକରାତ୍ମକ ଓ ଉତ୍ପାଦନ ଭିତ୍ତିକ ଭାବଧାରାର ଆବଶ୍ୟକତା ରହିଛି । ରାଷ୍ଟ୍ରଭକ୍ତି ସର୍ବୋପରି ଉଚ୍ଚାରଣ କରି ଆଚରଣରେ କ୍ଷମତା ହାସଲ ଅଭିଳାଷକୁ ସର୍ବାଗ୍ରେ କରିଦେଲେ ଦେଶରେ ବିକାଶ ହେବନାହିଁ, ବରଂ ବିକଶିତ ରାଷ୍ଟ୍ର ମାନ୍ୟତା ସମ୍ଭବ ଦିବାସ୍ୱପ୍ନ ପାଲଟିଯିବ । ଶୋଷଣରୁ କଷଣ ଓ ଅନନ୍ୟୋପାୟ ତୋଷଣରୁ ଦେଶବାସୀଙ୍କୁ ମୁକ୍ତ କରିବାକୁ ହେଲେ ଢାଞ୍ଚାଗତ ଅର୍ଥନୈତିକ ପରିବର୍ତ୍ତନ ହିଁ ଏକମାତ୍ର ପଥ । ହେଲେ ଆର୍ଥିକ କଷଣର ବିକଳ୍ପ କୌଣସି ସମୟରେ ତୋଷଣ ହୋଇନପାରେ ।


**ବରିଷ୍ଠ ସାମ୍ବାଦିକ, କଟକ**
***ମୋ- ୯୪୩୭୧୩୪୪୦୦***


## ଜଣେ ଥିଲେ ମାକଲେ...

**■ ଗୋପାଳ ମହାପାତ୍ର ■**

ଡିସେମ୍ବର ୨୮ ତାରିଖର ଏକ ସ୍ୱତନ୍ତ୍ରତା ରହିଛି । ସ୍ୱତନ୍ତ୍ରତା ହେଉଛି ୧୬୬ବର୍ଷ ପୂର୍ବେ ଏହି ଦିନରେ ଜଣେ ବ୍ୟକ୍ତି ସଂସାରରୁ ବିଦାୟ ନେଇଥିଲେ ଯାହାକୁ ଆଜିବି ଆମେ ମନେପକାଉଛେ ଯେ ଏହି ବ୍ୟକ୍ତି ଜଣକ ଆମ ଦେଶର ଶିକ୍ଷା ବ୍ୟବସ୍ଥାକୁ ଖରାପ କରିଦେଇଥିଲେ । ସେହି ବ୍ୟକ୍ତି, ତାଙ୍କ କାମ ବାବଦରେ ଅନେକ ଲୋକଙ୍କୁ ଜଣାନାହିଁ କିନ୍ତୁ ଗାଳି କରାଯାଉଛି । କୁହାଯାଉଛି ତାଙ୍କ କାମର ଫଳ ଆଉ ଆମେ ଭୋଗିବା ନାହିଁ, ସବୁ ଠିକ୍ ହୋଇଯିବ, ଏକ ନୂଆ ସକାଳ (ସମୟ) ଆସିବ । ଏହି ବ୍ୟକ୍ତଜଣଙ୍କ ନାମ ହେଉଛି ମାକଲେ । ମାକଲେ ଇଂରେଜ ଥିଲେ ଏବଂ ଭାରତରେ ବ୍ରିଟଶ ଶାସନବେଳେ ଇଂରାଜୀ ଶିକ୍ଷା ବ୍ୟବସ୍ଥାର ପ୍ରସାର କରାଇଥିଲେ । ଏହି ଶିକ୍ଷା ବ୍ୟବସ୍ଥା ୧୮୩୫ରୁ ଏଯାବତ୍ ଚାଲିଆସିଛି । ଆମକୁ ଏବେ ଜଣା ନାହିଁ ଯେ ଏହି ଶିକ୍ଷା ବ୍ୟବସ୍ଥା କେବେ ଶେଷ ହେବ ଓ ଶେଷ ହୋଇପାରିବ କି ନାହିଁ?

ଆମ ଦେଶ ତ ସନାତନ ଦେଶ । ୧୮୩୫ରୁ ଅଦ୍ୟାବଧି ୧୯୦ବର୍ଷ ଅଧିକ କିଛି ନୁହେଁ । ଏହାପୂର୍ବରୁ ଯେଉଁ ଶିକ୍ଷା ବ୍ୟବସ୍ଥା ଥିଲା ସେଥିରେ ଗୁରୁକୂଳ, ତକ୍ଷଶିଳା, ନାଳନ୍ଦା, ଉଜ୍ଜୟନୀ ଭଳି କେତେ କ'ଣ ସବୁ ନଥିଲା । କ'ଣ ସେସବୁ ଏତେ ଦୁର୍ବଳ ଥିଲା ଯେ ଜଣେ ମାକଲେ ଆସିଲେ ଆଉ ସେସବୁ ବ୍ୟବସ୍ଥାକୁ ମୂଳରୁ ଉପାଡ଼ି ଫିଙ୍ଗିଦେଲେ ନା ଆମେ ସେ ବ୍ୟବସ୍ଥାକୁ ସମ୍ଭାଳି ରଖିବାରେ ଅକ୍ଷମ ଥିଲେ?

ଏମିତି ହୁଏତ କରାଯାଇପାରେ, ବ୍ରିଟିଶ ମାକଲେ ବ୍ୟବସ୍ଥାକୁ ଖତମ କରିବା ପାଇଁ ବର୍ଷେ, ଦୁଇବର୍ଷ, ପାଞ୍ଚବର୍ଷ ଯଦି ଆମେ ଏହି ବ୍ୟବସ୍ଥାରେ ନ ପଢ଼ିବା ତେବେ କ୍ଷତି କ'ଣ ? କ'ଣ ଆକାଶ ଛିଣ୍ଡି ପଡ଼ିବ? ଏମିତିରେ ପଢ଼ି ମଧ୍ୟ ଆମେ ସେହି ବ୍ୟକ୍ତିଙ୍କ ବ୍ୟବସ୍ଥାକୁ ଅଧିକ ମଜଭୁତ୍ କରୁଛେ । କିଛି ବର୍ଷ ଯଦି ବିଲକୁଲ ନ ପଢ଼ିବା ତେବେ ହୁଏତ ମାକଲେ କଥା/ ବ୍ୟବସ୍ଥାକୁ ଭୁଲିଯିବା । ଆରମ୍ଭ କରିବାକୁ ଅନେକ କଥା ଆସିପାରେ । ମାକଲେ ସ୍କୁଲର ସମୟସୀମା, ସ୍କୁଲ ଫିସ୍, ଅଭିଭାବକ ଶିକ୍ଷକ ମିଟିଂ, ଶିକ୍ଷକଙ୍କ ଛୁଟି, ପିଲାଙ୍କ ଛୁଟି ଓ ପିଲାଙ୍କ ଖେଳଭଳି ଅନେକ କଥା ସ୍ଥିର କରି ନଥିଲେ । ଏସବୁକୁ ବଦଳା ଯାଇ ପାରିବ । ସ୍କୁଲ ଶିକ୍ଷକମାନେ ପିଲାଙ୍କୁ ପାଠ ନ ପଢ଼ାଇ ଯେଉଁ ସରକାରୀ କାମ ଗୁଡ଼ିକରେ ବ୍ୟସ୍ତ ରହୁଛନ୍ତି ସେ କଥ କ'ଣ ମାକଲେ ସ୍ଥିର କରିଥିଲେ? ଟିକିଏ ଆଗକୁ ଯଦି ଦେଖିବା ତେବେ ଆଇଏଏସ୍, ଆଇପିଏସ୍ ଭଳି ଅନେକ ସରକାରୀ ଚାକିରି ମଧ୍ୟ ସେହି ମାକଲେ ପାଠପଢ଼ା ବ୍ୟବସ୍ଥାର ଉପଲବ୍ଧି । ଏସବୁ କେମିତି ବଦଳାଇବା? ଆଇଏଏସ୍ ବଦଳରେ କ'ଣ ପ୍ରାଇଭେଟ ସେକ୍ଟରରୁ ସିଧାସଳଖ ନିଯୁକ୍ତି ଦିଆଯାଇପାରିବ? ପ୍ରାଇଭେଟ ସେକ୍ଟରରୁ ଯାହାକୁ ବି ଅଣାଯିବ ସେ ସେହି ମାକଲେ ବ୍ୟବସ୍ଥାରେ ପଢ଼ିଥିବେ । ତେବେ କ'ଣ କରାଯିବ? ମାକଲେ ବ୍ୟବସ୍ଥାରେ ପଢ଼ିଥିବା ଅନ୍ୟସବୁ ବଡ଼ ବଡ଼ ଚାକିରିଆଙ୍କର କ'ଣ ହେବ? ସେସବୁ ପାଠପଢ଼ା ବ୍ୟବସ୍ଥାକୁ କେମିତି ବଦଳାଇବା?

ମାକଲେଙ୍କ ପୂର୍ବରୁ ମୋଗଲ ଥିଲେ, ରାଜା ମହାରାଜା ଥିଲେ । ଏପରିକି ମୌର୍ଯ୍ୟ, ଗୁପ୍ତ ଓ ଚୋଳବଂଶ ଭଳି ଅନେକେ ଏ ଦେଶରେ ରାଜୁତି କରୁଥିଲେ । ଏବେ ଯଦି ମାକଲେ ବ୍ୟବସ୍ଥାକୁ ବଦଳାଇବା ତେବେ କାହାକୁ ଆପଣେଇବା? ୧୯୦ବର୍ଷର ମାକଲେ ବ୍ୟବସ୍ଥାକୁ ବଦଳାଇବା ପାଇଁ ଆମକୁ ଆହୁରି ଅନେକ ବର୍ଷ ଲାଗିଯିବ କାରଣ ସଂପୂର୍ଣ୍ଣତନ୍ତ୍ର ମାକଲେଙ୍କ ମୂଳଦୁଆ ଉପରେ ହିଁ ଠିଆ ହୋଇଛି । ଗୋଟିଏ ବାଟଅଛି ଓ ତାହା ହେଉଛି ପୁରା ମୁର୍ଖ ବା ଅପାଠୁଆଙ୍କ ହାତରେ ପୁରାପୁରି ତନ୍ତ୍ରକୁ ଟେକି ଦିଆଯାଉ ।କେବଳ ପାଠପଢ଼ାରେ ନୁହେଁ ସବୁକଥାରେ ମାକଲେ ବିରୋଧ କରାଯାଉ । ଏଭଳି ଲୋକଙ୍କ ହାତରେ ବ୍ୟବସ୍ଥାକୁ ଟେକି ଦିଆଯାଉ ଯିଏ ମାକଲେ ଓ ତାଙ୍କ ଶିକ୍ଷା ବ୍ୟବସ୍ଥା ବାବଦରେ ଜାଣି ନଥିବେ । ଏବେ ଏମିତି ଲୋକ ଖୋଜିବା ଦରକାର କାରଣ ବାକି ସମସ୍ତେ ତ ମାକଲେଙ୍କ ବ୍ୟବସ୍ଥାର ଅନୁଗାମି । କାହାଣୀରେ ଶୁଣିବାଭଳି ପୂର୍ବର ସେହି ଗୁରୁକୁଳ, ଆର୍ଯ୍ୟାଙ୍କ ଆଶ୍ରମ ଓ ପ୍ରାଚୀନ ବ୍ୟବସ୍ଥା ସବୁ ଯଦି ହୋଇପାରିବ ତେବେ କେତେ ବଢ଼ିଆ ହୋଇଯିବ ।

ଅନେକେ ମାକଲେଙ୍କୁ ଗାଳି ଦେଉଛନ୍ତି । ଦେଶ ସ୍ୱାଧୀନ ହେବାର ଏତେ ବର୍ଷ ପରେ ମଧ୍ୟ ମାକଲେ ବ୍ୟବସ୍ଥାକୁ ରଦ୍ଦକରି ନୂଆ ବ୍ୟବସ୍ଥାକୁ ଆଣିବାକୁ କାହାକୁ ଫୁରସତ୍ ମିଳିଲା ନାହିଁ କେମିତି? ମାକଲେଙ୍କ ଶିକ୍ଷାନୀତିକୁ ବେକାର/ ଅଦରକାରୀ ବୋଲି କୁହାଯାଉଛି ହେଲେ ତାକୁ ବଦଳାଇବା ପାଇଁ ତୁରନ୍ତ ବ୍ୟବସ୍ଥା କରାଯାଉ ନାହିଁ କାହିଁକି ? ପ୍ରକୃତ ସତ୍ୟ ହେଉଛି ମାକଲେ ବ୍ୟବସ୍ଥା ଆମକୁ ସୁହାଇଛି ଓ ତନ୍ତ୍ର/ବ୍ୟବସ୍ଥା ବ୍ୟବସ୍ଥା ସୂଚାରୁରୂପେ ଚାଲିପାରୁଛି । ଏପରିକି ଏହା ସୁବିଧାଜନକ ମଧ୍ୟ । ଏହି ବ୍ୟବସ୍ଥା ଆମକୁ ଶାସନ, ନିଯୁକ୍ତି, ଆଡ଼ମ୍ବର ଓ କ୍ଷମତା ଦେଇଛି । ମାକଲେଙ୍କ ବାହାନାରେ ନିଜର ନିକମାପଣିଆକୁ ଢ଼ାଙ୍କିବାପାଇଁ ଉଦ୍ୟମ କରାଯାଉଛି । କୁହାଯାଉଛି ବ୍ୟବସ୍ଥାର ତ୍ରୁଟିପାଇଁ ୨୦୦ ବର୍ଷର ତଳ ଇଂରେଜମାନେ ଦାୟୀ । ମାକଲେଙ୍କୁ ଦେଷୀ ସାବ୍ୟସ୍ତ କରିବା ପରିବର୍ତ୍ତେ ଉଦ୍ୟମ କରାଯିବା ଉଚିତ୍ । ମାକଲେ ତ ସେହି ଜୀବନ ଯାହା ଆମେ ସମସ୍ତେ ଜୀଉଁଛେ । ମାକଲେ ତ ପୁରାପୁରି ବ୍ୟବସ୍ଥା । ମାକଲେ ଆମେ ଆଉ ଆପଣ ସମସ୍ତେ । ବଦଳାଇ ପାରିବା ତ ସମସ୍ତଙ୍କୁ ବଦଳିବାକୁ ପଡ଼ିବ ।


*ରାମଚନ୍ଦ୍ରପୁର, ରଣପୁର*
*ମୋ.-୯୪୩୮୪୫୦୯୪*


## ଜଙ୍କଫୁଡ୍ ଓ ମେଦବହୁଳତା

**■ ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର ■**

ବିଦ୍ୟାଳୟ ପରେ ଏବେ ବିଶ୍ୱବିଦ୍ୟାଳୟ ଏବଂ କଲେଜରେ ବନ୍ଦ ହେବ ଜଙ୍କ୍ ଫୁଡ୍ । ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି କ୍ୟାମ୍ପସ୍‌ରେ ଜଙ୍କ୍ ଫୁଡ୍ ପ୍ରସ୍ତୁତ କିମ୍ବା ବିକ୍ରୟ ଉପରେ ରୋକ ଲଗାଯାଇଛି। ଏଥିସହ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ଏ ବିଷୟରେ ସଚେତନ କରିବା ଦିଗରେ ପଦକ୍ଷେପ ନେବାକୁ ନିକଟରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଦେଶର ସମସ୍ତ ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ସ୍ୱତନ୍ତ୍ର ଗାଇଡ଼ଲାଇନ୍ ମଧ୍ୟ ଜାରି ହୋଇଛି। ବିଶ୍ୱବିଦ୍ୟାଳୟଗୁଡ଼ିକ ନିଜ କ୍ୟାମ୍ପସ୍‌ରେ ଏ ବିଷୟରେ ସଚେତନ କରିବା ସହ ଅଧୀନରେ ଥିବା କଲେଜଗୁଡ଼ିକୁ ମଧ୍ୟ ନିର୍ଦ୍ଦେଶ ଦେବାକୁ କୁହାଯାଇଛି। ଜଙ୍କଫୁଡ୍ ଖାଇବା ଦ୍ୱାରା ଛାତ୍ରଛାତ୍ରୀ ଭବିଷ୍ୟତରେ ଲିଭର ଜନିତ ଯାବତୀୟ ସମସ୍ୟା, ଡାଇବେଟିସ୍, ହାଇପରଟେନସନ, ଡିସ୍‌ଲିପିଡିମିଆ ଓ ମେଦବହୁଳତା ପରି ରୋଗରେ ଆକ୍ରାନ୍ତ ହେଉଛନ୍ତି, ଯାହାକି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ ପାଇଁ ଚିନ୍ତାର ବିଷୟ ପାଲଟିଛି। ମନ୍ତ୍ରାଳୟ ପକ୍ଷରୁ ସାରା ଦେଶରେ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ ୧୦ରୁ ୨୦ ବର୍ଷ ବୟସରେ ପିଲାମାନେ ଅତ୍ୟଧିକ ଜଙ୍କଫୁଡ୍ ଖାଇବା ଦ୍ୱାରା ଏଭଳି ରୋଗରେ ପଡୁଛନ୍ତି । ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରାଳୟ, ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଓ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ମିଳିତ ଭାବେ ଜଙ୍କଫୁଡ୍ ବନ୍ଦ କରିବାକୁ ଅଭିଯାନ ଆରମ୍ଭ କରିଥିଲେ। ୨୦୨୨ରେ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯିବା ପରେ କାଉନ୍‌ସିଲ ଫର ଦି ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ ଏକ୍‌ଜାମିନେସନ ପ୍ରଥମେ ୨୦୨୨ରେ ନିୟମକୁ ଲାଗୁ କରିଥିଲା ।

ଚଳିତବର୍ଷ ଆରମ୍ଭରୁ ସ୍ରୋଲ ବୋର୍ଡ଼ ଅଫ୍ ସେକେଣ୍ଡାରୀ ଏଜୁକେସନ ପକ୍ଷରୁ ବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା। ଆଉ ଏବେ ୟୁଜିସି ପକ୍ଷରୁ କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ଜଙ୍କଫୁଡ୍ ବାରଣ ହୋଇଛି। ୟୁଜିସି ପକ୍ଷରୁ କୁହାଯାଇଛି ଯେ ଜଙ୍କଫୁଡ୍ ବଦଳରେ ସ୍ୱାସ୍ଥ୍ୟ ଉପଯୋଗୀ ଖାଦ୍ୟ ପ୍ରସ୍ତୁତ ଉପରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବେ । ପିଲାଙ୍କ ପାଇଁ ଏଭଳି ଖାଦ୍ୟ ପ୍ରସ୍ତୁତ କରାଯିବା ଯାହା ସେମାନଙ୍କ ମାନସିକତାରେ ବିକାଶ ଆଣିପାରିବ। ଜଙ୍କଫୁଡ୍ ସମ୍ପର୍କରେ ପିଲାଙ୍କୁ ଅବଗତ ଏବଂ ସଚେତନ କରିବା ଲାଗି କ୍ୟାମ୍ପସ୍‌ରେ କାର୍ଯ୍ୟକ୍ରମ କରାଯିବ। ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ତଥ୍ୟ ବୋର୍ଡ଼ରେ ଲଗାଇବେ । କେଉଁ ବୟସରେ କେତେ ଓଜନ ହେବା ଆବଶ୍ୟକ, ଶରୀରର ଉଚ୍ଚତା, ଆଉ ଗୋଲେଇ କେତେ ରହିବ, ସେ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବେ । ଅଧ୍ୟାପକ ଏବଂ କର୍ମଚାରୀଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ କରାଇବାକୁ କୁହାଯାଇଛି। ଛାତ୍ର କଲ୍ୟାଣ ବିଭାଗ ପକ୍ଷରୁ କ୍ୟାମ୍ପସରେ କାଉନସେଲିଂ କରାଯିବ। ପିଲାମାନେ କିଭଳି ଉପଯୁକ୍ତ ନ୍ୟୁଟ୍ରିସନ, ବ୍ୟାୟାମ, ସ୍ୱାସ୍ଥ୍ୟ ରଖିପାରିବେ ସେଥିପ୍ରତି ଗୁରୁତ୍ୱ ଦେବା ସହ ଶାରୀରିକ ବ୍ୟାୟାମ ପାଇଁ କ୍ୟାମ୍ପସରେ ବ୍ୟବସ୍ଥା କରିବା ଦିଗରେ କଲେଜ କର୍ତ୍ତୃପକ୍ଷ ପଦକ୍ଷେପ ନେବେ। ଗାଇଡ୍‌ଲାଇନ ଜାରି ହୋଇଥିଲେ ମଧ୍ୟ କେଉଁ ଖାଦ୍ୟ କ୍ୟାମ୍ପସ୍‌ରେ ବନ୍ଦ କରାଯିବ ସେନେଇ କିଛି କୁହାଯାଇ ନାହିଁ । ଯେଉଁଥିପାଇଁ କିଛି ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି।

ଆଧ୍ୟାତ୍ମିକ ଖାଦ୍ୟ ବା ଶିକ୍ଷାୟତନରେ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଖାଦ୍ୟ ପ୍ରଦାନରେ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସର୍ବଦା ଆଧ୍ୟାତ୍ମିକ ଓ ସାତ୍ତ୍ୱିକ ଖାଦ୍ୟ ଉପରେ ଗୁରୁତ୍ୱ ଦେଇଛନ୍ତି । ଯାହାକି ଆଜିର ସମୟରେ ଯୁଗପୋଯୋଗୀ ଓ ଚିନ୍ତାର ପ୍ରସଙ୍ଗ। ଶିକ୍ଷାୟତନ ପରିସର ଭିତରେ ଆଧ୍ୟାତ୍ମିକ ଖାଦ୍ୟ ଅନୁଚିନ୍ତନ ନିଶ୍ଚିତ ଭାବରେ ଆମ ସଂସ୍କୃତି ଓ ଆଧ୍ୟାତ୍ମିକ ବିଭବକୁ ଅନୁପ୍ରାଣିତ କରୁଛି । ଏହା ନିଃସନ୍ଦେହ ଯେ, ସରକାରଙ୍କ ଦୂରଦୃଷ୍ଟି ପୂର୍ବରୁ ଆମେ ଜଣେ ଅଭିଭାବକ ହିସାବରେ ଏ ଦିଗକୁ ଚିନ୍ତା କରିବା କଥା । ଓଡ଼ିଶା ରାଜ୍ୟ ସରକାରଙ୍କ ଏହି ଦୂରଦୃଷ୍ଟିସମ୍ପନ୍ନ ସ୍ୱାସ୍ଥ୍ୟଭିତ୍ତିକ ଚିନ୍ତାଧାରାକୁ ଅଭିଭାବକ ମହଲ ସ୍ୱାଗତ କରୁଛନ୍ତି । ଯାହାଦ୍ୱାରା ପିଲାମାନେ ଏକ ସ୍ୱିକ ଓ ଆଧ୍ୟାତ୍ମିକଯୁକ୍ତ ଖାଦ୍ୟ ଖାଇବା ପାଇଁ ଚିନ୍ତା ଓ ଭାବନା ରଖିବେ। ଯୁଗାବତାର ଅନୁକୂଳଚନ୍ଦ୍ର ଖାଦ୍ୟ ଓ ଚିନ୍ତନକୁ ଅନୁପ୍ରାଣିତ କରିବା ପାଇଁ ମାଛ, ମାଂସ, ପିଆଜ, ରସୁଣ ଓ ମାଦକ ଦ୍ରବ୍ୟ ବର୍ଜନ ଉପରେ ଅତ୍ୟଧିକ ଗୁରୁତ୍ୱ ଦେଇଛନ୍ତି । ଆଜିର ସମୟରେ ଅନୁଚିନ୍ତନ ହେଉଛି ଏହା ଯେ ଖାଦ୍ୟକୁ ନେଇ ଚରିତ୍ର ଓ ଚିନ୍ତନ, କେବଳ ଜଙ୍କଫୁଡ ନୁହେଁ, ଖାଦ୍ୟ ଉପରେ ଆଧ୍ୟାତ୍ମିକ ଦୃଷ୍ଟି ଦେବା ଆବଶ୍ୟକ। ଆଧ୍ୟାତ୍ମିକ ଭାବଧାରାର ପ୍ରଚାର ପ୍ରସାର ପାଇଁ କେବଳ ଜଙ୍କଫୁଡ୍ ନୁହେଁ ନିରାମିଷ ଖାଦ୍ୟ ସହ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବା ପାଇଁ ଆମେ ସମସ୍ତେ ଚେଷ୍ଟା କରିବା ଉଚିତ। ଯାହାଦ୍ୱାରା ଆଜିର ସମୟରେ ଆଧ୍ୟାତ୍ମିକ ଭାବଧାରାର ପ୍ରଚାର ଓ ପ୍ରସାର ପାଇଁ। କେବଳ ଜଙ୍କଫୁଡ ନୁହେଁ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବା ପାଇଁ ସମସ୍ତେ ସମର୍ଥ ହେବା।


ଏସ୍‌ସିବି ମେଡ଼ିକାଲ କଲେଜ, କଟକ,
ମୋ. ୯୩୩୮୧୦୦୮୩୭


## ଦେବଦୁର୍ଲଭ ପୌଷାଭିଷେକ

**■ ପୁଷ୍ପମିତ୍ର ମହାପାତ୍ର ■**

କବିବର ରାଧାନାଥ ରାୟଙ୍କ ‘ଚନ୍ଦ୍ରଭାଗା’ କାବ୍ୟରେ ଅଛି ଶ୍ରୀଜଗନ୍ନାଥଙ୍କ ପୌଷାଭିଷେକ ଉତ୍ସବର ଏକ ସୁନ୍ଦର ବର୍ଣ୍ଣନା। ତାହା ଅନୁସାରେ ପୌଷ ପୂର୍ଣ୍ଣିମାର ସେହି ଦୁର୍ଲଭ ଅଭିଷେକ ଉତ୍ସବର ଦର୍ଶନ ପାଇଁ ଓଡ଼ିଶାର ବିଭିନ୍ନ ପୀଠର ଅଧିଷ୍ଠାତ୍ରୀ ଦେବୀମାନେ ପୂଜା ସମ୍ଭାର ନେଇ ଶ୍ରୀମନ୍ଦିରକୁ ଆସିଛନ୍ତି।

ସେହି ଦେବୀମାନେ ହେଉଛନ୍ତି- କେତକୀ କାନନ ଅଧ୍ୟୁଷିତ ରମ୍ୟ ବାଲୁକାସ୍ଥଳର ହରଚଣ୍ଡୀ, ବାଣପୁରର ଭଗବତୀ, ଭୁବନେଶ୍ୱରର ଅଧିଷ୍ଠାତ୍ରୀ ଦେବୀ ଭୁବନେଶ୍ୱରୀ, ରଣପୁରର ଦେବୀ ମୈନାକଦୁର୍ଗା (ମଣିନାଗେଶ୍ୱରୀ), ବାଙ୍କୀର ଈଶ୍ୱରୀ ଚର୍ଚ୍ଚିକା, ଡମପଡ଼ା ଅନ୍ତର୍ଗତ ମହାନଦୀ ତଟବର୍ତ୍ତୀ ଦେବୀ ଦ୍ୱାରର ଚଣ୍ଡୀ, ଝଙ୍କଡ଼ର ସଂକଟତାରିଣୀ ଦେବୀ ସିଂହସାରଳା, କାକଟପୁରର ମହାମଙ୍ଗଳା ଏବଂ ଲହରୀମାଳିକା ଚିଲିକାର ଦେବୀ କାଳୀଜାଈ। କେବଳ ଏହି ଦେବୀମାନେ ନୁହନ୍ତି, ଶ୍ରୀଜଗନ୍ନାଥଙ୍କର ଦୁର୍ଲଭ ରାମାଭିଷେକ ଦୃଶ୍ୟ ଦେଖିବାପାଇଁ ସୂର୍ଯ୍ୟଦେବ, ରତିଦେବୀ ଓ କନ୍ଦର୍ପଦେବ ମଧ୍ୟ ଆସିଛନ୍ତି। ଏହା ସୂଚାଏ, ଯେ ଶ୍ରୀଜଗନ୍ନାଥ ହେଉଛନ୍ତି ଦେବାଧିଦେବ, ରାଜାଧିରାଜ। ତେଣୁ ପୌଷପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ଅନୁଷ୍ଠିତ ତାଙ୍କର ଅଭିଷେକ ଉତ୍ସବ ଏପରି ଦୁର୍ଲଭ ଯେ ସେହି ବେଶରେ ତାଙ୍କର ଦର୍ଶନ ପାଇଁ ଦେବଦେବୀମାନେ ଶ୍ରୀମନ୍ଦିରକୁ ଛୁଟି ଆସିଥାନ୍ତି ।

ପୁଷ୍ୟାଭିଷେକ ଶ୍ରୀମନ୍ଦିରର ଓ ଶ୍ରୀନଅରର ଏକ ଗୁରୁତ୍ୱପୂର୍ଣ୍ଣ ନୀତି। ଶ୍ରୀମନ୍ଦିରରେ ପୌଷ ପୂର୍ଣ୍ଣମୀ ଦିନ ଶ୍ରୀଜଗନ୍ନାଥଙ୍କର ଯେଉଁ ଅଭିଷେକ ହୁଏ, ତାହା ପୁଷ୍ୟାଭିଷେକ । ଦେବତାଙ୍କର ସେହି ଅଭିଷେକର ପରଦିନ ଶ୍ରୀନଅରରେ ମଧ୍ୟ ଗଜପତି ମହାରାଜାଙ୍କର ଅଭିଷେକ ହୁଏ । ତାହାକୁ ମଧ୍ୟ ପୁଷ୍ୟାଭିଷେକ କୁହାଯାଏ। ଗଜପତି ମହାରାଜା ଶ୍ରୀମନ୍ଦିରର ଆଦ୍ୟ ସେବକ। ଲୋକେ ତାଙ୍କୁ ‘ଠାକୁର ରାଜା’ ବା ‘ଚଳନ୍ତି ବିଷ୍ଣୁ’ ରୂପେ ଗ୍ରହଣ କରୁଥିଲେ ମଧ୍ୟ ଶ୍ରୀମନ୍ଦିରର ମହାନ ସେବା ଓ ସେବକ ପରମ୍ପରା ଅନୁସାରେ ଶ୍ରୀଜଗନ୍ନାଥ ହିଁ ରାଜା । ଅନ୍ୟ ସମସ୍ତେ ତାଙ୍କର ସେବକ। ସେହି ଦୃଷ୍ଟିରୁ ଗଜପତି ମହାରାଜ ତାଙ୍କର ଆଦ୍ୟସେବକ । କିନ୍ତୁ ଶ୍ରୀନଅରର ପୁଷ୍ୟାଭିଷେକ ପରମ୍ପରାରେ ଆଉ ଗୋଟିଏ ମହାନ ନିଦର୍ଶନ ଅଛି । ତାହା ହେଉଛି ବିଧି ବ୍ୟବସ୍ଥାମତେ ପୁଷ୍ୟାଭିଷେକ ନୀତି ସଂପନ୍ନ ହେବା ପରେ, ଗଜପତି ମହାରାଜା ରାଜକୀୟ ବେଶରେ ଥାଇ ଦେବାର୍ଚ୍ଚନା ଗୃହ ବା ଗାଦିକୁ ଆସନ୍ତି। ଷୋଳଶାସନର ବ୍ରାହ୍ମଣମାନେ ତାଙ୍କ ନିମନ୍ତେ ଆଣିଥିବା ସୁନା ବା ରୂପା ପଇଡା ଓ ଶ୍ରୀଫଳକୁ ତାଙ୍କର ମସ୍ତକ ସ୍ପର୍ଶ କରାଯାଏ । ତାହାପରେ ଅନୁଷ୍ଠିତ ହୁଏ ସେହି ଗୁରୁତ୍ୱପୂର୍ଣ୍ଣ ନୀତି । ଅଗଣାରେଧଳା ପଚନିକୁ ‘ପାହାଡ଼ା’ ରୂପେ ବିଛା ଯାଇଥାଏ । ଷୋଳଶାସନର ବ୍ରାହ୍ମଣମାନେ ତାହା ଉପରେ ନିଜର ପାଦ ରଖନ୍ତି ଅର୍ଥାତ୍ ସେମାନଙ୍କର ପଦରଜ ଦିଅନ୍ତି । ତାହା ପରେ ପୁଷ୍ପାଳକ ସେବକ ତାହାକୁ ଏକାଠି କରି ନେଇ ଗଜପତିଙ୍କର ମସ୍ତକରେ ସ୍ପର୍ଶ କରାନ୍ତି । ଗଜପତି ମହାରାଜା ‘ଠାକୁର ରାଜା’ ବା ଚଳନ୍ତି ବିଷ୍ଣୁ ହେଲେ ମଧ୍ୟ, ଏହିପରି ଭାବରେ ପୁଷ୍ୟାଭିଷେକ ଦିନ ଷୋଳଶାସନର ବ୍ରାହ୍ମଣମାନଙ୍କର ପଦରଜକୁ ନିଜର ମସ୍ତକରେ ଆଶୀର୍ବାଦ ରୂପେ ଗ୍ରହଣ କରିଥାନ୍ତି ।


ମୋ. ୯୪୩୭୨୨୫୬୮୯

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୮ ଡିସେମ୍ବର ୨୦୨୫ ରବିବାର ପୃଷ୍ଠା ୫


# ଯେଉଁଠି ଶାନ୍ତି ଓ ସୌନ୍ଦର୍ଯ୍ୟ ଏକାଠି













ଗାଜାଠାରୁ ଆରମ୍ଭ କରି ଇରାକ ପର୍ଯ୍ୟନ୍ତ, ଆଫ୍ରିକା ଠାରୁ ଆରମ୍ଭ କରି ୟୁକ୍ରେନ୍ ସବୁ ସ୍ଥାନରେ ଏବେ ଯୁଦ୍ଧର ପରିବେଶ । ଲାଗୁଛି ସାରା ଦୁନିଆ ଏବେ ଯୁଦ୍ଧରତ । ଗ୍ଲୋବାଲ୍ ପିସ୍ ଇଣ୍ଡେକ୍ସ ୨୦୧୪ର ରିପୋର୍ଟ ଅନୁଯାୟୀ ଦୁନିଆର ମାତ୍ର ୧୧ଟି ଦେଶ ଅଛି ଯେଉଁଗୁଡ଼ିକ ଅନ୍ତଃରାଷ୍ଟ୍ରୀୟ ବିବାଦ ଏବଂ ହିଂସାଠାରୁ ଦୂରରେ । ଏମାନଙ୍କ ମଧ୍ୟରେ ଆଇସ୍‌ଲାଣ୍ଡ, ଡେନ୍‌ମାର୍କ, ଅଷ୍ଟ୍ରିଆ, ନ୍ୟୁଜିଲାଣ୍ଡ. ସ୍ୱିଜରଲ୍ୟାଣ୍ଡ, ଫିନ୍‌ଲ୍ୟାଣ୍ଡ, କାନାଡ଼ା, ଜାପାନ, ବେଲ୍‌ଜିୟମ୍, ନରୱେ ଏବଂ ଚେକ୍ ଗଣରାଜ୍ୟ ସାମିଲ । ଏସବୁ ଦେଶରେ ରାଜନୈତିକ ଏବଂ ସାମାଜିକ ବିବାଦର ସ୍ତର ନ୍ୟୂନତମ । ଅପରପକ୍ଷେ ସିରିଆରେ ହିଂସା ସବୁଠାରୁ ଅଧିକା । ରହିବା ପାଇଁ ଏହା ବିଶ୍ୱର ସବୁଠାରୁ ବିପଜ୍ଜନକ ଦେଶ ଭାବରେ ସ୍ୱୀକାର କରାଯାଇଛି ।







ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଇକୋନୋମିକ୍ସ ଆଣ୍ଡ ପିସ୍ ଦ୍ୱାରା ପ୍ରକାଶିତ ଗ୍ଲୋବାଲ୍ ପିସ୍ ଇଣ୍ଡେକ୍ସର ରିପୋର୍ଟ ଅନୁଯାୟୀ ବିଶ୍ୱର ୮ ପ୍ରତିଶତ ଜନସଂଖ୍ୟା ୧୧ଟି ସବୁଠାରୁ ଅଶାନ୍ତ ଦେଶରେ ବାସ କରନ୍ତୁ । ରିପୋର୍ଟ ଅନୁଯାୟୀ ଏସବୁ ଦେଶରେ ରହୁଥିବା ଲୋକଙ୍କ ଜୀବନ ନର୍କଠାରୁ କମ୍ ନୁହେଁ । ୧୬୨ଟି ଦେଶକୁ ନେଇ କରାଯାଇଥିବା ଏହି ସୂଚୀରେ ସିରିଆ, ଆଫଗାନିସ୍ଥାନ ଏବଂ ଦକ୍ଷିଣ ସୁଦାନ ସବୁଠାରୁ ଅଶାନ୍ତ ଦେଶ । ଭାରତ ଏହି ସୂଚୀରେ ଖୁବ୍ ତଳୁଆ ସ୍ଥାନରେ ରହିବା ଦେଶବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଏହି ସୂଚୀ ୨୨ଟି ମାନକ ଆଧାରରେ କରାଯାଏ । ଏ ମଧ୍ୟରେ ଗୋଟିଏ ଦେଶର ପଡୋଶୀ ଦେଶ ସହ ସଂପର୍କ, ସାମରିକ ବ୍ୟୟର ସ୍ତର ଏବଂ ଜେଲ୍‌ରେ କଏଦୀମାନଙ୍କ ସଂଖ୍ୟା ସାମିଲ । ଏହି ୨୨ଟି ମାନକକୁ ମୋଟାମୋଟି ତିନୋଟି ବର୍ଗରେ ବିଭକ୍ତ କରାଯାଏ, ଯଥା- ଗୃହ ଯୁଦ୍ଧ ଓ ଅନ୍ତରାଷ୍ଟ୍ରୀୟ ବିବାଦ, ସାମାଜିକ ସୁରକ୍ଷା ଏବଂ ସାମରିକ ସ୍ଥିତି ।

ଏସବୁକୁ ଗଣନାକୁ ନେଲେ ଦେଖାଯାଇଛି ବିଶ୍ୱରେ ୧୧ଟି ଦେଶ ସବୁଠାରୁ ଶାନ୍ତିପ୍ରଦ । ସେଗୁଡିକ ହେଉଛନ୍ତି -

**ଆଇସ୍‌ଲାଣ୍ଡ** : ଗ୍ଲୋବାଲ୍ ପିସ୍ ଇଣ୍ଡେକ୍ସ-୨୦୧୪ର ଶାନ୍ତିପୂର୍ଣ୍ଣ ଦେଶ ସୂଚୀରେ ପ୍ରଥମ ସ୍ଥାନରେ ଅଛି ଆଇସ୍‌ଲାଣ୍ଡ । ଗୃହ ଏବଂ ଅନ୍ତରାଷ୍ଟ୍ରୀୟ ବିବାଦର ସ୍ତର ଏଠାରେ ସବୁଠୁ କମ୍ । ଆଜିପର୍ଯ୍ୟନ୍ତ ଆଇସ୍‌ଲାଣ୍ଡ କେବେବି ବିବାଦକୁ ନେଇ ଚର୍ଚ୍ଚାକୁ ଆସିନି । ଏହି ଦେଶ ନିଜ ନୈସର୍ଗିକ ସୌନ୍ଦର୍ଯ୍ୟ ପାଇଁ ବିଶ୍ୱବିଖ୍ୟାତ । ବିଶାଳ ଗ୍ଲାସିୟର ଏବଂ ଉଗ୍ର ଆଗ୍ନେୟଗିରିକୁ ଦେଖିବା ପାଇଁ ସାରା ବିଶ୍ୱରୁ ପର୍ଯ୍ୟଟକ ଏଠାକୁ ଆସନ୍ତି । ଆଇସ୍‌ଲାଣ୍ଡର ରାଜଧାନୀ ରିକ୍‌ବିକ୍ ଅଦ୍ୱିତୀୟ ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ସାଂସ୍କୃତିକ ଆକର୍ଷଣ ପାଇଁ ବିଶ୍ୱପ୍ରସିଦ୍ଧ ।

**ଡେନ୍‌ମାର୍କ** : ଶାନ୍ତିପୂର୍ଣ୍ଣ ଦେଶ ସୂଚୀରେ ଡେନ୍‌ମାର୍କର ସ୍ଥାନ ଦ୍ୱିତୀୟ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଡେନ୍‌ମାର୍କର ରାଜଧାନୀ କୋପେନ୍‌ହେଗନ ଉପରେ ନାଜିମାନେ ଶାସନ କରିଥିଲେ । କିନ୍ତୁ ଏହାପରେ ଏହି ଦେଶ କେବେବି ଯୁଦ୍ଧ ଲଢ଼ିନି । ଫଳରେ ଲୋକମାନେ ଆର୍ଥିକ ବିକାଶ ଉପରେ ଲକ୍ଷ୍ୟ କେନ୍ଦ୍ରିତ କରିପାରିଛନ୍ତି । ଡେନ୍‌ମାର୍କର ଲୋକମାନେ ଖୁବ୍ ଉନ୍ମୁକ୍ତ ବିଚାରଧାରାର । ପଡୋଶୀ ଏବଂ ପର୍ଯ୍ୟଟକଙ୍କ ସହ ସେମାନେ ସହଜରେ ମିଳାମିଶା କରିପାରନ୍ତି ।

**ଅଷ୍ଟ୍ରିଆ** : ମଧ୍ୟୟୁରୋପର ଏହି ଦେଶ ଶାନ୍ତିପ୍ରିୟ ଦେଶ ତାଲିକାରେ ତୃତୀୟ ସ୍ଥାନରେ ଅଛି । ଏହାର ସୀମା ସ୍ଥଳଭାଗ ଦ୍ୱାରା ଅର୍ଥାତ୍ ବିଭିନ୍ନ ଦେଶମାନଙ୍କ ଦ୍ୱାରା ଆବୃତ । ଭିଏନା ଏହାର ରାଜଧାନୀ । ଦେଶର ଅଧିକାଂଶ ଅଂଶ ଆଲପ୍ସ ପର୍ବତମାଳା ଅଞ୍ଚଳରେ ରହିଛି । ପ୍ରଥମ ବିଶ୍ୱଯୁଦ୍ଧ ପରଠାରୁ ଏହି ଦେଶ ବିବାଦଠାରୁ ଦୂରେଇ ରହିଛି ଏବଂ ନିଜସ୍ୱ ସାମର୍ଥ୍ୟରେ ବିଶ୍ୱରେ ନିଜର ଭିନ୍ନ ପରିଚୟ ସୃଷ୍ଟି କରିପାରିଛି ।

**ନ୍ୟୁଜିଲାଣ୍ଡ** : ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଇକୋନୋମିକ୍ସ ଆଣ୍ଡ ପିସ୍ ଦ୍ୱାରା ୨୦୦୭ରେ ଆରମ୍ଭ କରାଯାଇଥିବା ଗ୍ଲୋବାଲ୍ ପିସ୍ ଇଣ୍ଡେକ୍ସରେ ନ୍ୟୁଜିଲାଣ୍ଡ ସବୁବେଳେ ଶାନ୍ତିପୂର୍ଣ୍ଣ ଦେଶ ଭାବରେ ପରିଗଣିତ ହୋଇଛି । ଦେଶର ପ୍ରକୃତିକ ଶୋଭା ମନୋହର । ଅଲ୍‌ପାଇନ୍ ଗ୍ଲାସିୟର, ମନମୁଗ୍ଧକର ସମୁଦ୍ର ବେଳାଭୂମି ଏବଂ ଆଗ୍ନେୟଗିରି ଦୁନିଆର ପର୍ଯ୍ୟଟକମାନଙ୍କୁ ନ୍ୟୁଜିଲାଣ୍ଡ ପ୍ରତି ଆକୃଷ୍ଟ କରେ ।




**ସ୍ୱିଜରଲାଣ୍ଡ** : ସ୍ୱଚ୍ଛ ସରକାର ଏବଂ ଉନ୍ମୁକ୍ତ ରାଜନୈତିକ ସଂସ୍କୃତି ସ୍ୱିଜରଲାଣ୍ଡର ବିଶେଷତ୍ୱ । ଏହି ଦେଶରେ ରାଜନୈତିକ ଅସ୍ଥିରତା ନାହିଁ କହିଲେ ଚଳେ । ହିଂସାତ୍ମକ କାର୍ଯ୍ୟକଳାପ ଏଠାରେ ବିଶ୍ୱରେ ସବୁଠାରୁ କମ୍ । ବିଶ୍ୱ ରାଜନୀତିରେ ଏହା ନିରପେକ୍ଷ ଦେଶ ଭାବରେ ପରିଗଣିତ ହୁଏ । ଏଥିସହ ବିଶ୍ୱର ଅନ୍ୟ ଦେଶ ସହ ସ୍ୱିଜରଲାଣ୍ଡର କୂଟନୈତିକ ସମ୍ପର୍କ ଖୁବ୍ ମଜଭୁତ ।

**ଫିନ୍‌ଲାଣ୍ଡ** : ଦୁନିଆର ସବୁଠାରୁ ଶାନ୍ତିପୂର୍ଣ୍ଣ ଏବଂ ରହିବା ଯୋଗ୍ୟ ଦେଶ ମଧ୍ୟରେ ରହିଛି । ଦେଶରେ ଏବେବି ଯୁବକମାନଙ୍କ ପାଇଁ ନାଗରିକ ଏବଂ ସାମରିକ ସେବା ବାଧ୍ୟତାମୂଳକ ରହିଛି । ଶିକ୍ଷା ବ୍ୟବସ୍ଥାରେ ଫିନ୍‌ଲାଣ୍ଡ ବିଶ୍ୱର ପଞ୍ଚମ ସ୍ଥାନରେ ଅଛି । ଶାନ୍ତିପୂର୍ଣ୍ଣ ଦେଶ ତାଲିକାରେ ମଧ ଏହା ପଞ୍ଚମ ସ୍ଥାନରେ ଅଛି ।

**କାନାଡା** : ଉତ୍ତର ଆମେରିକାର ଉତ୍ତରରେ ଥିବା କାନାଡ଼ା ବିଶ୍ୱର ଦ୍ୱିତୀୟ ବୃହତମ ଦେଶ । ଏହାର ପୂର୍ବରେ ଆଟ୍‌ଲାଣ୍ଟିକ୍ ମହାସାଗର ଓ ପଶ୍ଚିମରେ ପ୍ରଶାନ୍ତ ମହାସାଗର ରହିଛି । ଏହି ଦେଶର ବିଶେଷତ୍ୱ ଏହିକି ଯେ, କୌଣସି ପ୍ରକାର ବିବାଦରେ ଲିପ୍ତ ନଥାଇ ମଧ ନିଜ ସୁରକ୍ଷା ପାଇଁ ଏହା ପ୍ରତିରକ୍ଷା ବାହିନୀ ସଦାଜାଗ୍ରତ ହୋଇ ଅଛନ୍ତି ।

**ଜାପାନ** : ସବୁଠାରୁ ଅନନ୍ୟ ସାଂସ୍କୃତିକ ଦେଶ ମଧ୍ୟରେ ଅନ୍ୟତମ ଜାପାନ । ଏହା ବିଶ୍ୱର ତୃତୀୟ ବୃହତମ ଅର୍ଥ ବ୍ୟବସ୍ଥା । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଆତ୍ମସମର୍ପଣ ପରେ ଜାପାନ କେବେବି କୌଣସି ପ୍ରକାର ବିବାଦରେ ଲିପ୍ତ ହେବାକୁ ଚାହିଁନି । ୬୦ ଦଶକ ହେବ ବିଶ୍ୱର ଅନ୍ୟତମ ଶାନ୍ତିପୂର୍ଣ୍ଣ ଦେଶ ଭାବରେ ରହିଛି ଏହା । ଦେଶର ଅଭ୍ୟନ୍ତରରେ ଛୋଟମୋଟ ବିବାଦକୁ ବାଦ୍ ଦେଲେ ଅପରାଧ ହାର ଖୁବ୍ କମ୍ ଏଠାରେ । ଦେଶରେ ଶାନ୍ତି ରକ୍ଷା ପାଇଁ ଜାପାନ ଦେଶରେ ଆଭ୍ୟନ୍ତରୀଣ ସୁରକ୍ଷା ବାହିନୀ ପ୍ରସ୍ତୁତ କରି ରଖିଛି । ଦେଶର ଅନେକ ଅଂଶ ଅନ୍ତର୍ଜାତୀୟ ପର୍ଯ୍ୟଟନ କ୍ଷେତ୍ର ଭାବରେ ମାନ୍ୟତା ପାଇଛି । ଜାପାନୀମାନେ ଖୁବ୍ ଅତିଥି ବତ୍ସଳ ।

**ବେଲ୍‌ଜିୟମ୍** : ଗ୍ଲୋବାଲ୍ ପିସ୍ ଇଣ୍ଡେକ୍ସ ଅନୁଯାୟୀ ୟୁରୋପ ମହାଦେଶରେ ସବୁଠାରୁ ଶାନ୍ତିପୂର୍ଣ୍ଣ ଦେଶ ହେଉଛି ବେଲ୍‌ଜିୟମ୍ । ୟୁରୋପର କେନ୍ଦ୍ରସ୍ଥଳରେ ଥିବା ଏହି କ୍ଷୁଦ୍ର ଦେଶରେ ଅନେକ ଦେଖିବାଯୋଗ୍ୟ ସ୍ଥାନ ରହିଛି । ରାଜଧାନୀ ବ୍ରସେଲ୍ସରେ ୟୁରୋପିଆ ୟୁନିଅନ୍ ଏବଂ ନାଟୋର ମୁଖ୍ୟାଳୟ ଅଛି । ଏହି ଦେଶରେ ମଧ୍ୟଯୁଗୀୟ ସ୍ଥାପତ୍ୟ ସହ ଅତ୍ୟାଧୁନିକ ଜୀବନଶୈଳୀର ମିଳନ ଦେଖିବାକୁ ମିଳେ । ସୁନ୍ଦର ସାର୍ବଜନୀନ ସ୍ଥଳ, ରାଜକୀୟ ମହଲ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ଜଣାଶୁଣା ଏହି ଦେଶ । ଦେଶରେ ହତ୍ୟା ଏବଂ କାରାବାସ ହାର ମଧ ନ୍ୟୁନତମ ।




**ନରୱେ** : ବିଶ୍ୱର ଅନ୍ୟତମ ଶାନ୍ତିପୂର୍ଣ୍ଣ ଦେଶ ଭାବରେ ଅନେକ ବର୍ଷ ହେବ ସମ୍ମାନିତ ହୋଇଆସୁଥିବା ନରୱେରେ କେବେ ବା କେଉଁଠି ହିଂସାର ଖବର ଆଜିକାଲି ନଜରକୁ ଆସୁଛି । କିନ୍ତୁ ଗ୍ଲୋବାଲ୍ ପିସ୍ ଇଣ୍ଡେକ୍ସ ଅନୁଯାୟୀ ରହିବା ପାଇଁ ଏହା ବିଶ୍ୱର ସବୁଠାରୁ ସୁରକ୍ଷିତ ସ୍ଥାନ ମଧ୍ୟରୁ ଅନ୍ୟତମ ଦେଶ ।

**ଚେକ୍ ରିପବ୍ଲିକ୍** : ଚେକୋସ୍ଲୋଭାକିଆର ବିଭାଜନ ପରେ ୧୯୯୩ ମସିହା ଜାନୁଆରୀ ୧ ତାରିଖରେ ଏହି ଦେଶ ସ୍ଥାପନ ହୋଇଥିଲା । ଏଠାରେ ସଂସଦୀୟ ଗଣତନ୍ତ୍ର ବ୍ୟବସ୍ଥା ରହିଛି । ମଧ ୟୁରୋପର ଏହି ଦେଶ ସ୍ଥଳଭାଗ ଆବୃତ । ରାଜଧାନୀ ପ୍ରାଗ୍ ମଧ୍ୟଯୁଗୀୟ ବାସ୍ତୁକଳା, ଐତିହାସିକ ଅଟ୍ଟାଳିକା, ଗୋଲାକାର ସଡ଼କ ଏବଂ ପ୍ରସିଦ୍ଧ ଦୁର୍ଗ ଦ୍ୱାରା ସୁସଜ୍ଜିତ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ମଧ ଏଗୁଡିକ ନଷ୍ଟ ହୋଇନଥିଲା ।







---

# ସତେଜ ଜୀବନର ଖାଦ୍ୟ

ଆପଣ ଯାହା ଖାଇବେ ଶରୀରରେ ଏହାର ପ୍ରତିଫଳନ ନିଶ୍ଚୟ ଦେଖିବାକୁ ମିଳିବ । ଯେଉଁ ଖାଦ୍ୟ ଶରୀର ପାଇଁ କ୍ଷତିକାରକ ସେଗୁଡିକ ଖାଇଲେ ଶକ୍ତିକ୍ଷୟ, ଅବସାଦ, ଅକାଳ ବାର୍ଦ୍ଧକ୍ୟ ପରି ଅନେକ ସମସ୍ୟା ମାଡି ବସିବ ଶରୀରକୁ । ତେଣୁ ସୁସ୍ଥ ତଥା ଦୀର୍ଘ ଜୀବନ ପାଇଁ ସନ୍ତୁଳିତ ଖାଦ୍ୟ ହିଁ ପ୍ରଥମ ଆବଶ୍ୟକତା । ମଣିଷର ବୟସ ନିଶ୍ଚୟ ବଢ଼ିବ । ଏହାକୁ ରୋକି ହେବ ନାହିଁ । ତେବେ ଶରୀରରେ ବୟସର ଛାପକୁ ଅନେକ ପରିମାଣରେ ରୋକି ହେବ । ଯେତେବେଳେ ଶରୀରର କୋଷଗୁଡିକ ବାହ୍ୟ କାରକ ଦ୍ୱାରା ପ୍ରଭାବିତ ହେବେ ସେତେବେଳେ ଏଗୁଡିକ ନଷ୍ଟ ହେବ ଏବଂ ଶରୀରରେ ବୟସର ପ୍ରଭାବ ବଢ଼ିବାରେ ଲାଗିବ । ତେବେ ଏହାକୁ ଆପଣ ସମ୍ପୂର୍ଣ୍ଣ ଭାବରେ ନହେଲେ ବି କିଛି ପରିମାଣରେ ରୋକିପାରିବେ ଉପଯୁକ୍ତ ଖାଦ୍ୟ ଦ୍ୱାରା । ଆସନ୍ତୁ ଦେଖିବା କ'ଣ କ'ଣ ଖାଇଲେ ପ୍ରକୃତ ବୟସ ତୁଳନାରେ ଶରୀରର ବୟସ କମ୍ ହୋଇଯିବ ।



## କୋଳି

କଳା ଓ ନୀଳ ରଙ୍ଗର କୋଳି ସବୁ ଖୁବ୍ ଉପଯୋଗୀ ଶରୀର ପାଇଁ । କୋଳିର ରଙ୍ଗ ଯେତେ ଗାଢ଼ ଏହା ସେତେ ଉପକାରୀ । ପ୍ରଚୁର ପରିମାଣର ଫ୍ଲାବନଏଡ ଥାଏ ଏଥିରେ । କଣ୍ଟେଇକୋଳିରେ ପ୍ରଚୁର ପରିମାଣରେ ଭିଟାମିନ୍ ସି ଥାଏ । ଏହା ଶରୀରର ଉପଯୁକ୍ତ ରକ୍ତ ସଞ୍ଚାଳନରେ ସହାୟକ ହୁଏ । ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍-ସି ଓ ଖଣିଜ ଲବଣ ଥାଏ । ଏହା ଶରୀରର ବୟୋବୃଦ୍ଧିକୁ ରୋକିବା ସହ ଫ୍ରି ରେଡିକାଲ ସହ ଲଢ଼ିପାରେ । ଜାମୁକୋଳି, କଳା ଅଙ୍ଗୁର କୋଳି, ଷ୍ଟ୍ରବେରୀ ଆଦି ରଙ୍ଗୀନ କୋଳି ଖୁବ୍ ଉପଯୋଗୀ ଶରୀର ପାଇଁ ।





## ସବୁଜ ପନିପରିବା

ସବୁଜ ପତ୍ର ବିଶିଷ୍ଟ ପରିବା ଯଥା ବ୍ରୋକୋଲି, ପାଳଙ୍ଗ ଶାଗ, ଧନିଆପତ୍ର ଆଦିରେ ଆଣ୍ଟି ଅକ୍ସିଡାଣ୍ଟର ଅଧିକ ମାତ୍ରାରେ ଥାଏ । ଏଥିରେ ଥିବା ଭିଟାମିନ୍-ସି ତ୍ୱଚା କୁଞ୍ଚନକୁ ରୋକେ । ଏଥିରେ ଥିବା ଲାଇକୋପିନ୍ ଓ ବିଟା କାରୋଟିନ୍ ଶରୀର ଉପରେ ଅତି ବାଇଗଣୀ ରଶ୍ମୀର ପ୍ରଭାବକୁ ହ୍ରାସ କରେ । ସବୁଜ ପନିପରିବା ଓଜନ ତ ବଢ଼ିବାକୁ ଦିଏ ନାହିଁ, ଏଥିସହ ଶରୀରର ବିଷାକ୍ତ ଉପାଦାନଗୁଡ଼ିକୁ ନିଷ୍କାସନ କରିଦିଏ ।

## ନାସ୍‌ପାତି

ନାସ୍‌ପାତିରେ ଅଧିକ ପରିମାଣରେ କ୍ଷାର ଜାତୀୟ ତତ୍ତ୍ୱ ଥାଏ । ନାସ୍‌ପାତିରେ ଥିବା ଭିଟାମିନ୍ ଇ ସତେଜ ତଥା ଉଜ୍ଜ୍ୱଳ ତ୍ୱଚାର ମୁଖ୍ୟ ଆବଶ୍ୟକତା । ଏହା କେଶକୁ ଦୃଢ଼ ଓ ସୁସ୍ଥ ରଖେ, ବୟସକୁ ରୋକେ । ଏଥିରେ ଥିବା ପଟାସିୟମ ଉଚ୍ଚ ରକ୍ତଚାପ ପ୍ରତିରୋଧକ ହେବା ସହ ଶରୀରରେ ଜଳୀୟ ଅଂଶକୁ ଅକ୍ଷୁଣ୍ଣ ରଖେ ।

## ତରଭୁଜ ଓ ଫୁଟି କାକୁଡି

ତରଭୁଜ ଶ୍ରେଷ୍ଠ ଆଣ୍ଟିଏଜିଙ୍ଗ୍ ଖାଦ୍ୟ ମଧ୍ୟରେ ଅନ୍ୟତମ । ଏଗୁଡିକ ଶରୀରରେ କ୍ଷାରୀୟ ଉପାଦାନ ବୃଦ୍ଧି କରନ୍ତି । ଏଥିରେ ଥିବା ସେଲେନିୟମ, ଭିଟାମିନ୍-ଏ, ବି, ସି, ଇ ସହ ଉପଯୋଗୀ ଫ୍ୟାଟ୍ ଓ ଜିଙ୍କ ଶରୀରରେ ଜଳୀୟ ଅଂଶ ବୃଦ୍ଧି କରେ ।

## ବାଦାମଜାତୀୟ ଖାଦ୍ୟ

ପେସ୍ତା ବାଦାମ, କାଜୁ ବାଦାମ, ଚିନାବାଦାମ, ଅଖରୋଟ୍ ଆଦି ବାଦାମ ଜାତୀୟ ଖାଦ୍ୟ ଶକ୍ତିର ଭଣ୍ଡାର । ଦୈନିକ ଆବଶ୍ୟକ ପରିମାଣରେ ବାଦାମଜାତୀୟ ଖାଦ୍ୟ ଖାଇବା ବୟସକୁ ରୋକିବା ସହ ଶରୀରକୁ ଫୁର୍ତ୍ତି ରଖେ । ଏହା ଶରୀରକୁ ଯଥେଷ୍ଟ ପରିମାଣରେ ଶକ୍ତି ଯୋଗାଇଥାଏ ।







## ଦହି

ଦହିରେ ଉପଯୁକ୍ତ ପରିମାଣରେ ପଟାସିୟମ, କ୍ୟାସିୟମ, ପ୍ରୋଟିନ ଓ ଭିଟାମିନ୍-ବି ଥାଏ । ଏଥିରେ ଥିବା ବ୍ୟାକ୍ଟେରିଆ ଖାଦ୍ୟର ପୋଷକତତ୍ତ୍ୱକୁ ଶରୀର ଗ୍ରହଣ କରିବା ଯୋଗ୍ୟ କରିଦିଏ ଏବଂ ଶରୀରର ରୋଗ ପ୍ରତିରୋଧକ ପ୍ରଣାଳୀକୁ ସ୍ଥିର ରଖେ । ଏହା ତ୍ୱଚା ପାଇଁ ମଧ ଲାଭଦାୟୀ । ଏଥିରେ ଅଧିକ ପରିମାଣରେ ଆଣ୍ଟି-ଫଙ୍ଗାଲ ଉପାଦାନ ଥାଏ । ଶରୀରର କୌଣସି ସ୍ଥାନରେ ତ୍ୱଚା ସଂକ୍ରମଣ ଥିଲେ ଦହି ଲଗାଇଲେ ଏହା ଠିକ୍ ହୋଇଥାଏ ।

## ସଲମୋନ ମାଛ

ଯେଉଁମାନେ ପନିପରିବା ଖାଇବାକୁ ବିଶେଷ ପସନ୍ଦ କରନ୍ତି ନାହିଁ ସେମାନଙ୍କ ପାଇଁ ଖୁବ୍ ଉପଯୋଗୀ ସଲମୋନ ମାଛ । ଏହା ପ୍ରୋଟିନ୍ ଓ ଅନ୍ୟ ସମସ୍ତ ପ୍ରକାର ଖାଦ୍ୟ ତତ୍ତ୍ୱର ଭଣ୍ଡାର । ଏଥିରେ ଥିବା ଓମେଗା-୩ ଫ୍ୟାଟି ଏସିଡ୍ ତ୍ୱଚାକୁ ସୁସ୍ଥ ରଖେ । ଅତିକମ୍‌ରେ ସପ୍ତାହରେ ତିନିଥର ଏହାକୁ ଖାଦ୍ୟରେ ସାମିଲ କରନ୍ତୁ ।

## ରସୁଣ

ଦୈନନ୍ଦିନ ଖାଦ୍ୟରେ ସାମିଲ ହେବା ପରି ଆଉ ଏକ ଖାଦ୍ୟ ରସୁଣ । ଏହା ଶରୀର କୋଷ କ୍ଷୟକୁ ରୋକିବା ସହ ରକ୍ତକୁ ପତଳା କରି ଆମକୁ ହୃଦ୍‌ଘାତରୁ ରକ୍ଷା କରେ । ପ୍ରାକୃତିକ ଆଣ୍ଟି ଅକ୍ସିଡାଣ୍ଟ ଭାବରେ କାର୍ଯ୍ୟ କରେ ରସୁଣ । ଶରୀରରେ ଅସ୍ୱାଭାବିକ କୋଷବୃଦ୍ଧିକୁ ନିୟନ୍ତ୍ରଣ କରି ଏହା ଶରୀରର ବୟୋବୃଦ୍ଧିକୁ ରୋକେ । କଞ୍ଚା ଭାବରେ ଖାଇଲେ ଏହା ସବୁଠାରୁ ଲାଭଦାୟକ ।

## ଅଦା

ଏହା ଠିକ୍ ଭାବରେ ଖାଦ୍ୟ ହଜମ କରାଏ ଓ ବର୍ଜ୍ୟ ନିଷ୍କାସନ କରାଏ । ତେଣୁ ଶରୀର ଓ ସ୍ୱାସ୍ଥ୍ୟ ପାଇଁ ଜରୁରୀ ଏହା । ଏହା ଆଣ୍ଟି ଏଜିଙ୍ଗ୍ ଖାଦ୍ୟ ଭାବରେ ମଧ କାମ କରେ ।

## ପାନୀୟ ଜଳ

ବୟସ ବୃଦ୍ଧି ସହ ଲଢ଼ିବା ପାଇଁ ଅମୋଘ ଅସ୍ତ୍ର ପାନୀୟ ଜଳ । ଏହା ଶରୀରରୁ ବିଷାକ୍ତ ଉପାଦାନ ନିଷ୍କାସନ କରିବା ସହ ରକ୍ତ ସଞ୍ଚାଳନ ବୃଦ୍ଧି କରାଏ । ତେଣୁ ଉଜ୍ଜ୍ୱଳ ତ୍ୱଚା ପାଇଁ ଯଥେଷ୍ଟ ପାଣି ପିଅନ୍ତୁ । ବିଶେଷଜ୍ଞମାନେ କୁହନ୍ତି- ଦୈନିକ ଅତିକମ୍‌ରେ ୮ ଗ୍ଲାସ ପାଣି ପିଇବା ପ୍ରତିପ୍ରାପ୍ତ ବୟସ୍କ ମନୁଷ୍ୟ ପାଇଁ ଜରୁରୀ ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୨୮ ଡିସେମ୍ବର ୨୦୨୫ ● ରବିବାର


## ଟ୍ରେନ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**କଣ୍ଟାବାଞ୍ଜି:ଏକ୍ସପ୍ରେସ୍ ନ୍ୟୁଜ୍**

ରେଳ ଧାରଣା ପାର ହେଉଥିନା ସମୟରେ ମାଲବାହୀ ଟ୍ରେନ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୂଆପଡା ଜିଲ୍ଲା ଖରିଆର ରୋଡ଼ ୱାର୍ଡ ନଂ ୯ ଶଙ୍କର ମନ୍ଦିର ପଡାର ଭଗତରାମ ରାଉତ(୬୨)। ଶୁକ୍ରବାର ରାତି ପ୍ରାୟ ସାଢେ ୧୧ଟାରେ ଭଗତ ରାମ ଘର ପାଖ ଚ଼ଲା ରାସ୍ତା ରେଳ ଧାରଣା ପାଖରେ ଥିବା ଏକ ପୋଖରୀ ନିକଟକୁ ଶୌଚ଼ ହେବା ପାଇଁ ଯାଇଥିଲେ। ରେଳ ଧାରଣା ପାର ହେବା ସମୟରେ ରାୟପୁର ଆଡୁ ଆସୁଥିବା ଏକ ମାଲବାହୀ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବୃଦ୍ଧଙ୍କ ମୁଣ୍ଡ ଗଣ୍ଡି ଅଲଗା ହୋଇଟାଇଥିଲା।

ଖରିଆର ରୋଡ଼ ଷ୍ଟେସନ ମାଷ୍ଟରଙ୍କଠାରୁ ଖବର ପାଇ କଣ୍ଟାବାଞ୍ଜି ଜିଆରପି ଫାଣ୍ଡି ଅଧିକାରୀ ଶନିବାର ମୃତଦେହ ଜବତ କରିଥିଲେ। ନୂଆପଡା ଜିଲ୍ଲା ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଘଟଣାର ତଦନ୍ତ ଜାରି ରହିଥିବା ଫାଣ୍ଡି ଅଧିକାରୀ ମକାରୁ ସାହୁ ସୂଚ଼ନା ଦେଇଛନ୍ତି।

## ମୋବାଇଲ୍ ଛଡ଼ାଇବା ମାମଲାରେ ୪ ଗିରଫ



**କଳିଙ୍ଗନଗର:ଏକ୍ସପ୍ରେସ୍ ନ୍ୟୁଜ୍**

କଳିଙ୍ଗନଗର ଥାନା ଅନ୍ତର୍ଗତ ବିଆରପିଏଲ ଛକ ନିକଟରେ ଘଟିଥିବା ମୋବାଇଲ୍ ଛଡାଇବା ମାମଲାରେ ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଆଦାଲତକୁ ପଠାଇଛି। ଏହି ମାମଲା କଳିଙ୍ଗନଗର ପିଏସ୍ କେସ୍ ନମ୍ବର ୪୬୧/୨୫, ଧାରା ୩୦୪(୨)/୩(୫) ବିଏନଏସ୍ ଅନୁଯାୟୀ ରୁଜୁ କରାଯାଇଥିଲା। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ସିଦ୍ଧାନ୍ତ ରାୟ (୨୨), ପିତା ଦିଲୀପ ରାୟ, ଗ୍ରାମ ସିଙ୍ଗଡିଆ ମୁନା ଲକ୍ଷ୍ମଣ ଓଝା (୨୩), ପିତା ସୁରେନ୍ଦ୍ର ଓଝା, ଗ୍ରାମ ରାଛିପୁର, ଦୀପକ ସେଠୀ (୨୨), ପିତା ବୈଧର ସେଠୀ, ଗ୍ରାମ ଦାନଗଦି ଏବଂ କୃଷ୍ଣ ମଣ୍ଡଳ (୨୨), ପିତା ସୁବଳ ମଣ୍ଡଳ, ସିଙ୍ଗଡିଆ ଗ୍ରାମର ଅଟେ। ସମସ୍ତ ଅଭିଯୁକ୍ତ ଯାଜପୁର ରୋଡ଼ ଥାନା ଅନ୍ତର୍ଗତ ବୋଲି ପୋଲିସ ସୂଚ଼ନା ଦେଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଏହି ମାମଲା ଅଭିଯୋଗକାରୀ ସଞ୍ଜୟ କୁମାର ମଲ୍ଲିକ (ପିତା–ସୁବଳା ମଲ୍ଲିକ), ଗ୍ରାମ–ବାରଗଡ଼ିଆ, କଳିଙ୍ଗନଗର ଥାନା ଅନ୍ତର୍ଗତଙ୍କ ଲିଖିତ ଅଭିଯୋଗ ଆଧାରରେ ରୁଜୁ ହୋଇଥିଲା। ଅଭିଯୋଗ ଅନୁସାରେ, ଗତ ୨୩/୧୨/୨୦୨୫ ତାରିଖ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଅଭିଯୋଗକାରୀ ବିଆରପିଏଲ ଛକ ନିକଟରେ ମୋବାଇଲ୍ ଫୋନ୍‌ରେ କଥାହେଉଥିବା ବେଳେ ଡୁବୁରି ପକ୍ଷରୁ ଏମ୍‌ଟି–୧୫ ମୋଟର ସାଇକେଲ୍‌ରେ ଆସିଥିବା ଦୁଇଜଣ ଅଜଣା ଯୁବକ ହଠାତ୍ ତାଙ୍କ ହାତରୁ ଏକ ଆଣ୍ଡ୍ରଏଡ୍ ମୋବାଇଲ୍ ଛିନିନେଇ ଦାନଗଦି ଦିଗକୁ ଦ୍ରୁତଗତିରେ ପଳାଇଯାଇଥିଲେ। ଘଟଣାସ୍ଥଳ କଳିଙ୍ଗନଗର ଥାନାରୁ ପ୍ରାୟ ୫ କିଲୋମିଟର ପଶ୍ଚିମ ଦିଗରେ ଅବସ୍ଥିତ ବିଆରପିଏଲ ଛକ ନିକଟରେ ହୋଇଥିବା ବୋଲି ପୋଲିସ ସୂଚ଼ନା ଦେଇଛି। ମାମଲାର ତଦନ୍ତ ପରେ ଅଭିଯୁକ୍ତମାନଙ୍କୁ ଗିରଫ କରି ଆଦାଲତକୁ ପଠାଯାଇଛି। ଘଟଣାକୁ ନେଇ ଅଞ୍ଚଳରେ ଚ଼ିନ୍ତା ବଢ଼ିଥିବା ବେଳେ, ପୋଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ଲୋକେ ସ୍ୱାଗତ କରିଛନ୍ତି।

## 'ଆମ ଯାଜପୁର'ର ଅଟଳ କପ–୨୦୨୫

**ଯାଜପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଯୁବମାନଙ୍କୁ କ୍ରୀଡା ମାଧ୍ୟମରେ ଏକତ୍ର କରିବା, ଶୃଙ୍ଖଳା ଓ ଦେଶପ୍ରେମର ମୂଲ୍ୟବୋଧ ସୃଷ୍ଟି କରିବା ଉଦ୍ଦେଶ୍ୟରେ 'ଆମ ଯାଜପୁର' ସାମାଜିକ ସଂଗଠନ ପକ୍ଷରୁ ଯାଜପୁର ସହର କୁସୁମା ସମ୍ମୁଖରେ ଥିବା କ୍ରିକେଟ ଷ୍ଟାଡିୟମ ଠାରେ ଦୁଇଦିନ ଧରି ଆୟୋଜିତ ଅଟଳ ବିହାରୀ ବାଜପେୟୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ, ଅଟଳ କପ–୨୦୨୫ ସଫଳତାର ସହିତ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ଯାଜପୁରର କ୍ରୀଡା ଇତିହାସରେ ଏକ ସ୍ମରଣୀୟ ଅଧ୍ୟାୟ ଭାବେ ଚ଼ର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଉଠିଛି।

ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଭାଇ ଭାଇ ୧୧, ଜାଲପୁର ଓ ଜୀବନଜ୍ୟୋତି ମୋଟରାଙ୍ଗାପାଳ ମଧ୍ୟରେ ହୋଇଥିଲା। ଟସ୍ ଜିତି ଭାଇ ଭାଇ ଇଲେଭେନ ପ୍ରଥମେ ବ୍ୟାଟିଂ କରି ୭୧ ରନ ସଂଗ୍ରହ କରିଥିଲା। ଲକ୍ଷ୍ୟ ପଛୁଆ କରି ଜୀବନଜ୍ୟୋତି ଦଳ ଭଲ ଆରମ୍ଭ କରିଥିଲେ ମଧ୍ୟ ସମସ୍ତ ଉଇକେଟ ହରାଇ ୪୩ ରନରେ ସୀମିତ ରହିଗଲା। ଫଳରେ ଭାଇ ଭାଇ ଇଲେଭେନ, ଜାଲପୁର ୨୮ ରନରେ ବିଜୟୀ ହୋଇ ଚ୍ୟାମ୍ପିଅନ୍ ହାସଲ କରିଥିଲା। ଫାଇନାଲ୍ ମ୍ୟାଚ୍‌ରେ ଭାଇ ଭାଇ ଦଳର ଚ଼ିନ୍ମୟ ସାହୁ ଦମଦାର ବୋଲିଂ କରି ୫ଟି ଗୁରୁତ୍ୱପୂର୍ଣ୍ଣ ଉଇକେଟ ନେଇ ସମସ୍ତଙ୍କ ଆକର୍ଷଣ କେନ୍ଦ୍ର କରିଥିଲେ। ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ବେଷ୍ଟ ବୋଲର ଓ ମ୍ୟାନ୍ ଅଫ୍ ଦି ସିରିଜ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏହାସହ ଜୀବନଜ୍ୟୋତି ଦଳର ଧନ ରାଉତ ତାଙ୍କର ଦମଦାର ବ୍ୟାଟିଂ ପାଇଁ ବେଷ୍ଟ ବ୍ୟାଟସ୍‌ମ୍ୟାନ୍ ପୁରସ୍କାର ହାସଲ କରିଥିଲେ। ଉଦ୍‌ଯାପନୀ ଦିବସର ପୁରସ୍କାର ବିତରଣ ଉତ୍ସବରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକାରୀ ସିତିକଣ୍ଠ କାନୁନଗୋ, ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ, ବିଜେପି ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ସଂଗ୍ରାମ କେଶରୀ ପାତ୍ର, ବିଜେପି ନେତା ସଞ୍ଜୟ ନାୟକ, ସୁଶାନ୍ତ ସାହୁ, ଲକ୍ଷ୍ମୀନାରାୟଣ ମଲ୍ଲିକ, ଶ୍ରୀଧର ବିଶ୍ୱାଳ, ଗୁଣ୍ଡିରାମ ଜେନା ଓ ସମାଜସେବୀ ବିଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ବିଜେତା ଦଳକୁ ଟ୍ରଫି ସହ ନଗଦ ୨୫,୦୦୦ ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ୧୫,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା।

## ବଲିଉଡ୍ କଣ୍ଠଶିଳ୍ପୀଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ

**କେନ୍ଦୁଝର:ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦୁଝରରେ ଗୋନାସିକା ମହୋତ୍ସବର ଉଦଘାଟନୀ ଶୀତୁଆ ସନ୍ଧ୍ୟାରେ ବଲିଉଡର ସୁନାମଧନ୍ୟ କଣ୍ଠଶିଳ୍ପୀ କୈଳାଶ ଖେରଙ୍କ ସୁମଧୁର ସଙ୍ଗୀତ ମୁର୍ଚ୍ଛନାରେ ଝୁମି ଉଠିଲେ ଦର୍ଶକ। ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀଙ୍କ ସହିତ ସେ ମହାକୁମ୍ଭରେ ଏକସଙ୍ଗେ ବୁଡ଼ ପକାଇଥିବା କହିଥିଲେ କୈଳାଶ ଖେର। ଏହାପରେ, ଆରମ୍ଭ ହୋଇଥିଲା କୈଳାଶ ଖେରଙ୍କ ସଙ୍ଗୀତର ଯାଦୁ। କେନ୍ଦୁଝରର କଳା, ସଂସ୍କୃତି, ଲୋକନୃତ୍ୟ ସହ ଜିଲ୍ଲା ଓ ବାହାର ଲୋକଙ୍କ ବିଭିନ୍ନ ସାମଗ୍ରୀକୁ ନେଇ ଗୋନାସିକା କେନ୍ଦୁଝର ମହୋତ୍ସବର ଏଭଳି ବର୍ଣ୍ଣାଢ୍ୟ ଆୟୋଜନ ପାଇଁ ଖୁସିବ୍ୟକ୍ତ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ନୂତନ ସରକାରଙ୍କ ଅମଳରେ ଜିଲ୍ଲା ତଥା ରାଜ୍ୟ ବିକାଶର ଶିଖରକୁ ଛୁଉଁଥିବା ସେ ପ୍ରକାଶ କରିଥିଲେ। ଏହାପରେ ଉଦଘାଟନୀ ଉତ୍ସବର ମୁଖ୍ୟ ଆକର୍ଷଣ ବଲିଉଡ୍‌ର ବିଖ୍ୟାତ୍ ଗାୟକ କୈଳାଶ ଖେରଙ୍କ ସଙ୍ଗିତର ଯାଦୁ ଆରମ୍ଭ ହୋଇଥିଲା। ମୁଖ୍ୟମନ୍ତ୍ରୀ ତଥା ଉପସ୍ଥିତ ଜନତାଙ୍କୁ ଅଭିବାଦନ ଜଣାଇ ଖେର ତାଙ୍କ ସୁମଧୁର କଣ୍ଠରେ ଗାଇଥିଲେ ଗୋଟିଏ ପରେ ଗୋଟିଏ ଗୀତ। ମୁଖ୍ୟମନ୍ତ୍ରୀଙ୍କ ସହ, ସେ ଏକାଠି ମହାକୁମ୍ଭରେ ବୁଡ଼ ପକାଇବା ଦିନରୁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିବା କହିଥିଲେ। କୈଳାଶ ଖେରଙ୍କ 'ଉଫ୍ ତୌବା ତୌବା ତେରୀ ସୁରତ' ଏବଂ 'କୈସେ ବତାଏଁ ତୁ ଯାନେନା' ଭଳି ଅନେକ ସୁପରହିଟ୍ ଗୀତ କେନ୍ଦୁଝରର ୧୦ଡିଗ୍ରୀ ଶୀତରେ ମଧ୍ୟ ଦର୍ଶକଙ୍କ ମଧ୍ୟରେ ଉଷ୍ମତା ଭରି ଦେଇଥିଲା।

## ଜ୍ୱାଇଁ ଟାଙ୍ଗିଆ ଚୋଟରେ ଶାଶୁ ମୃତ

**ଫୁଲବାଣୀ:ଏକ୍ସପ୍ରେସ୍ ନ୍ୟୁଜ୍**

ଜ୍ୱାଇଁର ଟାଙ୍ଗିଆ ଚୋଟରେ ଶାଶୁ ମୃତ। ପାରିବାରିକ କଳହକୁ ନେଇ ଶାଶୁ ମୁଣ୍ଡକୁ ଟାଙ୍ଗିଆରେ ଆକ୍ରମଣ କରିଥିଲା ଜ୍ୱାଇଁ। ଗୁରୁତର ଅବସ୍ଥାରେ ପରିବାର ଲୋକ ତାଙ୍କୁ ବାଲିଗୁଡା ମେଡିକାଲରେ ଚ଼ିକିତ୍ସା ପାଇଁ ଭର୍ତ୍ତି କରାଇଥିଲେ। ପରେ ଫୁଲବାଣୀସ୍ଥିତ ଜିଲ୍ଲା ମୁଖ୍ୟ ଚ଼ିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚ଼ିକିତ୍ସାଧିନ ଅବସ୍ଥାରେ ଶନିବାର ସକାଳୁ ତାଙ୍କର ମୃତ୍ୟୁ ଘଟିଛି। କନ୍ଧମାଳ ଜିଲ୍ଲାର କ.ନୂଆଗାଁ ଥାନା ସିର୍ତିଗୁଡା ପଞ୍ଚାୟତ କୁତୁପାକିଆ ଗାଁରେ ଘଟିଛି ଏହି ହତ୍ୟାକାଣ୍ଡ। ହତ୍ୟାର ଶିକାର ହୋଇଥିବା ମହିଳା ହେଉଛନ୍ତି ପେଟି ମଳିକ।

ସୂଚ଼ନା ଅନୁଯାୟୀ, ଦାରିଙ୍ଗବାଡ଼ି ବ୍ଲକ ସମନବାଡ଼ିର ଜ୍ୱାଇଁ ସୁରତ ପ୍ରଧାନ ପାରିବାରିକ କଳହ ପରେ ତାଙ୍କ ସ୍ତ୍ରୀଙ୍କୁ ପ୍ରଥମେ ଟାଙ୍ଗିଆରେ ଆକ୍ରମଣ ପାଇଁ ଉଦ୍ୟମ କରୁଥିବା ବେଳେ ଶାଶୁ ପେଟି ମଳିକ ବିରୋଧ କରିଥିଲେ। ପରେ ଜ୍ୱାଇଁ ଶାଶୁ ପେଟିଙ୍କ ମୁଣ୍ଡକୁ ଟାଙ୍ଗିଆରେ ଆକ୍ରମଣ କରିଥିଲା। ଶାଶୁକୁ ଆକ୍ରମଣ ପରେ ଜ୍ୱାଇଁ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। କ.ନୂଆଗାଁ ଥାନାରେ ପେଟିଙ୍କ ପୁଅ ସଞ୍ଜୟ ପ୍ରଧାନ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚ଼ଳାଇଛି।

## ବ୍ରେକ ଫେଲ୍ ହୋଇ ଟ୍ରକ ଦୁର୍ଘଟଣା

**ଭଦ୍ରକ:ଏକ୍ସପ୍ରେସ୍ ନ୍ୟୁଜ୍**

୧୬ ନଂ ଜାତୀୟ ରାଜପଥର ଧାମରା ବ୍ରିଜ ତଳେ ରାସ୍ତାରେ ଟ୍ରକ ଦୁର୍ଘଟଣା ହୋଇଛି। ଫଳରେ ଏକ ଦୁର୍ଘଟଣା ଗ୍ରସ୍ତ ଟ୍ରକ ଅଟକି ରହିଥିବାରୁ ଜାତୀୟ ରାଜପଥରେ ଗାଡି ଚ଼ଳାଚ଼ଳ ବାଧାପ୍ରାପ୍ତ ହୋଇଛି।

ସୂଚ଼ନା ମୁତାବକ ଶନିବାର ଭୋର ସମୟରେ ଟ୍ରକର ବ୍ରେକ ଫେଲ ହେବା ସହ ଅନ୍ୟ ଏକ ଗାଡିକୁ ଧକ୍କା ଦେଇଥିଲା। ବର୍ତ୍ତମାନ ସୁଦ୍ଧା ଭଦ୍ରକ ଧାମରା ବ୍ରିଜ ତଳେ ଟ୍ରକଟି ରହି ରାସ୍ତା ଅବରୋଧ କରିଛି। ଫଳରେ ରାଜପଥରେ ଶହ ଶହ ସଂଖ୍ୟାରେ ଗାଡି ଅଟକି ରହିଛି। ଉକ୍ତ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଖବରପାଇ ଗ୍ରାମାଞ୍ଚଳ ପୋଲିସ ପହଞ୍ଚି ଟ୍ରାଫିକ ନିୟନ୍ତ୍ରଣ ଆରମ୍ଭ କରିଥିବା ବେଳେ ଦୁର୍ଘଟଣା ଗ୍ରସ୍ତ ଟ୍ରକକୁ ରାସ୍ତାରୁ ହଟାଇବାକୁ ପ୍ରୟାସ ଆରମ୍ଭ କରିଛି।

## ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୁଇଦିନ ଓପିଡ଼ି ବନ୍ଦ କଲେ ଡାକ୍ତର

**ଅସ୍ତରଙ୍ଗ:ଏକ୍ସପ୍ରେସ୍ ନ୍ୟୁଜ୍**




ଦୁଇ ଦିନ ଧରି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ରତନପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରମାନେ ଓପିଡ଼ି ସେବା ବନ୍ଦ କରିଛନ୍ତି। ଡାକ୍ତରମାନଙ୍କ କହିବା କଥା ରୋଗୀମାନଙ୍କୁ ସେବା ଯୋଗାଇବା ଆମର ପ୍ରଥମ କର୍ତ୍ତବ୍ୟ। ରୋଗୀଙ୍କ ସେବା ପ୍ରଭାବିତ ହେବା ବା ରୋଗୀମାନେ କୌଣସି ପ୍ରକାର ହଇରାଣ ହେବା ଏ ସବୁ ଆମକୁ ଭଲ ଲାଗୁନି। ଆମର ପଦୋନ୍ନତି ନ ହେବାରୁ ଆମେ ବାଧ୍ୟ ହୋଇ ଆମ ଦାବିରେ ଓପିଡ଼ି ସେବା ବନ୍ଦ କରିଛୁ। ଡାକ୍ତରଙ୍କ ଦାବି ହେଲା ପ୍ରଥମ ଶ୍ରେଣୀରେ ଯୋଗ ଦେଇ ଥିବା ସମସ୍ତ ରାଜ୍ୟ ସରକାରଙ୍କ ଅଧିକାରୀମାନଙ୍କୁ ଯେଉଁ ପଦୋନ୍ନତି ଦିଆଯାଉଛି ଏଥିରୁ ଡାକ୍ତର ମାନଙ୍କୁ କାହିଁକି ବାଦ ଦିଆଯାଉଛି। ସମାନ ପଦୋନ୍ନତି ଦେବା ଲାଗି ଗତ ମାସ ୨୦ ତାରିଖରେ ଓସମା ସରକାରଙ୍କୁ ଏକ ମାସ ସମୟ ଦେଇଥିଲା। ସେହି ଦିନ ଠାରୁ ଡାକ୍ତରମାନେ କଳା ବ୍ୟାଚ୍ ପରିଧାନ କରି ଚ଼ିକିତ୍ସା କରି ଆସୁଛନ୍ତି। ତେବେ ସରକାର କିମ୍ବା ସ୍ୱାସ୍ଥ୍ୟ ବିଭାଗଏକ ମାସ ବିତିଯାଇଥିଲେ ମଧ୍ୟ ଡାକ୍ତରଙ୍କ ଦାବି ପୂରଣ କଲେ ନାହିଁ। ଫଳରେ ଦୁଇ ଦିନ ହେବ ଓପିଡ଼ିକୁ ଅଚ଼ଳ କରିବାକୁ ବାଧ୍ୟ ହେଲୁ। ସରକାର ଆମ ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଆସନ୍ତା ସୋମବାର ପର୍ଯ୍ୟନ୍ତ ଦିନ ୧୦ଟାରୁ ୧୧ ପର୍ଯ୍ୟନ୍ତ ମାତ୍ର ୧ ଘଣ୍ଟା ବନ୍ଦ କରିବୁ। ତା'ପରେ ସ୍ୱାଭାବିକ ଭାବରେ ରୋଗୀ ସେବା ଜାରି ରଖିବୁ। ୧ ଘଣ୍ଟା ବନ୍ଦ ସମୟ ମଧ୍ୟରେ ଆମେ ଜରୁରୀକାଳୀନ ସେବା ଯୋଗାଇ ଦେଉଛୁ ବୋଲି ରତନପୁର ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ଃ ଅଭିଷେକ ବେହେରା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚ଼ନା ଦେଇଛନ୍ତି। ସୋମବାର ମଧ୍ୟରେ ସରକାର କିମ୍ବା ସ୍ୱାସ୍ଥ୍ୟ ବିଭାଗ ଯଦି କୌଣସି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ ନ କରନ୍ତି ବା କିଛି ନିଷ୍କର୍ଷ ନ ବାହାରେ ମଙ୍ଗଳବାର ଓସମା ପକ୍ଷରୁ ବୈଠକ କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଓସମା ସହ ସମ୍ପାଦକ ଡଃ ଅଭିଷେକ ବେହେରା କହିଛନ୍ତି। ଯଥା ସମ୍ଭବ ସମସ୍ୟାର ସ୍ଥାୟୀ ସମାଧାନ କରନ୍ତୁ ନ ହେଲେ ଆଗକୁ କେନ୍ଦ୍ରୀୟ ବୈଠକ ଡକାଇ ଚ଼ରମ ନିଷ୍ପତ୍ତି ନେବୁ ବୋଲି ଡଃ ଶ୍ରୀ ବେହେରା କହିଛନ୍ତି।

## ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍**



କଟକ ସଦର ଥାନା ଅନ୍ତର୍ଗତ ଉରାଳି ଗ୍ରାମରେ ଥିବା ପ୍ରତିକାର ନିଶା ନିବାରଣ କେନ୍ଦ୍ରରେ ଅନ୍ତେବାସୀଙ୍କ ଝୁଲନ୍ତା ମୃତ ଦେହ ଠାବ କରାଯାଇଛି। ମୃତକ ଜଣକ ହେଲେ ୫୮ ବର୍ଷିୟ ଯଶୋବନ୍ତ ଦାଶ ଓ ଘର କଟକ ସଦର ନଛିପୁର ସ୍ଥିତ କୋଠସାହି ଅଞ୍ଚଳର ବୋଲି ଜଣାପଡିଛି। ତେବେ ଘଟଣାସ୍ଥଳରେ ସଦର ଥାନା ପୋଲିସ ପହଞ୍ଚି ଶବ ଜବତ କରି ତଦନ୍ତ ଚ଼ଳାଇଛି। ବାଥ୍ ରୁମ୍ ସାୱାର ଦୌଡ଼ି ଦେଇ ଥିବା ଜଣାପଡିଛି। ଗତ ୨୫ ତାରିଖ ଦିନ ମୃତକର ସମ୍ପର୍କୀୟ ତାଙ୍କୁ ନିଶା ନିବାରଣ କେନ୍ଦ୍ରରେ ଛାଡିଥିବା ଜଣାପଡିଛି। ମୃତକ ରାତି ପ୍ରାୟ ୧.୩୦ମି ସମୟରେ ବାଥ୍ ରୁମ୍ ଭିତରକୁ ଯାଇ ସେଠାରୁ ଆଉ ବାହାରି ନ ଥିଲେ। ସକାଳ ପ୍ରାୟ ଭୋର୍ ୬ଟା ଅନ୍ୟ ଅନ୍ତେବାସୀମାନେ ବାଥ୍ ରୁମ୍‌ରେ ବନ୍ଦ ଥିବା ଦେଖିଥିଲେ। ଏଠାରେ ପ୍ରଶ୍ନ ଉଠେ ଯେ ରାତିରେ ପ୍ରାୟ ୫–୬ ଘଣ୍ଟା ବାଥ୍ ରୁମରେ ବନ୍ଦ ଥିଲେ ତାଙ୍କୁ କେନ୍ଦ୍ରର କୌଣସି ଗାର୍ଡ ଖୋଜିଲେ ନାହିଁ କେମିତି ? ମୃତକଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି କି କେନ୍ଦ୍ରର କୌଣସି ୱାଚ଼ ମ୍ୟାନ୍ କି ସିକ୍ୟୁରିଟି ଗାର୍ଡ଼ ନାହାନ୍ତି ବୋଲି କହିଥିଲେ।

## ଅଲ ଇଣ୍ଡିଆ ଚେସ ପ୍ରତିଯୋଗୀତା




**ମୁରିବାହାଲ/କଣ୍ଟାବାଞ୍ଜି:ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରେ ଦ୍ୱିତୀୟ ଥର ପାଇଁ ଡିସେମ୍ବର ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ଅଲ ଇଣ୍ଡିଆ ଓପନ ଚେସ ଚ଼ାମ୍ପିଆନସିପ ଉଦଘାଟିତ ହୋଇଛି। ସ୍ଥାନୀୟ ହରିଭବନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ପୂର୍ବତନ ବିଧାୟକ ସନ୍ତୋଷ ସିଂହ ସାଲୁଜା, ସମ୍ମାନିତ ଅତିଥି ଭାବେ କଣ୍ଟାବାଞ୍ଜି ଚେମ୍ବର୍ ଅଫ କମର୍ସ ଅଧ୍ୟକ୍ଷ ଅନୀଲ ଅଗ୍ରୱାଲ, ମାରୱାଡି ଯୁବା ମଞ୍ଚ ବିକାଶ ଶାଖା ଅଧ୍ୟକ୍ଷ ନିଖିଲ ଅଗ୍ରୱାଲ, ସି ଏସ ସେଣ୍ଟର ରାଉରକେଲାର ପ୍ରମୁଖ ଚ଼ନ୍ଦ୍ର ଶେଖର ପଣ୍ଡା ମୁଖ୍ୟ ନିର୍ଣ୍ଣାୟକ, କାର୍ଯ୍ୟକ୍ରମ ସଂଯୋଜକ ତୋଷିବ ଖାନ, ଚେସ ସଂଘ କଣ୍ଟାବାଞ୍ଜି ସଭାପତି ଅରବିନ୍ଦ ସିଂହ ସାଲୁଜା ସଭାପତିତ୍ୱ କରିଥିଲେ ମଞ୍ଚ ପରିଚ଼ାଳନା ବରିଷ୍ଟ ସଦସ୍ୟ ଅଜୟ ଅଗ୍ରୱାଲ କରିଥିଲେ। ଅଲ୍ ଓଡିଶା ଚେସ ଏସୋସେସନଙ୍କ ସହବନ୍ଧିତାରେ ମାରୱାଡି ଯୁବା ମଞ୍ଚ ବିକାଶ ଶାଖା କଣ୍ଟାବାଞ୍ଜି ଓ ସିଏସ ଚେସ ସେଣ୍ଟର ରାଉରକେଲା ସହଯୋଗରେ ଚେସ ଏସୋସେସନ କଣ୍ଟାବାଞ୍ଜି ଆନୁକୁଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ଜାତୀୟ ସ୍ତରର ଖେଳାଳିମାନେ ନିଜର ପ୍ରତିଭା ଦେଖାଉଛନ୍ତି। ପୂର୍ବରୁ ମଧ୍ୟ କଣ୍ଟାବାଞ୍ଜି ସହରରେ ଚେସ ପ୍ରତିଯୋଗୀତା ହୋଇଛି। ଏହା ଦ୍ୱିତୀୟ ଥର ପାଇଁ ଅଲ ଇଣ୍ଡିଆ ଚେସ ପ୍ରତିଯୋଗୀତା ହେଉଥିବା ମିଡିଆ ପ୍ରଭାରି ଆଶିଷ ଖଇତାନ ସୂଚ଼ନା ଦେଇଛନ୍ତି। ଏହି ପ୍ରତିଯୋଗୀତା ରେ ୧୫୦୦୦୦ରୁ ଉର୍ଦ୍ଧ୍ୱ ଟଙ୍କାର ପୁରସ୍କାର ରାଶି ରଖା ଯାଇଛି। ପ୍ରତିଯୋଗିତାରେ ଓଡିଶା ସହ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ବିହାର, ରାଜ୍ୟରୁ ଖେଳାଳି ମାନେ ଭାଗ ନେଇଛନ୍ତି। ହାରାହାରି ୧୫୦ରୁ ଉର୍ଦ୍ଧ୍ୱ ଖେଳାଳି ଭାଗ ନେଇଛନ୍ତି। ଆୟୋଜକ କମିଟି ସଭାପତି ଅରବିନ୍ଦ ସିଂହ ସାଲୁଜା ଓରଫ ସିଙ୍କି, ସମ୍ପାଦକ ସତୀଶ ମାରୁ, କାର୍ଯ୍ୟକ୍ରମ ସଂଯୋଜକ ତୋଷିବ ଅହମଦ ଖାଁ, ସହ–ସଂଯୋଜକ ଅମନ୍ ଅଗ୍ରୱାଲ, ବିଜୟ ବାରିକ, ବିଶ୍ୱନାଥଅଗ୍ରୱାଲ ପରାମର୍ଶଦାତା ରଞ୍ଜିତ ସିଂହ ବାବୁ, ଅବଦୁଲ ରବାନି, ମନୀଷ ଜୈନ, ବିପୁଳ ମାରୁ, ସହବାଜ ଖାଁ, ଯୋଗେଶ ପନିକା, ଧିରଜ ଜୈନ, କେଶବ ଅଗ୍ରୱାଲ, ଛୋଟୁ ସିଂହ ସାଲୁଜା, ନିଖିଲ ଅଗ୍ରୱାଲ, ଜିତେଶ ମାରୁ, ସୀମରନ କୌର, ଆଇନ ପରାମର୍ଶଦାତା ବିବେକ ଶର୍ମା, ବଜରଙ୍ଗ ଅଗ୍ରୱାଲ, ନାରାୟଣ ଜିନ୍ଦଲ, ବିକାଶ ଜୈନ ପ୍ରମୁଖ ସହଯୋଗ କରିଥିଲେ।

## ମିଳିତ ଐକ୍ୟବଦ୍ଧ ଆନ୍ଦୋଳନ ପାଇଁ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ଆହ୍ୱାନ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**




ରାଜ୍ୟରେ ଅବ୍ୟବସ୍ଥିତ ଶିକ୍ଷା ବ୍ୟବସ୍ଥା, ଶିକ୍ଷକ ସମାଜର ବୃତିଗତ ସମସ୍ୟା ସମାଧାନ କ୍ଷେତ୍ରରେ ସରକାରଙ୍କ ଉଦାସୀନତା ଓ କାଳକ୍ଷେପଣ ନୀତି ବିରୁଦ୍ଧରେ ମିଳିତ ଐକ୍ୟବଦ୍ଧ ଆନ୍ଦୋଳନ ପାଇଁ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଆହ୍ୱାନ ଦେଇଛି। ସମସ୍ତ ଶିକ୍ଷକ କର୍ମଚ଼ାରୀମାନଙ୍କୁ ଅନୁଦାନ, ପେନସନ୍ ତଥା ସମ୍ମାନ ଜନକ ଚ଼ାକିରୀ ସର୍ତାବଳୀ, ଅଷ୍ଟମ ବେତନ କମିସନରେ ବିଚ଼ାର ପାଇଁ ତା ୦୧.୦୧.୨୦୨୬ ରିଖ ପୂର୍ବରୁ ପେନସନ୍ ଭୋଗୀମାନଙ୍କୁ ବେତନ ସଂଶୋଧନରେ ଅନ୍ତର୍ଭୁକ୍ତ କରିବା, ପୁରୁଣା ପେନସନ୍ ପ୍ରଥାର ପ୍ରଚ଼ଳନ, ଶିକ୍ଷକମାନଙ୍କ କ୍ଷେତ୍ରରେ ଶିକ୍ଷକ ଯୋଗ୍ୟତା ପରୀକ୍ଷା ବାଧ୍ୟତାମୂଳକ ନକରିବା ପାଇଁ ଶିକ୍ଷା ଅଧିକାର ଆଇନର ସଂଶୋଧନ, ପ୍ରାଥମିକ ତଥା ଏଲିମେଟରି ଶିକ୍ଷକମାନଙ୍କୁ ୪୨୦୦ ଗ୍ରେଡ୍ ପେ ପ୍ରଦାନ ଏବଂ ୨୦୦୧ ବର୍ଷରୁ ଠିକା ଉଚ୍ଛେଦ କରି ସେହି କାର୍ଯ୍ୟକାଳକୁ ମୂଳ ଚ଼ାକିରୀରେ ଗଣନା କରି ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ, ପ୍ରାଥମିକ ଠାରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଖାଲିପଡିଥିବା ସମସ୍ତ ପଦପଦବୀ ସ୍ଥାୟୀଭିତ୍ତିରେ ପୂରଣ କରିବା, ସମାନ କାମ ପାଇଁ ସମାନ ଦରମା, ସରକାରୀ ସମତୁଲ ଗ୍ରାଚୁଇଟି ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ, ଅବସର ବୟସ ସୀମା ୬୨କୁ ବୃଦ୍ଧି, ୦୧.୦୪.୧୯୮୯ ଠାରୁ ଲାଗୁ କରାଯାଇଥିବା ଅଲିଖିତ ୟୁଜିସି ଦରମା ହାରରେ ନିଯୁକ୍ତି କଟକଣା ଉଠାଇବା, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ସ୍ଥାୟୀ ପ୍ରଧାନ ଶିକ୍ଷକ ଏବଂ ଅଧ୍ୟକ୍ଷ ନିଯୁକ୍ତ ତଥା ଶିକ୍ଷା ନୀତି ସମ୍ପର୍କରେ ସଂଗଠନମାନଙ୍କ ସହ ଆଲୋଚ଼ନା କରିବା ଦାବିରେ ରାଜ୍ୟର ସମସ୍ତ ଶିକ୍ଷକ–କର୍ମଚ଼ାରୀ ସଙ୍ଗଠନମାନେ ଏକାଠି ହୋଇ ଆନ୍ଦୋଳନ କରିବା ପାଇଁ ମହାସଂଘ ଆହ୍ୱାନ ଦେଇଛି। ଏତଦ୍‌ବ୍ୟତୀତ କେନ୍ଦ୍ର ସରକାର ସମ୍ପ୍ରତି ଲୋକ ସଭାରେ ଉପସ୍ଥାପିତ କରିଥିବା ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ ପ୍ରତ୍ୟାହାର କରିବା ଏବଂ ରାଜ୍ୟରେ ନୂତନ ଶିକ୍ଷାନୀତି ଏକତରଫା ଭାବେ ଲାଗୁ ନକରି ସମସ୍ତଙ୍କ ସହ ଆଲୋଚ଼ନା କରିବା ପାଇଁ ମହାସଂଘ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଅଛି। ସମ୍ପ୍ରତି ରାଜ୍ୟ ସରକାର ଗୁରୁଦିବସ ଏବଂ ଶିଶୁ ଦିବସରେ ବିଦ୍ୟାଳୟମାନଙ୍କରେ ଦିଆଯାଉଥିବା ଛୁଟି ବାତିଲ କରିବା ନିଷ୍ପତ୍ତିର ପୁନଃ ବିଚ଼ାର କରାଯାଉ। ଆଗାମୀ ଜାନୁୟାରୀ ୨୦୨୬ ରିଖରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ପକ୍ଷରୁ ଏକ କ୍ୟାତର କନ୍‌ଭେନସନ୍ ହୋଇ ପରବର୍ତ୍ତୀ କାର୍ଯ୍ୟକ୍ରମ ଘୋଷଣା କରାଯିବ। ଜାତୀୟ ସ୍ତରରେ ହୋଉଥିବା ଯେକୌଣସି ଶିକ୍ଷା ସମ୍ପର୍କୀତ ଆନ୍ଦୋଳନରେ ମହାସଂଘ ସାମିଲ ହେବ।

ରାଜ୍ୟ ସରକାର ଅବିଳମ୍ବେ ଶିକ୍ଷାନୀତି ଏବଂ ଶିକ୍ଷକମାନଙ୍କର ସମସ୍ୟା ସମାଧାନ କ୍ଷେତ୍ରରେ ମହାସଂଘ ସମେତ ସମସ୍ତ ଶିକ୍ଷକ ସଂଗଠନମାନଙ୍କ ସହ ଆଲୋଚ଼ନା କରି ରାଜ୍ୟରେ ଏକ ସୁସ୍ଥ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ପାଇଁ ମହାସଂଘ ନିବେଦନ କରିଛି।

## ବିଜେପି ସାଂଗଠନିକ ଜିଲ୍ଲାରୁ ୬ କର୍ମକର୍ତ୍ତା ମନୋନୀତ

**ଜଳେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ବିଜେପିର ଜିଲ୍ଲାସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା ପ୍ରକ୍ରିୟା ଚ଼ାଲିଥିବା ବେଳେ ବସ୍ତା, ବାଲିଆପାଳ, ଜଳେଶ୍ୱର, ଭୋଗରାଇକୁ ନେଇ ଗଠିତ ଉତ୍ତର ବାଲେଶ୍ୱର ଲାଗି ୨୧ ଜଣିଆ ଜିଲ୍ଲା କମିଟି ଘୋଷିତ ହୋଇଛି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶରେ ଜିଲ୍ଲା ସଭାପତି ପ୍ରଦୀପ ପଣ୍ଡାଙ୍କ ଅନୁମୋଦନ କ୍ରମେ ଜଳେଶ୍ୱରରୁ ୬ଜଣ ମନୋନୀତ ହୋଇଛନ୍ତି। ଉପସଭାପତି ଭାବେ ଇଂ ପରମାନନ୍ଦ ମହାପାତ୍ର, ସାଧାରଣ ସଂପାଦକ ଭାବେ ସୁମତୀ ଦେ, ସଂପାଦକ ଫାଲଗୁନୀ ପାଣିଗ୍ରାହୀ, ଦେବଯାନୀ ଅଣ୍ଡିଆ, କାଳିଚ଼ରଣ ଦାସ, ତପନ ବିଶ୍ୱାଳ ପ୍ରମୁଖ ମନୋନୀତ ହୋଇଥିବା ଜଣାଯାଇଛି। ସେହିପରି ଜିଲ୍ଲା କମିଟିରେ ୭୧ ଜଣିଆ କାର୍ଯ୍ୟକାରୀ ସଦସ୍ୟଙ୍କ ନାମ ମଧ୍ୟ ଘୋଷଣା ହୋଇଥିବା ଜଣାଯାଇଛି। ଏପରି ଘୋଷଣା ପରେ ଦଳ ଅଧିକ ମଜବୁତ୍ ହୋଇ ପାରିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

## ହାତୀ ପାଇଁ ବନ୍ଦ ହେଲା ଶିଖରଚ଼ଣ୍ଡୀ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ବନ୍ଦ ରହିଲା ଶିଖରଚ଼ଣ୍ଡୀ ପୀଠ। ଶିଖରଚ଼ଣ୍ଡୀ ମନ୍ଦିର ପ୍ରବେଶ ଗେଟ୍‌ରେ ତାଲା ପକାଇଲା ବନ ବିଭାଗ। ହାତୀ ପାଇଁ ଏଭଳି ନିଷ୍ପତ୍ତି ନେଇଥିବା ନେଇ କୁହାଯାଇଛି। ହାତୀ ନଯିବା ପର୍ଯ୍ୟନ୍ତ ଶିଖରଚ଼ଣୀ ପୀଠକୁ ବନ୍ଦ ରଖାଯାଇଛି।

ଖବର ଅନୁସାରେ, ଭୁବନେଶ୍ୱର ଶିଖରଚ଼ଣ୍ଡୀ ପାହାଡ଼ରେ ୨ ଦନ୍ତା ହାତୀ ବୁଲୁଥିବା ନେଇ ଖବର ସାମ୍ନାକୁ ଆସିଥିଲା। ଗତ ୫ ଦିନ ହେଲା ଶିଖରଚ଼ଣ୍ଡୀ ପାହାଡ଼ରେ ବୁଲୁଛନ୍ତି ହାତୀ। ତେବେ ବର୍ତ୍ତମାନ ପର୍ଯ୍ୟଟନ ଋତୁ ଥିବାରୁ ଶିଖରଚ଼ଣ୍ଡୀରେ ପର୍ଯ୍ୟଟକଙ୍କ ଭିଡ଼ ହେଉଥିଲା। ତେବେ ହାତୀ ବୁଲୁଥିବାରୁ ଅଘଟଣ ହେବାର ସମ୍ଭାବନା ମଧ୍ୟ ରହିଥିଲା। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ବନ ବିଭାଗ ପଦକ୍ଷେପ ନେଇଥିଲା। ଲୋକଙ୍କ ସୁରକ୍ଷା ନେଇ ଇନ୍‌ଫୋସିଟି ଥାନାକୁ ଅବଗତ କଲା ବନ ବିଭାଗ। ହାତୀ ନଯିବା ପର୍ଯ୍ୟନ୍ତ ବନ୍ଦ ରହିଲା ଶିଖରଚ଼ଣ୍ଡୀ ପୀଠ।


**Notice (for Minor)**

By virtue of an affidavit no-6340 sworn before the Executive Magistrate, Kanika, dated-06/10/2025. I Binod Chandra Barik, S/o- Bishnu Charan Barik of village- Meghapur, Po- Ayatan, PS- Rajkanika, District- Kendrapara, Odisha, PIN-754220 declare that I have changed the name of my minor daughter from Rituparnna Barik (old name) to Rutuparna Barik (new name). Henceforth, she shall be known as Rutuparna Barik (new name) for all purposes.

Sd/-
Binod Chandra Barik

**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ସଂ. SDCM-KUR-PURI-CONSULTANCY
କାର୍ଯ୍ୟର ନାମ : ପୁରୀ ଷ୍ଟେସନ (ପୂର୍ବ ତଟ ରେଳପଥ) ଠାରେ କମର୍ସିଆଲ ବ୍ୟବହାର ନିମନ୍ତେ କନ୍‌ସଲଟେନ୍ସି କାର୍ଯ୍ୟ।
ବିଜ୍ଞାପିତ ମୂଲ୍ୟ (₹): 9,50,000.00, EMD (₹): 95,000.00, ଶେଷ ହେବା ଅବଧି : 02 ମାସ।

(2) ଟେଣ୍ଡର ସଂ. SDCM-KUR-CTC-CONSULTANCY
କାର୍ଯ୍ୟର ନାମ : କଟକ ଷ୍ଟେସନ (ପୂର୍ବ ତଟ ରେଳପଥ) ଠାରେ କମର୍ସିଆଲ ବ୍ୟବହାର ନିମନ୍ତେ କନ୍‌ସଲଟେନ୍ସି କାର୍ଯ୍ୟ।
ବିଜ୍ଞାପିତ ମୂଲ୍ୟ (₹): 9,50,000.00, EMD (₹): 95,000.00, ଶେଷ ହେବା ଅବଧି : 18 ମାସ।

ବିଡିଂ ଆରମ୍ଭ ହେବା ତାରିଖ : (ଉଭୟ ଟେଣ୍ଡର ନିମନ୍ତେ) ତା.25.12.2025 ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : (ଉଭୟ ଟେଣ୍ଡର ନିମନ୍ତେ) ତା.08.01.2026 ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ। ଇ–ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର http://www. ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ଼
PR-938/Q/25-26




ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 28th December, 2025 Sunday | RNI Regd. No. ODIODI/2009/28880

## ଯୁବକର ପ୍ରସ୍ତାବ

### ହେଲ୍‌ଥ ଟନିକ୍



ଟାଉନ୍ ବସ୍‌କୁ ଅପେକ୍ଷା କରିଥିବା ଅତ୍ୟାଧୁନିକା ଯୁବତୀର ଟିକେ ପାଖକୁ ଲାଗିଯାଇ ଯୁବକ ଧୀର ସ୍ୱରରେ କହିଲା- ଆଇ ଲଭ ୟୁ!

ବାସ୍, ଆଉ ଯାଏ କୁଆଡ଼େ! ଯୁବତୀ ଆରମ୍ଭ କରିଦେଲା ଧୂଳେଇ- ଅଭଦ୍ର କୋଉଠିକାର! ମୁଁ ବିବାହିତା ବୋଲି କ'ଣ ଜାଣିପାରୁନ? ମୋର ସ୍ୱାମୀ ଅଛନ୍ତି। ମୁଁ ଯେଉଁ ଅଫିସରେ କାମ କରେ ସେଠି ବି ମୋର ଜଣେ ବୟଫ୍ରେଣ୍ଡ ଅଛି। ମୁଁ ଯାହାଙ୍କୁ ଭଲ ପାଉଥିଲି ସିଏ ମୋ ସାରିରେ ରୁହେ। କାଲି ମୋ ବସ୍ ମତେ ପ୍ରପୋଜ କରିଥିଲେ। ମୁଁ ତାଙ୍କୁ ମନା କରିପାରିଲି ନାହିଁ।

ଯୁବକ ଧୈର୍ଯ୍ୟର ସହିତ ଏସବୁ ଶୁଣିବା ପରେ ବିନୟର ସହ କହିଲା- ଠିକ୍ ଅଛି, ମୁଁ ବାଧ କରୁନି। ତଥାପି ଏମାନଙ୍କ ଭିତରେ ମତେ ଆଡଜେଷ୍ଟ କରିପାରିଲେ ମୁଁ ଭାରି ଖୁସି ହୁଅନ୍ତି।

# ଛାତ୍ରୀଙ୍କୁ ଅସଦାଚରଣ: ଶିକ୍ଷକ ଗିରଫ

**ବାରିପଦା, ୨୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଜଣେ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଗିରଫ ହୋଇଛନ୍ତି ଜଣେ ଶିକ୍ଷକ। ଏପରି ଏକ ନିନ୍ଦନୀୟ ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା-ଝାରପୋଖରିଆ ଥାନା ଅଞ୍ଚଳରେ। ଏଠାଇ ପରେ ଅଭିଯୁକ୍ତ ଶିକ୍ଷକ ଜଣକ ଗିରଫ ହୋଇଛନ୍ତି। ଛାତ୍ରୀ ଜଣକ ପଞ୍ଚମ ଶ୍ରେଣୀରେ ପଢ଼ୁଥିବାବେଳେ ନିଜ ଗାଁରେ ଶିକ୍ଷକ ତାଙ୍କୁ ଏପରି ଅସଦାଚରଣ କରିଥିବା ଏଠାରେ ଦର୍ଶାଯାଇଛି।

# ସୂର୍ଯ୍ୟ ମନ୍ଦିରରେ ସିଇସି



**କୋଣାର୍କ, ୨୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ତିନିଦିନିଆ ଓଡିଶା ଗସ୍ତରେ ଆସି ଶନିବାର ଅପରାହ୍ନରେ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଥିବା ଜଣାପଡ଼ିଛି। ପୂର୍ବ ସୂଚନା ମୁତାବକ ଶନିବାର ଅପରାହ୍ନରେ ମୁଖ୍ୟ ନିର୍ବାଚନ କମିଶନର ସପତ୍ନିକ ଐତିହାସିକ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଭୁବନେଶ୍ୱରରେ ପହଞ୍ଚିବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରିବା ସହିତ ଓଡିଶାବାସୀଙ୍କୁ ଓଡ଼ିଆ ଭାଷାରେ ସମ୍ମାନ ଜଣାଇଥିଲେ। ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପାଳନ ଏବଂ ବରିଷ୍ଠ ଅଧିକାରୀମାନେ ତାଙ୍କୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଭବ୍ୟ ସ୍ୱାଗତ ଜଣାଇଥିଲେ। ପୁରୀ ଶ୍ରୀମନ୍ଦିରର ସମ୍ମୁଖରେ ଶ୍ରୀ କୁମାରଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଆରକ୍ଷୀ ଅଧିକ୍ଷକ ପ୍ରତୀକ କୁମାର ସିଂ ଓ ଅନ୍ୟ ଅଧିକାରୀମାନେ ସ୍ୱାଗତ ଜଣାଇବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଅନ୍ୟ ଦେବାଦେବୀଙ୍କ ଦର୍ଶନ କରାଇଥିଲେ। ଶ୍ରୀଜଗନ୍ନାଥଙ୍କ ଦର୍ଶନ ପରେ ମୁଖ୍ୟ ନିର୍ବାଚନ କମିଶନର ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। କଳିଙ୍ଗ ଶୈଳୀର ଅନନ୍ୟ ନିର୍ମାଣ ଓ ୟୁନେସ୍କୋ ଘୋଷିତ ବିଶ୍ୱ ଐତିହ୍ୟ ସ୍ଥଳୀ କୋଣାର୍କର ଅଦ୍ଭୁତ କଳାନୈପୁଣ୍ୟ ଓ ଇତିହାସ ସମ୍ପର୍କରେ ଜାଣି ସେ ଅଭିଭୁତ ହୋଇଥିଲେ। କୋଣାର୍କରେ ନିର୍ବାଚନ କମିଶନର ଶ୍ରୀ କୁମାର କହିଥିଲେ ଯେ, କୋଣାର୍କ ସୂର୍ଯ୍ୟ ମନ୍ଦିର କେବଳ ଓଡ଼ିଶାର ନୁହଁ ବରଂ ଏହା ସମଗ୍ର ଭାରତର ମାନ ଓ ସମ୍ମାନ ଅଟେ। ମନ୍ଦିରର କଳେବର ଓ କାରୁକାର୍ଯ୍ୟକୁ ଅନୁଧ୍ୟାନ କଲେ ଜଣା ପଡେ ପ୍ରାଚୀନ ସମୟରେ ଆମ ଦେଶ ଧନ, ମାନ, ଜ୍ଞାନ ଓ ବିଜ୍ଞାନରେ କେତେ ଯେ ସମୃଦ୍ଧ ଥିଲା ସେ କଥା କଳ୍ପନା କଲେ ହୃଦୟ ଗର୍ବ ଓ ଗୌରବରେ ପୁରି ଉଠୁଛି ବୋଲି ମତ ବ୍ୟକ୍ତ କରିଥିଲେ। ତାଙ୍କର ଏହି ଗସ୍ତ ସମୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପାଳନଙ୍କ ସହିତ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଶାସନ ସଚିବ ଗୋପୀନାଥ କଅଁର, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ଅନାମିକା ସିଂ, ସ୍ଥାନୀୟ ପ୍ରଶାସନ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

# ମହିଳା ଟି-ଟ୍ୱେଣ୍ଟି: ଶ୍ରୀଲଙ୍କାକୁ ୮ ୱିକେଟରେ ହରାଇଲା ଭାରତ



**ନୂଆଦିଲ୍ଲୀ, ୨୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଘରୋଇ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ତୃତୀୟ ଟି-ଟ୍ୱେଣ୍ଟି ମୁକାବିଲାରେ ସହଜ ବିଜୟ ସହ ଭାରତ ସିରିଜ କବଜା କରିଛି। ଗ୍ରୀନ ଫିଲ୍ଡ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଭାରତୀୟ ଦଳ ୮ ୱିକେଟରେ ବିଜୟ ହାସଲ କରିଥିଲା। ଶ୍ରୀଲଙ୍କା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭ ୱିକେଟ୍ ହରାଇ ୧୧୨ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୧୩.୨ ଓଭରରେ ୨ ୱିକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲା। ୪ଟି ୱିକେଟ ନେଇ ଦଳକୁ ବିଜୟୀ କରାଇଥିବା ରେଣୁକା ସିଂହ ପ୍ଲେୟାର ଅଫ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଭାରତ ପ୍ରଥମ ୩ଟି ଯାକ ମ୍ୟାଚ୍ ଜିତି ସାରିଛି।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ଭାରତ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଶ୍ରୀଲଙ୍କା ଓପନର ହାସିନୀ ପେରେରା ଆକ୍ରମଣାତ୍ମକ ସଟ୍ ଖେଳିଥିଲେ ହେଁ ଚାମରି ଆଟ୍ଟାପଟୁ ନିରାଶ କରିଥିଲେ। ଆଟ୍ଟାପଟୁ ୩ ରନ କରି ପ୍ରଥମେ ଆଉଟ୍ ହୋଇଥିଲେ। ପରେ ପରେ ହାସିନୀ ୨୫ ଓ ହର୍ଷିତା ସମରବିକ୍ରମା ୨ ରନ କରି ପାଭିଲିୟନ ଫେରିଥିଲେ। ନୀଳାକ୍ଷିକା ସିଲଭା ମଧ୍ୟ ୪ ରନ କରି ଆଉଟ୍ ହୋଇଥିଲେ। ମଧ୍ୟ କ୍ରମ ବ୍ୟାଟର ଇମେଶା ଦୁଲାନି ଉପଯୋଗୀ ୨୭ ରନ ସଂଗ୍ରହ କରିଥିଲେ। ସେହିପରି ଅନ୍ତିମ ଭାଗରେ କବିଶା ଦିଲହାରୀ ୨୦ ଓ କୌଶିନୀ ନୃତ୍ୟାଙ୍ଗନା ଅପରାଜିତ ୧୯ ରନ ସଂଗ୍ରହ କରିବା ଫଳରେ ଦଳୀୟ ସ୍କୋର ୧୧୨ରେ ପହଞ୍ଚିଥିଲା। ଭାରତ ପକ୍ଷରୁ ରେଣୁକା ସିଂହ ୪ଟି ୱିକେଟ୍ ଅକ୍ତିଆର କରିଥିଲେ। ସୁସ୍ଥ ହୋଇ ଫେରିଥିବା ଦୀପ୍ତି ଶର୍ମା ୧୮ ରନ ପ୍ରଦାନ କରି ୩ଟି ୱିକେଟ୍ ନେବା ସହ ବିଶ୍ୱର ଦ୍ୱିତୀୟ ମହିଳା ଖେଳାଳି ଭାବେ ଟି-ଟ୍ୱେଣ୍ଟିରେ ୧୫୦ ୱିକେଟ୍ ପୂରଣ କରିଥିଲେ।

ସେହିପରି ଜବାବରେ ଭାରତ ୨୭ ରନରେ ସ୍ମୃତି ମନ୍ଧନା(୧)ଙ୍କ ୱିକେଟ୍ ହରାଇଥିଲା। ହେଲେ ଅନ୍ୟ ଓପନର ଶେଫାଳି ବର୍ମା ଚିରାଚରିତ ଆକ୍ରମଣାତ୍ମକ ବ୍ୟାଟିଂ କରି ବିଜୟ ଆଶା ଉଜ୍ଜ୍ୱଳ କରିଥିଲେ। ଜେମି ରୋଡ୍ରିଗ୍ସ ମଧ୍ୟ ୯ ରନ କରି ପାଭିଲିୟନ ଫେରିଥିଲେ। ଶେଫାଳିଙ୍କୁ ଅଟକାଇବାରେ ଶ୍ରୀଲଙ୍କା ବୋଲର ବିଫଳ ହୋଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଭାରତକୁ ଜିତାଇଥିବା ଶେଫାଳି କ୍ରମାଗତ ଦ୍ୱିତୀୟ ଅର୍ଦ୍ଧଶତକ ଅର୍ଜନ କରିଥିଲେ। ଏତିକିରେ ତାଙ୍କ ବ୍ୟାଟ୍ ଥମି ନଥିଲା। ସେ ଗୋଟିଏ ପଟେ ଅପରାଜିତ ରହି ଦଳକୁ ବିଜୟୀ କରାଇଥିଲେ। ୬.୪ ଓଭର ବାକି ଥାଇ ଭାରତ ବିଜୟ ହାସଲ କରିଥିଲା। ଶେଫାଳି ୪୨ଟି ବଲରେ ୧୧ ଚୌକା ଓ ୩ ଛକା ବଳରେ ୭୯ ରନ କରିଥିଲେ। ସେହିପରି ହର୍ମନପ୍ରୀତ କୌର ୨୧ରନ କରି ଅପରାଜିତ ରହିଥିଲେ। ଟି-ଟ୍ୱେଣ୍ଟି ଇଣ୍ଟରନ୍ୟାସନାଲରେ ଶ୍ରୀଲଙ୍କା ବିପକ୍ଷରେ ଭାରତର ଭଲ ରେକର୍ଡ ରହିଛି। ଭାରତ କେବଳ ୨୦୧୪ ଶ୍ରୀଲଙ୍କା ବିପକ୍ଷରେ ଟି-ଟ୍ୱେଣ୍ଟି ସିରିଜ ହାରିଥିଲା। ଏହାପରେ ଆଉ ଭାରତ ହାରି ନାହିଁ। ୨୦୧୪ରୁ ଭାରତର ଦବଦବା ଜାରି ରହିଛି। ଭାରତର ଲଗାତାର ଚତୁର୍ଥ ସିରିଜ ନିଜ ନାମ କରିଛି।

# ବୈଜ୍ଞାନିକ ହୋଇ ପିଲାଏ ଆତ୍ମନିର୍ଭର କରାନ୍ତୁ




**କେନ୍ଦୁଝର, ୨୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଛାତ୍ରଛାତ୍ରୀମାନେ ବୈଜ୍ଞାନିକ ଚିନ୍ତାଧାରା ନେଇ ସବୁ ଜିନିଷର ଅନୁସନ୍ଧାନ କରିବା ଉଚିତ। ବର୍ତ୍ତମାନର ଛାତ୍ରଛାତ୍ରୀ ଆଗାମୀ ଦିନରେ ବଡ ବୈଜ୍ଞାନିକ ହୋଇ ନୂଆ ନୂଆ ଟେକ୍ନୋଲୋଜିର ଉଦ୍ଭବନ କରିବା ସହିତ ଦେଶକୁ ଆତ୍ମନିର୍ଭର ହେବାରେ ନିଜର ଯୋଗଦାନ ରଖିବା ଉଚିତ ବୋଲି ଡି.ଏନ. ହାଇସ୍କୁଲ ଠାରେ ୫୨ତମ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦଘାଟନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ଗୋଟିଏ ସଭ୍ୟତାର ବିକାଶ ପଛରେ ସବୁଠାରୁ ବଡ ଭୂମିକା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ରହିଛି। କଳା ଓ ସଂସ୍କୃତି ସାମାଜିକ ପରମ୍ପରାରେ ମହକ ସୃଷ୍ଟି କରିଥାଏ। କିନ୍ତୁ, ସାମାଜିକ ଓ ଆର୍ଥିକ ବିକାଶ ପାଇଁ ମୂଳଭିତ୍ତି ହେଉଛି ବିଜ୍ଞାନ। କେଉଁ ପ୍ରାଚୀନକାଳରୁ ଆମ ଦେଶର ଋଷି, ମୁନୀ ଓ ପଣ୍ଡିତମାନେ ବିଭିନ୍ନ ବୈଜ୍ଞାନିକ ସୂତ୍ରକୁ ସୃଷ୍ଟି କରିଥିଲେ। ଆମର ଚତୁର୍ବେଦର ଅନେକ ଅଂଶରେ ସମ୍ପୂର୍ଣ୍ଣ ବୈଜ୍ଞାନିକ ଚିନ୍ତାଧାରା ପ୍ରତିଫଳିତ ହୋଇଛି। ଆଚାର୍ଯ୍ୟ କଣାଦ ବୈଶେଷିକ ସୂତ୍ରରେ ଅଣୁ ଓ ପରମାଣୁ ସମ୍ପର୍କରେ ବର୍ଣ୍ଣନା ରହିଛି। ଆମ ଓଡିଶାର ମହାନ୍ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତ ମାତ୍ର ଦୁଇ ଖଣ୍ଡ ବାଉଁଶ ନଳୀରୁ ପୃଥିବୀରୁ ଚନ୍ଦ୍ର ପର୍ଯ୍ୟନ୍ତ ଦୂରତାକୁ ସଠିକ୍ ମାପି ପାରିଥିଲେ ବୋଲି ସେ କହିଥିଲେ। ଭାରତରେ ରହିଛି ଜ୍ଞାନର ଏକ ସଂସ୍କୃତି। ସେଥିରେ ଆତ୍ମା ଓ ପରମାତ୍ମା ଭଳି ଦାର୍ଶନିକ ତତ୍ତ୍ୱର ଗବେଷଣା ଓ ଚର୍ଚ୍ଚା କରାଯାଉଥିବା ବେଳେ, ସାମାଜିକ ପ୍ରଗତି ଓ ଅର୍ଥନୈତିକ ଉନ୍ନତି ପାଇଁ ପ୍ରୟୋଗଭିତ୍ତିକ ବିଜ୍ଞାନର ବିକାଶରେ ମଧ୍ୟ ଉଦ୍ୟମ କରାଯାଇଛି। ଆମର ଏହି ଜ୍ଞାନର ସଂସ୍କୃତିକୁ ଜନକଲ୍ୟାଣରେ ଲଗାଇବା ପାଇଁ ତୁମ ଭଳି ମେଧାବୀ ପିଲା ଓ ଯୁବକମାନେ ଅଧିକ ଗବେଷଣା କରିବା ଆବଶ୍ୟକ। ଆଜିକାଲି ଛାତ୍ରଅଛାତ୍ରୀଙ୍କ ଶିକ୍ଷା ପାଇଁ ବହୁତ୍ ପ୍ରକାର ସାଧନ ଅଛି। ପାଠ୍ୟପୁସ୍ତକ ବ୍ୟତୀତ ଡିଜିଟାଲ ଲାଇବ୍ରେରୀ ଏବଂ ବିଭିନ୍ନ ଅନ୍‌ଲାଇନ୍ ମାଧ୍ୟମରେ ଅନେକ ନୂଆ ନୂଆ ତଥ୍ୟ ଓ ଜ୍ଞାନ ଉପଲବ୍ଧ ଅଛି। ଏହାକୁ ଉପଯୋଗ କରି ଛାତ୍ରଛାତ୍ରୀମାନେ ଅଧିକ ଗବେଷଣା କରିବା ଉଚିତ ବୋଲି ସେ ପରାମର୍ଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହୁରି ମଧ୍ୟ କହିଥିଲେ ଯେ, ଦେଶକୁ ଆତ୍ମନିର୍ଭର କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୃଢ ପ୍ରତିଜ୍ଞା ନେଇଛନ୍ତି। ଏଥିରେ ବିଜ୍ଞାନ ଓ ପ୍ରଯୁକ୍ତିର ଏକ ବଡ ଭୂମିକା ରହିବ। ନୂଆ ନୂଆ ଜ୍ଞାନ ପାଇଁ ଆବଶ୍ୟକ ହେଉଛି ଗବେଷଣା। ତେଣୁ ଆଜିକାର ପ୍ରତିଭାବାନ ଛାତ୍ରଛାତ୍ରୀ ଆଗାମୀ ଦିନରେ ବ୍ୟାପକ ଗବେଷଣା କରିବା ଉଚିତ। ବୈଜ୍ଞାନିକ ଚିନ୍ତାଧାରା ନେଇ ସବୁ ଜିନିଷର ଅନୁସନ୍ଧାନ କରିବା ଉଚିତ। ଆଜିକାର ଛାତ୍ରଛାତ୍ରୀ ଆଗାମୀ ଦିନରେ ବଡ ବୈଜ୍ଞାନିକ ହୋଇ ନୂଆ ନୂଆ ଟେକ୍ନୋଲୋଜିର ଉଦ୍‌ଭାବନ କରିବା ସହିତ ଦେଶକୁ ଆତ୍ମନିର୍ଭର ହେବାରେ ନିଜର ଯୋଗଦାନ ରଖିବାକୁ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ଓଡିଶାରେ ଆମ ସରକାର ନୂତନ ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ କରିଛନ୍ତି। ଏଥିରେ ବିଶେଷକରି ସ୍କୁଲ ଶିକ୍ଷାରେ ବ୍ୟାପକ ପରିବର୍ତ୍ତନ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଆମର ଲକ୍ଷ୍ୟ ହେଉଛି ଗୁଣାତ୍ମକ ଶିକ୍ଷା। ସେଥିପାଇଁ ପ୍ରାଥମିକସ୍ତରରେ ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଗଠନ କରାଯିବ। ପ୍ରଥମ ପର୍ଯ୍ୟାୟରେ ୧୨ ହଜାର କୋଟି ଟଙ୍କାରେ ୨୨୦୦ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ ଗୁଡିକୁ ବୁଲି ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, କେନ୍ଦୁଝର ନଗରପାଳ ନିକୁ ସାହୁ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ମନୋଜ କୁମାର ପାଢୀ, ଜିଲ୍ଲାପାଳ ବିଶାଳ ସିଂହ ଓ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ପ୍ରମୁଖ ଉପସ୍ଥିତ ଥିଲେ।

# ରବୀନ୍ଦ୍ର ମୋହନ ସାହୁଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା, ୨୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ସହରର ଖଡିଅଙ୍ଗସ୍ଥିତ ଜୁଏଲ୍ସ କ୍ଲବରେ ଖଡିଅଙ୍ଗ ଗଜଲକ୍ଷ୍ମୀ ପୂଜା କମିଟି ଓ କେନ୍ଦ୍ରାପଡା ଯୁବସେବା ମଞ୍ଚର ମିଳିତ ଆନୁକୂଲ୍ୟରେ ଚଳଚ୍ଚିତ୍ର ପ୍ରଯୋଜକ ତଥା ବିଶିଷ୍ଟ ବ୍ୟବସାୟୀ ସ୍ୱର୍ଗତ ରବିନ୍ଦ୍ର ମୋହନ ସାହୁଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ। ସଭାରେ ଖଡିଅଙ୍ଗ ପୂଜା କମିଟି ସଭାପତି ଭାବଗ୍ରାହୀ ସିଂ, ସମ୍ପାଦକ ଗୋପାଳ ଚରଣ ମହାପାତ୍ର, ହିରଣ୍ୟ କୁମାର ପଣ୍ଡା, ଦେବାଶିଷ ସିଂ, ରଞ୍ଜନ ସାହୁ, ଗୋଲଖ ଚନ୍ଦ୍ର ପଢିଆରୀ, ପବିତ୍ର କୁମାର ଦାସ, ଜଗଦିସ ସିଂ, ଦିନେଶରାଜ ସିଂ, ରମେଶ କୁମାର ଥାଟୋଇ, ସୁରେନ୍ଦ୍ର ବେହେରା, ମନୋଜ କୁମାର ସିଂ, ବଳଭଦ୍ର ସିଂ, ଗିରିଶ ଚନ୍ଦ୍ର ମହାପାତ୍ର, ରାକେଶ କୁମାର ମଲ୍ଲ, ସଞ୍ଜିବ କୁମାର ସିଂ, ତପନ କୁମାର ସାମନ୍ତ, ନୟନ କିଶୋର ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ୨ ଆନ୍ତଃରାଜ୍ୟ ଲୁଟେରା ଗିରଫ

**ବଲାଙ୍ଗୀର, ୨୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଦୁଇ ଜଣ ଆନ୍ତଃରାଜ୍ୟ ଲୁଟେରାଙ୍କୁ ଗିରଫ କରିଛି ବଲାଙ୍ଗୀର ପୋଲିସ। ସେମାନଙ୍କଠାରୁ ୨୫ ଲକ୍ଷ ଟଙ୍କା ଜବତ ହୋଇଛି। ଅଭିଯୁକ୍ତଦ୍ୱୟ ହେଲେ ଛତିଶଗଡ଼ ରାଇଗଡ଼ ଅଞ୍ଚଳର।

ଏହି ଦୁଇ ଲୁଟେରାଙ୍କ ଲୁଟ୍ କରିବାର ତରିକା ସମ୍ପୂର୍ଣ୍ଣ ଭିନ୍ନ ଥିଲା। ଧରାପଡ଼ିବା ଭୟରେ ସେମାନେ କୌଣସି ମୋବାଇଲ ଫୋନ ବ୍ୟବହାର କରୁ ନ ଥିଲେ। ବିଭିନ୍ନ ସ୍ଥାନରୁ କାର କାଚ୍ ଏବଂ ବାଇକ କିମ୍ବା ସ୍କୁଟି ଡିକି ତାଡ଼ି ଲୁଟ୍ କରୁଥିଲେ। ବ୍ୟାଙ୍କରୁ ଟଙ୍କା ଉଠାଇଥିବା ଲୋକଙ୍କୁ ଏମାନେ ଟାର୍ଗେଟ କରୁଥିଲେ। ଟଙ୍କା ଉଠାଣକାରୀ ବ୍ୟକ୍ତି କୌଣସି ସ୍ଥାନରେ ଅଟକିଲେ, କୌଶଳକ୍ରମେ ଅଭିଯୁକ୍ତମାନେ ଡିକି ଭାଙ୍ଗି ଟଙ୍କା ଲୁଟି ନେଉଥିଲେ। ଲୁଟ୍ ସମୟର ଏକ ସିସିଟିଭି କ୍ୟାମେରା ଦୃଶ୍ୟରୁ ଏହା ସ୍ପଷ୍ଟ ହୋଇଛି। ଲୁଟ୍ ପରେ ଅଭିଯୁକ୍ତମାନେ ନିକଟସ୍ଥ କୌଣସି ଏଟିଏମକୁ ଯାଇ ସେଠାରେ ନିଜ ଆକାଉଣ୍ଟରେ ଟଙ୍କା ଜମା କରୁଥିଲେ। ବଲାଙ୍ଗୀର ଜିଲାର କଣ୍ଟାବାଞ୍ଜିରେ ରହି କଳାହାଣ୍ଡି, ବରଗଡ଼, ସୋନପୁର ଆଦି ଅଞ୍ଚଳରେ ଲୁଟ୍ କରୁଥିଲେ ବୋଲି ସୂଚନା ମିଳିଛି।

# ମାଛ ମାରିବାକୁ ଯାଇ ବୁଡିଗଲେ ମତ୍ସ୍ୟଜିବୀ

**ରାଜନଗର, ୨୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ରଙ୍ଗଣୀ ଗ୍ରାମର ନୃସିଂହ ଦଳେଇ(୫୦)ଙ୍କର ମାଛ ମାରିବାକୁ ଯାଇ ମଝି ସମୁଦ୍ରରେ ମୃତ୍ୟୁ ବରଣ କରିଥିବା ଜଣା ପଡିଛି।ମା ନାଚିନ୍ଦା - ୯୦ ନାମକ ଟ୍ରଲରରେ ମାଛ ମାରିବାକୁ ଯାଇଥିଲେ। ନୃସିଂହ ପିନ୍ଧିଥିବା ପ୍ୟାଣ୍ଟ୍ ମେସିନରେ ଲାଗିଯିବାରୁ ସେ ସମୁଦ୍ର ମଧ୍ୟକୁ ଛାଟି ହୋଇଯାଇଥିଲେ।ଟ୍ରଲର ପଙ୍ଖାରେ ତାଙ୍କ ମୁଣ୍ଡ ଓ ହାତରେ ଆଘାତ ଲାଗିଥିଲା।ଅନ୍ୟ ମତ୍ସ୍ୟ ଜିବୀ ମାନେ ତାଙ୍କୁ ଉଦ୍ଧାର କରି ଧାମରା ନେଇ ସେଠାରୁ ଭଦ୍ରକ ଡାକ୍ତରଖାନାକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣା ପଡିଛି।ଅପର ପକ୍ଷରେ ମୃତ ନୃସିଂହଙ୍କ ଗୋଟିଏ ପୁଅ ଓ ଦୁଇଟି ଝିଅ ସହ ସ୍ତ୍ରୀ ବର୍ତ୍ତମାନ ଶୋକରେ ମୁହ୍ୟମାନ। ଏକ ମାତ୍ର ରୋଜଗାରକ୍ଷମ ବ୍ୟକ୍ତିର ମୃତ୍ୟୁ ପରେ ପରିବାର ବେସାହାରା ହୋଇପଡିଛି। ସରକାରୀ ତଥା ବେସରକାରୀ କ୍ଷେତ୍ରରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମ ବାସି ମାନେ ଅନୁରୋଧ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଜଳିଗଲେ...

ରାତି ପ୍ରାୟ ତିନିଟା ସମୟରେ ମହାଦେବ ପୂଜକ ଧୂନିଆ ନନା (ନଳିନୀ ପଣ୍ଡା)ଅରକ୍ଷିତ ମଲ୍ଲିକଙ୍କୁ ଦୋକାନରେ ନିଆଁ ଲାଗିଛି ବୋଲି ଡାକ ପକାଇଥିଲେ। ନନାଙ୍କ ଡାକ ଶୁଣି ବାପା ଅରକ୍ଷିତ ମଲ୍ଲିକ, ଦାଦା ଗଣେଶ ମଲ୍ଲିକ ଓ ପୁଅ ଓଁ ପ୍ରକାଶମଲ୍ଲିକ ଦୌଡ଼ାଦୌଡ଼ି ହୋଇ ବାରୁଣୀଦୁର୍ଗା ମଣ୍ଡପ ନିକଟରେ ପହଂଚିଥିଲେ। ଦାଦା। ଗଣେଶ ମଲ୍ଲିକ ଓ ପୁଅ ଓଁ ପ୍ରକାଶ ମଲ୍ଲିକ ଘର କବାଟ ବାହାର ପଟୁ ବନ୍ଦ ଥିବା ଦେଖି କବାଟ ଭାଙ୍ଗି ଖୋଲି ଥିଲେ। କିନ୍ତୁ ସେତେବେଳକୁ ସବୁ ସରିଯାଇଥିଲା। ପ୍ରଖର ଅଗ୍ନି ତାପରେ ସୁବାସ ଅର୍ଦ୍ଧଦଗ୍ଧ ହୋଇ ମୃତ୍ୟୁ ବରଣ କରିସାରିଥିଲେ।ଦୋକାନରେ ଥିବା ସମସ୍ତ ପରିବା ପତ୍ର, କପଡା ଡ୍ରେସ ଓ ଆସବା ପତ୍ର ଆଦି ପୋଡି ପାଉଁଶ ହୋଇଯାଇଛି। ଏପରିକି ଦୁର୍ଗା ମଣ୍ଡପ ସମ୍ମୁଖରେ ଥିବା ମଇଁଷି ଉପରେ ସିଂହର ସିମେଣ୍ଟ ମୂର୍ତ୍ତୀ ମଧ୍ୟ ନିଆଁର ପ୍ରକୋପରୁ ବର୍ତ୍ତୀପାରିନାହିଁ। ସୁବାସଙ୍କ ପତ୍ନୀ ଜୟଶ୍ରୀ ମଲ୍ଲିକ, ପୁତ୍ର ଓଁ ପ୍ରକାଶ ମଲ୍ଲିକ, ପିତା ଅରକ୍ଷିତ ମଲ୍ଲିକ, ଦାଦାଗଣେଶ ମଲ୍ଲିକ ସମେତ ତମାମ ପରିବାରର ଲୋକେ ଅଭିଯୋଗ କରିଛନ୍ତିଯେ,ସୁବାସଙ୍କୁ କେହି ଦୁର୍ବୃତ୍ତ ନିଆଁ ଲଗାଇ ପୋଡି ମାରିଦେଇଛି। ଏହାର ବିଧିବଦ୍ଧ ଉଚ୍ଚ ସ୍ତରୀୟ ତଦନ୍ତ କରାଯିବା ସହିତ ଦୋଷୀକୁ କଠୋର ଦଣ୍ଡରେ ଦଣ୍ଡିତ କରିବାକୁ ସ୍ଥାନୀୟ ଲୋକେ ମଧ୍ୟ ଦାବି କରିଛନ୍ତି।

### କେନ୍ଦ୍ର ବିରୋଧରେ...

ଏହି କାର୍ଯ୍ୟାନୁଷ୍ଠାନ ବିରୋଧରେ ଏକଜୁଟ ହେବ। ଉଲ୍ଲେଖଯୋଗ୍ୟ ଯେ ୟୁପିଏ ଯୁଗର ମନରେଗା ଯୋଜନା ସ୍ଥାନରେ ବିକଶିତ ଭାରତ-ରୋଜଗାର ଓ ଅଜିବିକା ମିସନ (ଗ୍ରାମୀଣ) ଗ୍ୟାରେଣ୍ଟି ବିଧେୟକକୁ ନିକଟରେ ଶେଷ ହୋଇଥିବା ସଂସଦର ଶୀତକାଳୀନ ଅଧିବେଶନରେ ଗୃହୀତ କରାଯାଇଛି। ଏହାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ମତି ମଧ୍ୟ ମିଳିଯାଇଛି।

କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳ ମନରେଗାର ସ୍ଥାନ ନେଉଥିବା ନୂଆ ଆଇନକୁ ନେଇ କଡ଼ା ଆପତ୍ତି କରିଥିଲେ। କହିଥିଲେ ଏହା ମହାତ୍ମା ଗାନ୍ଧିଙ୍କ ଅପମାନ। କାରଣ ତାଙ୍କ ନାମରେ ଅନେକ ଶୀର୍ଷକ ହଟାଇ ଦିଆଗଲାଣି। ନୂଆ ଆଇନରେ ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ଯାହାର ବୟସ୍କ ସଦସ୍ୟ ଅକୁଶଳ ଶାରୀରିକ ଶ୍ରମ ନିମନ୍ତେ ସ୍ୱେଚ୍ଛାରେ ଆଗକୁ ଆସିଲେ ଏକ ଆର୍ଥିକ ବର୍ଷରେ ୧୨୫ ଦିନର ବେତନଭୋଗୀ ରୋଜଗାରର ବୈଧାନିକ ଗ୍ୟାରଣ୍ଟି ଦିଆଯାଇଛି। ନୂଆ ଆଇନ ଅନୁସାରେ ଯଦିଓ ଏହା କେନ୍ଦ୍ରୀୟ ଯୋଜନା କେନ୍ଦ୍ର ଓ ରାଜ୍ୟଙ୍କୁ ଏହି ଯୋଜନା ନିମନ୍ତେ ୬୦-୪୦ ଅନୁପାତରେ ରାଶି ଆବଣ୍ଟନ କରିବେ।

### ଶ୍ରୀମନ୍ଦିରରେ ମହିଳା...

କରାଯିବ ନାହିଁ। ଏହି ଘଟଣାକୁ ମନ୍ଦିର ପ୍ରଶାସନ ଗୁରୁତର ସହ ଗ୍ରହଣ କରିଛି। ସୁପରଭାଇଜରଙ୍କୁ ସ୍ଥାନୀୟ ଥାନାରେ ଏକ ଋଓଜ ଦାଖଲ କରିବା ପାଇଁ ତୁରନ୍ତ ନିର୍ଦ୍ଦେଶ ଦିଆଯାଇଛି। ଶ୍ରୀ ପାଢୀ କହିଛନ୍ତି, ନିଜେ ସେବାପୂଜା କରିବା ପରିବର୍ତ୍ତେ ଅନ୍ୟଜଣଙ୍କୁ ନିୟୋଜିତ କରିଥିବା ସଂପୃକ୍ତ ସେବକଙ୍କ ବିରୁଦ୍ଧରେ ସେବକ ନିଯୋଗ ମାଧ୍ୟମରେ ଶାସନାତ୍ମକ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଆଇନ ନୁଯାୟୀ ଦଣ୍ଡ ଦିଆଯିବ। ନିଶା ନୃସିଂହ ମନ୍ଦିରରେ ସେବାପୂଜାରେ ନିୟୋଜିତ ସେବକମାନଙ୍କ ବ୍ୟତୀତ, ଅନ୍ୟ ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ, ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ମନ୍ଦିର ପ୍ରବେଶ ବନ୍ଦ ରହିବ। ଶ୍ରୀମନ୍ଦିରର ଗରିମା ଓ ପବିତ୍ରତା ଉପରେ ଆଞ୍ଚ ଆଣୁଥିବା କାହାକୁ ମଧ୍ୟ କ୍ଷମା କରାଯିବ ନାହିଁ। ମହାପ୍ରଭୁ ଏମାନଙ୍କୁ ସଦ୍ ବୁଦ୍ଧି ପ୍ରଦାନ କରନ୍ତୁ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି।

### ଓମ୍‌ସା ଦାବିକୁ ନେଇ...

ଅନ୍ତର୍ବିଭାଗୀୟ କମିଟି ଗଠନ କରାଯାଇଛି। ଏହି କମିଟି ଅତିରିକ୍ତ ମୁଖ୍ୟ ସଚିବ ଜିଏ ଏବଂ ପିଜି ବିଭାଗଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଛି।

କମିଟିର ସଦସ୍ୟ ଭାବେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର-ତଥା-ସଚିବ ଏବଂ ଓଡ଼ିଶା ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ରହିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର-ତଥା-ସଚିବ କମିଟିର ସଦସ୍ୟ-କନଭେନର୍ ଭାବେ କାର୍ଯ୍ୟ କରିବେ।

ଏହି କମିଟି ଓମ୍‌ସାର ବିଭିନ୍ନ ଦାବି ଉପରେ ଆଲୋଚନା କରି, ସେଗୁଡ଼ିକର ବିଭିନ୍ନ ଦିଗ ଗୁଡିକ ବିଚାର କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ। ରାଜ୍ୟ ସରକାର ଚିକିତ୍ସକମାନଙ୍କ ସମସ୍ୟା ପ୍ରତି ସମ୍ବେଦନଶୀଳ ଓ ସାର୍ବଜନୀନ ସ୍ୱାସ୍ଥ୍ୟ ସେବାକୁ ଅଧିକ କାର୍ଯ୍ୟକାରୀ କରିବା ପାଇଁ ସଦା ସକାରାତ୍ମକ ପଦକ୍ଷେପ ଗ୍ରହଣ କରୁଛନ୍ତି।




Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460

Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ